୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍यवेक्षक

Vol.26 . No.192 Bhubaneswar Friday September 06 2024 | ୨୬ତମ ବର୍ଷ ସଂଖ୍ୟା–୧୯୨ ଭୁବନେଶ୍ୱର, ଶୁକ୍ରବାର, ସେପ୍ଟେମ୍ବର ୦୬, ୨୦୨୪ (୮ ପୃଷ୍ଠା) ମୂଲ୍ୟ–୧.୫୦ ₹ 1.50 (Air Surcharge - 0.50P) Member-INS

## ୭୦୦ ଫୁଟ୍ ଘାଟିରୁ ଖସିଲା ସେନା ଗାଡ଼ି, ୪ ସୈନ୍ୟ ମୃତ



ଭୁବନେଶ୍ୱର,୫।୯(ପି.ଏନ): ସିକ୍କିମରେ ସେନା ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏଥିରେ ୪ ଜଣ ସୈନ୍ୟଙ୍କ ମୃତ୍ୟୁ ଘଟିଛି। ଦୁର୍ଘଟଣା ପରେ ସେନା ଗାଡ଼ି ୭୦୦ ଫୁଟ୍ ତଳକୁ ଖସି ପଡିଥିଲା। ସୂଚନା ଅନୁସାରେ, ଆଜି ସେନାର ଏକ ଗାଡ଼ି କିଛି ସୈନ୍ୟଙ୍କୁ ନେଇ ପଶ୍ଚିମବଙ୍ଗ ପେଡୋଙ୍ଗରୁ ସିକ୍କିମର ଜୁଲୁକ ଯାଉଥିଲା। ଏହି ସମୟରେ ସିକ୍କିମର ପାକିଙ୍ଗ ଜିଲ୍ଲାର ରେଶମ ମାର୍ଗରେ ଦୁର୍ଘଟଣା ହୋଇଥିଲା।

## କେଜ୍ରିୱାଲ୍‌ଙ୍କ ଜାମିନ୍ ଆବେଦନକୁ ସୁପ୍ରିମ୍‌କୋର୍ଟରେ ବିରୋଧ କଲା ସିବିଆଇ

ନୂଆଦିଲ୍ଲୀ,୫।୯(ପି.ଏନ): ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ୍‌ଙ୍କ ଜାମିନ୍ ଆବେଦନ ଉପରେ ସୁପ୍ରିମକୋର୍ଟ ଶୁଣାଣି କରିବାକୁ ଥିବା ବେଳେ ଏହାକୁ ବିରୋଧ କରିଛି କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ (ସିବିଆଇ)। ଶୀର୍ଷ ଅଦାଲତକୁ ଗୁରୁବାର କେଜ୍ରିୱାଲ୍‌ଙ୍କ ଜାମିନ୍ ଶୁଣାଣି କରିବାକୁ ଥିବା ବେଳେ ସିବିଆଇ ଯୁକ୍ତି କରିଛି ଯେ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ତାଙ୍କ ସହ–ଅଭିଯୁକ୍ତଙ୍କ ସହ ବିଚାର କରାଯିବା ଉଚିତ ନୁହେଁ।

## ରେଭେନ୍ସା ସହିତ ସମସ୍ତଙ୍କ ଭାବାବେଗ ଜଡ଼ିତ..',: ବିଧାନସଭାରେ ଉଠିଲା ରେଭେନ୍ସା ନାଁ ପରିବର୍ତ୍ତନ ପ୍ରସଙ୍ଗ



ଭୁବନେଶ୍ୱର,୫।୯(ପି.ଏନ): ବିଧାନସଭାରେ ରେଭେନ୍ସା ବିତର୍କ। ଶୂନ୍ୟକାଳରେ ଉଠିଲା ରେଭେନ୍ସା ନାମ ପରିବର୍ତ୍ତନ ପ୍ରସଙ୍ଗ।ମୁହାଁ ମୁହିଁ ହେଲେ ଶାସକ ଓ ବିରୋଧୀ। ବିଧାୟକ ବ୍ୟୋମକେଶ ରାୟ କହିଛନ୍ତି, 'କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟକୁ ଜଣେ ଉପମୁଖ୍ୟମନ୍ତ୍ରୀ ଓ ଉଚ୍ଚଶିକ୍ଷା ମନ୍ତ୍ରୀ ସମର୍ଥନ ଜଣାଇଛନ୍ତି। କେନ୍ଦ୍ରମନ୍ତ୍ରୀଙ୍କ ମନ୍ତବ୍ୟକୁ ନେଇ ଛାତ୍ର ଆନ୍ଦୋଳନ ତେଜିବାରେ ଲାଗିଲାଣି । ଅତୀତର ଇତିହାସକୁ ବର୍ତ୍ତମାନ ପିଢ଼ି କାହିଁକି ତର୍ଜମା କରିବ। ଇତିହାସକୁ ବିକୃତ କରୁଥିବାରୁ ଛାତ୍ର ଆନ୍ଦୋଳନ ଏହାର ପ୍ରତିବାଦରେ ଜାରି ରଖିଛି । ସରକାର ଏହା ଉପରେ ସ୍ପଷ୍ଟିକରଣ ରଖନ୍ତୁ।' ରେଭେନ୍ସା ପ୍ରସଂଗରେ ଗୃହରେ ମୁଖ୍ୟମନ୍ତ୍ରୀ ବିବୃତି ରଖନ୍ତୁ ବୋଲି କହିଛନ୍ତି ବ୍ୟୋମକେଶ। ବିଜେଡି ବିଧାୟକ ଶାରଦା ଜେନା କହିଛନ୍ତି, 'କେନ୍ଦ୍ରମନ୍ତ୍ରୀ କୌଣସି ସାଧାରଣ ବ୍ୟକ୍ତି ନୁହନ୍ତି। କେନ୍ଦ୍ରମନ୍ତ୍ରୀଙ୍କ କୌଣସି ବ୍ୟକ୍ତିଗତ ମତ ନଥାଏ । ନୂଆ କଲେଜ ସ୍ଥାପନ କରି ନୂଆ ନାଁ ରଖନ୍ତୁ। ବର୍ତ୍ତମାନ୍ ଛାତ୍ର ଆନ୍ଦୋଳନ ତେଜିଲାଣି, ମୁଖ୍ୟମନ୍ତ୍ରୀ ଗୃହରେ ବିବୃତି ରଖନ୍ତୁ।'କଂଗ୍ରେସ ବିଧାୟିକା ସୋଫିଆ ଫିର୍‌ଦୋସ କହିଛନ୍ତି, 'ନବମ ଦଶମ ପଢ଼ିବା ବେଳୁ ସମସ୍ତଙ୍କର ଇଚ୍ଛା ଥାଏ ରେଭେନ୍ସାରେ ଅଧ୍ୟୟନ ପାଇଁ। ରେଭେନ୍ସା ସହିତ ସମସ୍ତଙ୍କ ଭାବାବେଗ ଜଡ଼ିତ।କିନ୍ତୁ କେନ୍ଦ୍ରମନ୍ତ୍ରୀଙ୍କ ବୟାନ ଛାତ୍ର ଛାତ୍ରୀଙ୍କ ମନକୁ ଆଘାତ ଦେଇଛି। ନା ବଦଳେଇବା ଚକ୍କରରେ ନ ପଡ଼ି ରେଭେନ୍ସା ଦ୍ୱିତୀୟ କ୍ୟାମ୍ପସ କିଭଳି ପୂର୍ଣ୍ଣ କାର୍ଯ୍ୟକ୍ଷମ କରିବା ଦିଗରେ ପ୍ରୟାସ କରିବା ଆବଶ୍ୟକ। ରାଜ୍ୟ ସରକାର ଏଠାରେ ଓଡ଼ିଆ ଅସ୍ମିତା କଥା କହୁଛନ୍ତି ସର୍ଦ୍ଦାର ବଲ୍ଲଭ ଭାଇ ପଟେଲ ଷ୍ଟାଡିଅମ ନାଁ ପରିବର୍ତ୍ତନ କରି ନରେନ୍ଦ୍ର ମୋଦୀ ଷ୍ଟାଡିଅମ କରିବା କ'ଣ ଭାରତ ଅସ୍ମିତା କି।'ବିଧାୟକ ଟଙ୍କଧର ତ୍ରିପାଠୀ କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଯେଉଁ ପ୍ରସ୍ତାବ ଦେଇଛନ୍ତି ତାକୁ ଓଡ଼ିଶା ବାସୀ ଗ୍ରହଣ କରି ନେଇଛନ୍ତି ।ଯେଉଁମାନେ ରିମୋର୍ଟ ରେ ପରିଚାଳିତ ହେଉଥିଲେ ସେମାନେ ବିରୋଧ କରୁଛନ୍ତି । ୨୦୦ ବର୍ଷ ଇଂରେଜ ମାନେ ଆମକୁ ଶାସନ କଲେ ତାଙ୍କ ନାମରେ କାହିଁକି କୌଣସି ଅନୁଷ୍ଠାନ ନାମିତ ହେବ । ଓଡ଼ିଶାରେ ଅନେକ ବରପୁତ୍ର ରହିଛନ୍ତି । ସେମାନଙ୍କ ନାମରେ ନାମିତ ହେବା କଥା । ବିଦେଶୀ ଶାସନର ମାନସିକତାକୁ ଗ୍ରହଣ କରୁଥିବା ନ୍ୟର୍ଥ ସ୍ୱାର୍ଥ ବ୍ୟକ୍ତିଙ୍କ ମାନସିକତା କୁ ନେଇ ବିତର୍କ ହେବା ଆବଶ୍ୟକ। ବିଧାୟକ ଇରାଶିଶ ଆଚାର୍ଯ୍ୟ କହିଛନ୍ତି ଓଡ଼ିଆ ମାନେ ଉତ୍ସାହ ହୀନ ଓ ଅଳସୁଆ ବୋଲି କହିଥିଲେ ରେଭେନ୍ସା । କେନ୍ଦ୍ରମନ୍ତ୍ରୀ କହିଛନ୍ତି ବିତର୍କ ହେବା ଆବଶ୍ୟକ କିନ୍ତୁ କେନ୍ଦ୍ର ମନ୍ତ୍ରୀ ଗୃହର ସଦସ୍ୟ ନୁହଁନ୍ତି । ତାଙ୍କ ବିଷୟ ରେ ଗୃହରେ ଆଲୋଚନା କରାଯାଇ ଗୃହକୁ ଭିନ୍ନ ଆଡ଼କୁ ନେଉଛନ୍ତି ବିରୋଧୀ ।

## ଗୃହରେ ରାଜସ୍ୱ ମନ୍ତ୍ରୀଙ୍କ ବଡ଼ ସୂଚନା: ତାଳଗଛ ଲଗାଇବାକୁ ୭ କୋଟି ଟଙ୍କା

ଭୁବନେଶ୍ୱର,୫।୯(ପି.ଏନ): ରାଜ୍ୟରେ ବଜ୍ରପାତ ସଂଖ୍ୟା ବଢ଼ି ଚାଲିଥିବାରୁ ତାଳ ଗଛ ଲଗାଇବା ପାଇଁ ସରକାର ୭ କୋଟି ଟଙ୍କା ବନ ବିଭାଗକୁ ଦେଇଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି । ତାଳଗଛ ଲଗାଇବାରେ ସମସ୍ତ ବିଧାୟକ ସଚେତନତା ସହ ସହଯୋଗ କରନ୍ତୁ ବୋଲି ମନ୍ତ୍ରୀ ଆଜି ନିବେଦନ କରିଛନ୍ତି ।ଗୁରୁବାର ବିଧାନସଭା ପ୍ରଶ୍ନକାଳ ସମୟରେ ଝାରସୁଗୁଡ଼ା ବିଧାୟକ ଟଙ୍କଧର ତ୍ରିପାଠୀଙ୍କ ପ୍ରଶ୍ନରେ ଉତ୍ତର ରଖିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ। ଟଙ୍କଧରଙ୍କ ପ୍ରଶ୍ନରେ ରାଜସ୍ୱ ମନ୍ତ୍ରୀ କହିଛନ୍ତି, ରାଜ୍ୟରେ ବିପର୍ଯ୍ୟୟ ପରିଚାଳନା ପାଇଁ ଯଥେଷ୍ଟ ପାଣ୍ଠି ଅଛି। ବିପର୍ଯ୍ୟୟ ପରିଚାଳନା ବିଭାଗ ପାଖରେ ୨୩୦୦ କୋଟି ଟଙ୍କା ଅଛି । ସେଥିରୁ ବିପର୍ଯ୍ୟୟ କ୍ଷତିପୂରଣ ପାଇଁ ୨୦୦ କୋଟି ଟଙ୍କା ରଖାଯାଇଛି। ବଜ୍ରପାତ ଜନିତ ମୃତ୍ୟୁ ପ୍ରବାସୀ ଓଡ଼ିଆଙ୍କୁ କ୍ଷତିପୂରଣ ପାଇଁ ବିଚାର ଚାଲିଛି ବୋଲି ମନ୍ତ୍ରୀ କହିଛନ୍ତି ।ସୂଚନାଯୋଗ୍ୟ, ଗତ ୫ ବର୍ଷରେ ଓଡ଼ିଶାରେ ବଜ୍ରପାତରେ ୧୧୦୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଉତ୍ତରପ୍ରଦେଶ ବଡ଼ ରାଜ୍ୟ ହୋଇ ବି ୫ ବର୍ଷରେ ଯାଇଛି ମାତ୍ର ୫୪୨ ଜୀବନ। ସୁନ୍ଦରଗଡ଼, କେନ୍ଦୁଝର, ବାଲେଶ୍ୱରରେ ବଜ୍ରପାତ ମୃତ୍ୟୁସଂଖ୍ୟା ଅଧିକ। ୫ ବର୍ଷରେ ଝାରସୁଗୁଡ଼ାରେ ସର୍ବାଧିକ ୭୨ ଓ ବଲାଙ୍ଗୀରରେ ୫୫ ଜଣଙ୍କ ମୃତ୍ୟୁ ଘଟିଛି। ଗବେଷଣା କହୁଛି, ଓଡ଼ିଶାରେ ଅଧିକ ଖଣିଜ ପଦାର୍ଥ ଥିବାରୁ ବଜ୍ରପାତ ହେଉଛି। ଖଣିଜ ପଦାର୍ଥ ହେଉଛି ବିଦ୍ୟୁତ୍ ସୁପରିବାହୀ। ନିର୍ଦ୍ଦିଷ୍ଟ କେଉଁଠି ବଜ୍ରପାତ ହେବ ଆକଳନ ପାଇଁ ଜ୍ଞାନକୌଶଳ ଆସି ନାହିଁ।

## ମିଳିଲାନି ଆମ୍ବୁଲାନ୍ସ; ୨ ମଲା ପୁଅଙ୍କୁ କାନ୍ଧରେ ବୋହି ଘରକୁ ନେଲେ ବାପାମାଆ



ଭୁବନେଶ୍ୱର,୫।୯(ପି.ଏନ): ମହାରାଷ୍ଟ୍ର ଅହେରୀ ତାଲୁକ ଅଞ୍ଚଳରେ ବିକାଶର ନଗ୍ନଚିତ୍ର। ଆମ୍ବୁଲାନ୍ସ ନ ମିଳିବାରୁ ଦୁଇ ମୃତ ପୁଅଙ୍କୁ କାନ୍ଧରେ ବୋହି ଘରକୁ ନେଇଛନ୍ତି ବାପାମାଆ। ଏକ କି ଦୁଇ କିଲୋମିଟର ନୁହେଁ, ପୂରା ୧୫ କିଲୋମିଟର କାଦୁଅ ରାସ୍ତାରେ ଚାଲିବାର ଭିଡିଓ ସୋଶାଲ ମିଡିଆରେ ଭାଇରାଲ୍ ହେଉଛି। ବିରୋଧୀ ଦଳର ନେତା ବିଜୟ ୱାଦେତିୱାରୀ ସୋଶାଲ ମିଡିଆରେ ଏହି ସମୟର ଭିଡିଓ ଶେଆର କରିଛନ୍ତି। ସେ ଲେଖିଛନ୍ତି ଯେ, ଦୁଇ ଭାଇ ଜ୍ୱରରେ ପୀଡିତ ହୋଇଥିଲେ। ଚିକିତ୍ସା ଅଭାବରୁ ଡାକ୍ତରଖାନାରେ ସେମାନଙ୍କର ମୃତ୍ୟୁ ଘଟିଥିଲା।

## ସରକାରଙ୍କୁ ସୁପାରିଶ କଲା ସେନା; ଅଗ୍ନିପଥ ଯୋଜନାରେ ଆସିବ ପରିବର୍ତ୍ତନ



ଭୁବନେଶ୍ୱର,୫।୯(ପି.ଏନ): ଭାରତୀୟ ସେନାରେ ନିଯୁକ୍ତି ନେଇ କେନ୍ଦ୍ର ସରକାର ଆଣିଥିବା ଅଗ୍ନିପଥ ଯୋଜନାର ହେବ ପରିବର୍ତ୍ତନ। ଆଗକୁ ଏହି ଯୋଜନାରେ କିଛି ପରିବର୍ତ୍ତନ ହେବା ନେଇ ବିଶେଷ ସୂତ୍ରରୁ ପ୍ରକାଶ ପାଇଛି ।ପ୍ରତିରକ୍ଷା ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁସାରେ, ଅଗ୍ନିପଥ ନିଯୁକ୍ତିରେ ସଂରକ୍ଷଣ ଶତକଡ଼ା ବୃଦ୍ଧି କରିବା ସହିତ ଅଧିକ ଯବାନଙ୍କ ଚାକିରି କାଳ ବୃଦ୍ଧି କରିବାକୁ ଯୋଜନା ଚାଲିଛି। ଅଗ୍ନିପଥନ ଯୋଜନାର ସାମଗ୍ରିକ ଗଠନ ଏବଂ ଲାଭରେ ପରିବର୍ତ୍ତନ ଆଣିବାକୁ ଲକ୍ଷ୍ୟ ରଖି ଏହି ବ୍ୟବସ୍ଥା ଅଣାଯାଉଛି । ପ୍ରତିରକ୍ଷା ମନ୍ତ୍ରଣାଳୟର ବରିଷ୍ଠ ଅଧିକାରୀଙ୍କ କହିବାନୁସାରେ, ଆର୍ଗ୍ନିବୀରଙ୍କ ରକ୍ଷଣାବେକ୍ଷଣ ପ୍ରତିଶତ ବୃଦ୍ଧି ଉପରେ ବିଚାରବିମର୍ଶ ଚାଲିଛି । ଏହା ମାଧମରେ ଅଧିକ ସଂଖ୍ୟକ ଅଗ୍ନିବୀରଙ୍କୁ ଚାରି ବର୍ଷର କାର୍ଯ୍ୟକାଳ ପରେ ପୂର୍ଣ୍ଣକାଳୀନ ସେବା ଜାରି ରଖିବାକୁ ଅନୁମତି ଦେବ।

## ଶିବାଜୀଙ୍କ ଷ୍ଟାଚ୍ୟୁ ଭୁଶୁଡ଼ିବା ଘଟଣା: ମୋଦିଙ୍କୁ ଟାର୍ଗେଟ କଲେ ରାହୁଲ ଗାନ୍ଧି





ଭୁବନେଶ୍ୱର,୫।୯(ପି.ଏନ): ମହାରାଷ୍ଟ୍ରରେ ଛତ୍ରପତି ଶିବାଜୀ ମହାରାଜଙ୍କ ପ୍ରତିମୂର୍ତ୍ତି ଭୁଶୁଡିବା ଘଟଣାରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଉପରେ ଜୋରଦାର ବର୍ଷିଛନ୍ତି କଂଗ୍ରେସ ସାଂସଦ ରାହୁଲ ଗାନ୍ଧି। ପ୍ରତିମୂର୍ତ୍ତି ଭୁଶୁଡିବା ଘଟଣା ୧୭ତମ ଶତାବ୍ଦୀର ସମ୍ରାଟ ପ୍ରତି ଅପମାନ ବୋଲି ରାହୁଲ କହିଛନ୍ତି ।ସାଙ୍ଗଲିରେ ଆୟୋଜିତ ଗୋଟିଏ କାର୍ଯ୍ୟକ୍ରମରେ ରାହୁଲ ଗାନ୍ଧି ଅଭିଯୋଗ କରିଛନ୍ତି ଯେ ପ୍ରତିମୂର୍ତ୍ତିର ନିର୍ମାଣ କାମ ଜଣେ ଆରଏସଏସ କର୍ମୀଙ୍କୁ ଦିଆଯାଇଥିଲା। ଏଥିସହ ପ୍ରତିମୂର୍ତ୍ତି ଭୁଶୁଡିବା ଘଟଣାରେ ପ୍ରଧାନମନ୍ତ୍ରୀ ମୋଦି ମାଗିଥିବା କ୍ଷମାକୁ ମଧ୍ୟ ରାହୁଲ କଟାକ୍ଷ କରିଛନ୍ତି। ସେ କହିଛନ୍ତି, "ନିର୍ମାଣ ହେବାର କିଛି ମାସ ମଧ୍ୟରେ ପ୍ରତିମୂର୍ତ୍ତି ଭୁଶୁଡି ପଡିଛି। ଏହା ଶିବାଜୀ ମହାରାଜଙ୍କ ପ୍ରତି ଘୋର ଅପମାନ।"

## ବିଜେପିରେ ମିଶିଲେ କ୍ରିକେଟର ରବୀନ୍ଦ୍ର ଜାଡେଜା



ଭୁବନେଶ୍ୱର,୫।୯(ପି.ଏନ): ଟି-୨୦ କ୍ରିକେଟରୁ ଅବସର ନେଇ ସାରିଥିବା ଟିମ ଇଣ୍ଡିଆର ଷ୍ଟାର ଅଲରାଉଣ୍ଡର ରବୀନ୍ଦ୍ର ଜାଡେଜା ତାଙ୍କର ନୂଆ ଇନିଂସ ଆରମ୍ଭ କରିଛନ୍ତି। ସେ ଏବେ ରାଜନୀତିରେ ପାଦ ଦେଇଛନ୍ତି। ଜାଡେଜା କେନ୍ଦ୍ରରେ କ୍ଷମତାସୀନ ବିଜେପିରେ ମିଶିଛନ୍ତି। ଜାଡେଜା ବିଜେପିର ସଦସ୍ୟତା ଗ୍ରହଣ କରିଥିବା ତାଙ୍କ ପତ୍ନୀ ସମସ୍ତଙ୍କୁ ଅବଗତ କରାଇଛନ୍ତି ।ରବୀନ୍ଦ୍ର ଜାଡେଜାଙ୍କ ପତ୍ନୀ ରିଭାବା ହେଉଛନ୍ତି ବିଜେପିର ଗୁଜରାଟ ବିଧାୟକ। ତାଙ୍କ ପରେ ଏବେ ଜାଡେଜା ବିଜେପିର ସଦସ୍ୟତା ଗ୍ରହଣ କରିଛନ୍ତି। ରିଭାବା ନିଜ ସୋଶାଲ ମିଡିଆ ଆକାଉଣ୍ଟରେ ରବୀନ୍ଦ୍ର ଜାଡେଜା ବିଜେପିର ନୂଆ ସଦସ୍ୟ ହୋଇଥିବା ଫଟୋକୁ ଶେୟାର କରିଛନ୍ତି।

## ଘୋଷଣା

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୫ ତାରିଖ ସଂସ୍କରଣଟି ପ୍ରକାଶ ପାଇ ପାରିନଥିଲା। ଏହି ଅନିଚ୍ଛାକୃତ ତ୍ରୁଟି ପାଇଁ ଆମେ ଦୁଃଖିତ।

–ପ୍ରକାଶକ

## ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କୁ ଖାଦ୍ୟ ଆୟୋଗ ଅଧ୍ୟକ୍ଷଙ୍କ ଚ୍ୟାଲେଞ୍ଜ

ଭୁବନେଶ୍ୱର,୫।୯(ପି.ଏନ): ଖାଦ୍ୟ ସୁରକ୍ଷା କମିଶନ ଅଧ୍ୟକ୍ଷ ନିଯୁକ୍ତି ପ୍ରସଙ୍ଗରେ ଖାଦ୍ୟ ଯୋଗାଣ ମନ୍ତ୍ରୀ ଦେଇଥିବା ପ୍ରଶ୍ନର ଉତ୍ତର ରଖିଛନ୍ତି ଖାଦ୍ୟ ଆୟୋଗ ଅଧ୍ୟକ୍ଷ ଅବନୀ ସାହୁ । କହିଛନ୍ତି, ପୂର୍ବ ସରକାର ଦେଇଥିବା ଗାଇଡଲାଇନ ଅନୁଯାୟୀ ଚାକିରି କରିଥିଲି ।କାହାକୁ ଠକି କି ଚାକିରି କରିନାହିଁ । ମୋ ନାଁକୁ ନେଇ ବିଧାନସଭାରେ ମନ୍ତ୍ରୀ ଏଭଳି ଚର୍ଚ୍ଚା କରିବା ଲାଗି ଧନ୍ୟବାଦ । ବିଏ ପଢି ଏତେ ବଡ଼ ଚାକିରି କରିବା କଥାକୁ ଧନ୍ୟବାଦ ଜଣାଉଛି ।ଏହାସହ ହରିୟାଣା, ମହାରାଷ୍ଟ୍ର, ଝାଡଖଣ୍ଡ ଓ ଛତିଶଗଡ଼ରେ ନିଜ ଦଳର ଫୁଡ ଅଫିସର ଅଛନ୍ତି । ସେମାନେ କ'ଣ ପାଠ ପଢ଼ିଛନ୍ତି ସେ ନେଇ ମନ୍ତ୍ରୀ ଉତ୍ତର ଦିଅନ୍ତୁ ବୋଲି ଅବନୀ ଚ୍ୟାଲେଞ୍ଜ କରିଛନ୍ତି । ପୂର୍ବ ସରକାରରେ ଯଦି ଜାଲିଆତି ହୋଇଛି ତେବେ ଏହାର ତଦନ୍ତ କର । ସବୁ ସତ ସାମ୍ନାକୁ ଆସିଯିବ । ମିଛରେ ବାହାସ୍ଫୋଟ ମାରିଲେ କିଛି ଲାଭ ନାହିଁ । ତଦନ୍ତ କଲେ ସହଯୋଗ କରିବି । ଗତକାଲି ପ୍ରଶ୍ନୋତ୍ତର କାଳରେ ଖାଦ୍ୟ ସୁରକ୍ଷା କମିଶନ ଅଧ୍ୟକ୍ଷଙ୍କ ନିଯୁକ୍ତି ନେଇ ଗୃହରେ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ବିଭିନ୍ନ ଆରୋପ ଲଗାଇଥିଲେ । ଯୋଗ୍ୟତା ଥିବା ଲୋକଙ୍କୁ ବାଦ ଦେଇ ପୂର୍ବ ସରକାର ଜଣେ କୋଇଲା ଚୋରକୁ ଖାଦ୍ୟ ସୁରକ୍ଷା କମିଶନ ଅଧକ୍ଷ ଭାବେ ନିଯୁକ୍ତି ଦେଇଛନ୍ତି । ସେ ପାଉଁଶ ପୋଖରୀରେ ପକାଏ । ଯେଉଁ ପଦ ପାଇଁ ଓଉଝ ମାନେ ଆବେଦନ କରିଥିଲେ, ସେଥିରେ ଜଣେ ବିଏ ପାସ କୋଇଲା ଚୋରକୁ କାହିଁକି ନିଯୁକ୍ତି ଦେଇ ମାସକୁ ୩ ଲକ୍ଷ ଟଙ୍କା ଦିଆଯାଉଥିଲା ବୋଲି ଖାଦ୍ୟ ଯୋଗାଣ ମନ୍ତ୍ରୀ ଆରୋପ ଲଗାଇଥିଲେ ।

## ସଂସଦରେ ୱାକଫ ବିଲକୁ ବିରୋଧ କରିବ ବିଜେଡି: ନବୀନ



ଭୁବନେଶ୍ୱର,୫।୯(ପି.ଏନ): ୱାକଫ ବିଲକୁ ସଂସଦରେ ଦୃଢ ବିରୋଧ କରିବ ବିଜେଡି । ଶଙ୍ଖ ଭବନରେ ଅନୁଷ୍ଠିତ ବିଜେଡି ସଂଖ୍ୟାଲଘୁ ସେଲର ବୈଠକରେ ଯୋଗଦେଇ ଏହା କହିଛନ୍ତି ବିଜେଡି ସଭାପତି ନବୀନ ପଟ୍ଟନାୟକ । ସେ କହିଛନ୍ତି- ଶାନ୍ତି ଓ ସଦଭାବନା ହିଁ ପ୍ରଗତିର ଭିତ୍ତି । ସାମ୍ପ୍ରଦାୟିକ ସଦଭାବନା ବଜାୟ ରଖିବା ପ୍ରଥମ କାମ ବୋଲି କହିଛନ୍ତି ନବୀନ । ସେପଟେ ସଂଖ୍ୟାଲଘୁ ସମ୍ପ୍ରଦାୟ ପ୍ରସଙ୍ଗରେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିଜେଡି ସାଂସଦ ମୁନ୍ନା ଖାଁ ।ୱାକଫ ବିଲ ଆଣିବାକୁ ଏନଡିଏ ସରକାର ଉଦ୍ୟମ କରୁଛନ୍ତି । ହେଲେ ସଂସଦରେ ବିଲକୁ ବିଜେଡି କରିବ ବିରୋଧ । ଏନେଇ ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ସ୍ପଷ୍ଟ କରି ଦେଇଛନ୍ତି । ବିଜେଡି ସଂଖ୍ୟଲଘୁ ସେଲ ବୈଠକରେ ଯୋଗଦେଇ ନବୀନ କହିଛନ୍ତି, ଏ ଦେଶ ଆମର, ଏ ମାଟି ଆମର । ଏ ଭାବନା ନେଇ ଗୌରବ ବୃଦ୍ଧି ପାଇଁ କାମ କରିବାକୁ ହେବ । ଶାନ୍ତି ଓ ସଦଭାବନା ହିଁ ପ୍ରଗତିର ଭିତ୍ତି । ଏଥିଯୋଗୁଁ ହିଁ ଓଡିଶା ବିଭିନ୍ନ କ୍ଷେତ୍ରରେ ପ୍ରଗତି ହାସଲ କରିପାରିଛି । ସାମ୍ପ୍ରଦାୟିକ ସଦଭାବନା ବଜାୟ ରଖିବା ପାଇଁ କାମ କରିବାକୁ ପଡିବ । କାର୍ଯ୍ୟକ୍ରମରେ ବୌଦ୍ଧ, ଶିଖ, ମୁସଲିମ ଓ ଖ୍ରୀଷ୍ଟିଆନ ଧର୍ମର ପ୍ରତିନିଧିମାନେ ନବୀନଙ୍କୁ ସମ୍ବର୍ଦ୍ଧିତ କରିଥିଲେ ।ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିଜେଡି ସାଂସଦ ମୁନ୍ନା ଖାଁ । ସେ କହିଛନ୍ତି, ମିଛ କହି ଲୋକଙ୍କୁ ଭୁଆଁ ବୁଲାଇ ବିଜେପି ସରକାରକୁ ଆସିଛି । ବିଜେଡି ସବୁବେଳେ ଓଡ଼ିଶାର ବିକାଶକୁ ଗୁରୁତ୍ୱ ଦେଇଆସିଛି । ବର୍ତ୍ତମାନର ସରକାର ଯେଉଁଭଳି ମନୋଭାବ ରଖୁଛନ୍ତି ତାକୁ ନେଇ ପ୍ରଶ୍ନ ଉଠିବାରେ ଲାଗିଛି । ଭାରତରେ ସବୁ ଧର୍ମର ଲୋକଙ୍କ ଅଧିକାର ରହିଥିବା ବେଳେ ରାଜ୍ୟ ସରକାରଙ୍କ ଆଭିମୁଖ୍ୟକୁ ନେଇ ପ୍ରଶ୍ନ ଉଠାଇଛନ୍ତି ବିଜେଡି ସାଂସଦ ମୁନ୍ନା ଖାଁ ।ସେ କହିଛନ୍ତି, ପ୍ରାର୍ଥନା ବେଳେ ଭଙ୍ଗାରୁଜା ହେଉଛି । ନମାଜ ପଢିବାକୁ ଦିଆଯାଉ ନାହିଁ। ଏହା କି ପ୍ରକାର ମାନସିକତା ? ବିଜୁ ବାବୁଙ୍କ ସମୟରୁ ଧର୍ମ ନିରପେକ୍ଷତାକୁ ବିଜେଡି ସମର୍ଥନ କରିଆସିଛି । ଓଡ଼ିଶାରେ ଶାନ୍ତିର ବାତାବରଣକୁ ଭାଙ୍ଗିବାକୁ ଦିଆଯିବ ନାହିଁ । ସଂଖ୍ୟାଲଘୁ ସେଲର ସଦସ୍ୟମାନେ ଭାଇଚାରା ରକ୍ଷା କରିବାକୁ ପ୍ରସ୍ତାବ ପାସ୍ କରିଛନ୍ତି ବୋଲି ସେ କହିଛନ୍ତି ।ବିଜେଡି ସଂଖ୍ୟାଲଘୁ ସେଲର ବୈଠକରେ ଦଳର ସଂଗଠନ ପ୍ରସଙ୍ଗରେ ଆଲୋଚନା ହୋଇଛି । ବିଭିନ୍ନ ଜିଲ୍ଲାର କାର୍ଯ୍ୟକର୍ତ୍ତା, ସାଙ୍ଗଠନିକ ପ୍ରସଙ୍ଗ ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ କହିବା ସହ ଆଗକୁ ଲୋକଙ୍କ ପାଇଁ ଦୃଢ଼ତାର ସହ କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି ।

## ସାଇବର ଅପରାଧୀଙ୍କ ନୂଆ ଚାଲ ମୋବାଇଲ ସ୍ପୁଫିଂ: ଘରେ ଥାଇ ବି ଆପଣ ହୋଇଯିବେ ଆତଙ୍କବାଦୀ

ଭୁବନେଶ୍ୱର,୫।୯(ପି.ଏନ): ସାଇବର ଅପରାଧୀଙ୍କ ନୂଆଚାଲ । ଆପଣଙ୍କ ମୋବାଇଲରୁ କଲ ଯାଇ ଅପରାଧ ଘଟିଥିବ କିନ୍ତୁ ଆପଣ ଜାଣି ନଥିବେ । ଆପଣଙ୍କ ମୋବାଇଲ ସିମ୍କୁ ସାଇବର ଅପରାଧୀ କ୍ଲୋନିଂ କରି ହ୍ୱାଟ୍ସଆପ ହାଇଜାକ କରିଦେଉଛନ୍ତି । ଏପରିକି ଆପଣଙ୍କ ସ୍ୱରକୁ କ୍ଲୋନିଂ କରି ଅପରାଧୀକ କାର୍ଯ୍ୟକଳାପରେ ବ୍ୟବହାର କରାଯାଉଛି । ଯାହା ବିଷୟରେ ଆପଣ କେବେ ବି କଳ୍ପନା କରି ନଥିବେ । ଯାହାକୁ ମୋବାଇଲ ସ୍ପୁଫିଂ ବୋଲି ନାମକରଣ କରାଯାଇଛି । ଅର୍ଥାତ ମୋବାଇଲ ଧୋକାବାଜି । କ'ଣ ଏହି ଧୋକାବାଜି ଜାଣନ୍ତୁ ଏହି ରିପୋର୍ଟରୁ ।ଆପଣ ଘରେ ବସିଥିବେ, ଆଉଟ ଗୋଇଂ କଲ୍ କରି ନଥିବେ । ଅଥଚ ଆପଣ ବିମାନ ଭିତରେ ବମ୍ ରଖିଥିବା ନେଇ ଧରାପଡ଼ିବେ । ପୋଲିସ ଆସି ଆପଣଙ୍କୁ ବାନ୍ଧିବ । ଆଉ ଆପଣଙ୍କ ନାଁରେ ଯୋଡ଼ି ହୋଇଯିବ ଆତଙ୍କବାଦୀ ଟ୍ୟାଗ୍ । ରାତି ପାହିଲାବେଳକୁ ଆପଣଙ୍କୁ ଆସିବ ଶହ ଶହ ଅଫିସ, କଚେରୀ ଓ ବଡ଼ ବଡ଼ ଲୋକଙ୍କ କଲ୍ । ଯାହାଙ୍କୁ କେବେ ବି ଆପଣ ଯୋଗାଯୋଗ କରି ନଥିବେ । ଏପରି ହେଲେ ଜାଣିବେ ଯେ, ଆପଣଙ୍କ ହ୍ୱାଟସ୍‌ଆପ୍ ହାଇଜାକ ହେବା ସହ ଆପଣ ମୋବାଇଲ ସ୍ପୁଫିଂର ଶିକାର ହୋଇଛନ୍ତି ।ଆପଣ ବ୍ୟବହାର କରୁଥିବା ମୋବାଇଲ ସିମ୍ ଆପଣଙ୍କ ପାଖରେ ଥିଲେ ବି ଅତି ସହଜରେ ସାଇବର ଅପରାଧୀ କ୍ଲୋନିଂ କରି ତାକୁ ଅପରାଧିକ କାର୍ଯ୍ୟରେ ବ୍ୟବହାର କରୁଛନ୍ତି । ଏପରି କି ଆପଣଙ୍କ ସ୍ୱର ବି କ୍ଲୋନିଂହେଉଛି । ସାଇବର ଅପରାଧର ନୂଆ ଗବେଷଣାରୁ ଜଣାପଡ଼ିଛି । ଫ୍ରିରେ ଏପରି ବହୁତ ଆପ୍ ସାଇବର ଅପରାଧୀ ଇଣ୍ଟରନେଟରେ ଛାଡୁଛନ୍ତି । କେତେବେଳେ ଆପଣଙ୍କ ମୋବାଇଲ ଆପ୍ ଅପଡେଟ୍ କଲା ବେଳେ ଅଟୋ ଡାଉନଲୋଡ ହେଉଯାଉଛି ନଚେତ୍ କିଛି ଦରକାରୀ ଆପ୍ ବ୍ୟବହାର ଯୋଗ୍ୟ ବୋଲି ଭାବି ଆପଣ ଡାଉନଲୋଡ କରୁଛନ୍ତି । ଉଭୟ କ୍ଷେତ୍ରରେ ଆପଣ ବିପଦକୁ ଡାକୁଛନ୍ତି । ଏପରି କି ମୋବାଇଲ ନମ୍ବର ଓ ସିମ୍କୁ କ୍ଲୋନିଂ କରିବା ପରେ ଆପଣଙ୍କ ଇ-ମେଲ୍କୁ ଅତି ସହଜରେ ଆକସେସ୍ କରିପାରୁଛନ୍ତି ସାଇବର ଅପରାଧୀ । ଏପରି ଜଣାପଡ଼ିଲେ ତୁରନ୍ତୁ ସାଇବର ଅପରାଧୀ ନିୟନ୍ତ୍ରଣ କେନ୍ଦ୍ର ୧୯୩୦କୁ କଲ୍ କରି ଜଣାଇବାକୁ ପରାମର୍ଶ ।କେବଳ ସିମ୍ କ୍ଲୋନିଂ ହେଉନି । ସ୍ୱରକୁ ବି ଅତି ସହଜରେ କ୍ଲୋନିଂ କରି ଦେଉଛନ୍ତି ସାଇବର ଅପରାଧୀ । ଯାହା କି ଆପଣ କେବେ ବି କଳ୍ପନା କରି ନଥିବେ । ବିଦେଶରେ ଯଦି କେହି ଆପଣଙ୍କ ଆତ୍ମୀୟ ଅଛନ୍ତି ତା'ହେଲେ ତାଙ୍କ ଟୋନରେ ଆପଣଙ୍କୁ ଯୋଗାଯୋଗ କରି ମୋଟା ଅର୍ଥ ଅତି ସହଜରେ ଠକି ନେଉଛନ୍ତି ସାଇବର ଲୁଟେରା ।ପୂର୍ବତନ ପୋଲିସ ପ୍ରଶାସକଙ୍କ ମତରେ ଏପରି ଘଟଣା କାହା ସହିତ ବି ଘଟିପାରେ । ଯଦି କେହି ବି ୧୯୩୦ ବିଷୟରେ ଜାଣିନାହାନ୍ତି ତା'ହେଲେ ତାଙ୍କ ସହ ଏପରି ଘଟିଲେ ସ୍ଥାନୀୟ ଥାନା ବା ଫାଣ୍ଡିରେ ନିଜ ମୋବାଇଲ ନମ୍ବରଟି ଦେଇ ଗୋଟିଏ ଅଭିଯୋଗ ପତ୍ର ଦେଇପାରିବେ । ଏପରି କଲେ ନିଜକୁ ଆଇନର ଫାଶରୁ ମୁକୁଳାଇ ହେବ । ଡେରି କଲେ ଭୟଙ୍କର ହେବ ପରିଣତି ।ବିଶେଷଜ୍ଞଙ୍କ ମତରେ ପ୍ଲେଷ୍ଟୋରରେ ମିଳୁଥିବା ଫ୍ରି-ଆପ୍କୁ ଡାଉନଲୋଡ କରିବା ବେଳେ ସତର୍କତା ଅବଲମ୍ବନ କରନ୍ତୁ । ଯଦି ଆପ୍ ବିକଶିତ କରିଥିବା କମ୍ପାନୀ ଉପରେ ସନ୍ଦେହ ହେଉଛି ତା'ହେଲେ ତାକୁ ଆଦୌ ଡାଉନଲୋଡ କରନ୍ତୁନି । ଡିଜିଟାଲ ବିପ୍ଳବକୁ ରୋକି ହେବନି । କିନ୍ତୁ ସତର୍କ ନ ରହିଲେ ବିନା ଦୋଷରେ ଜେଲ୍ ଯିବା ସାର ହେବ ।








# ଟି ଟାଇମ୍



## ଜୋକ୍ସ

ଚିଣ୍ଟୁ-ବାପା କାଲି ଆମ ସ୍କୁଲକୁ ଯିବ, ଗୋଟେ ଛୋଟିଆ ଗେଟ ଟୁଗେଦର ଅଛି
ବାପା-କିଏ କିଏ ଆସୁଛନ୍ତି ?
ଚିଣ୍ଟୁ-କେହି ନୁହେଁ, ମୁଁ ତମେ ଆଉ ପ୍ରିନ୍ସପାଲ।

# ପୁରାଣ କାହାଣୀ

## ରାଜାଙ୍କ ଗର୍ବ ଖର୍ବ ହେଲା



ଏକଦା ତ୍ରିବିକ୍ରମଙ୍କ ରାଣୀ ତାଙ୍କୁ କିଛି ପରାମର୍ଶ ଦେଲେ ଆପଣଙ୍କ ମନରେ ଉଙ୍କି ମାରୁଥିବା ପ୍ରଶ୍ନକୁ ଖୋଲି ଗୁରୁଙ୍କୁ ପଚାର । ତ୍ରିବିକ୍ରମ ମନରେ ସାହସ ବାନ୍ଧି ଗୁରୁଙ୍କୁ ପ୍ରଶ୍ନ ପଚାରିଲେ ହେ ଗୁରୁବର ଆପଣଙ୍କଠାରୁ ମୁଁ ଶିକ୍ଷା ଗ୍ରହଣ କରୁଛି କିନ୍ତୁ ମୋର କିଛି ଲାଭ ହେଉନାହିଁ । ଏପରି କାହିଁକି ହେଉଛି । ଗୁରୁ ଶାନ୍ତର ସହ କହିଲେ ହେ ରାଜନ ! କଥା ବହୁ ଛୋଟ କିନ୍ତୁ ଆପଣ ଏହି ଛୋଟ କଥା ଉପରେ ଗୁରୁତ୍ୱ ଦେଇନାହାନ୍ତି । ବଡ଼ ହେବାର ଅହଂକାର ଅହଂଭାବ ଯୋଗୁଁ ଆପଣ ମୋ ଜ୍ଞାନକୁ ସହଜେ ଗ୍ରହଣ କରିପାରୁ ନାହାଁନ୍ତି ଓ ଶିକ୍ଷା ଗ୍ରହଣ କରିବାକୁ ଦେଉନାହିଁ । ଏତିକି କହି ଗୁରୁ ରହିଗଲେ । ତ୍ରିବିକ୍ରମଙ୍କୁ ଲାଗିଲା ଯେ ଗୁରୁ କାରଣକୁ ଖୋଜି ବୁଝିପାରିଛନ୍ତି। କିନ୍ତୁ ସେ ସେପରି ଗୁରୁଙ୍କୁ ଚାହିଁ ରହିଥାନ୍ତି। ଗୁରୁ ତାଙ୍କର କଥା ପୁଣି ଥରେ ଆରମ୍ଭ କରି କହିଲେ ଏହା ସତ୍ୟ ଯେ ଆପଣ ଜଣେ ରାଜା ପଦ ଓ ପ୍ରତିଷ୍ଠାରେ ଆପଣ ମୋଠାରୁ ବଡ଼ା କିନ୍ତୁ ଏଠାରେ ମୁଁ ଓ ଆପଣଙ୍କ ମଧ୍ୟରେ ଥିବା ସମ୍ପର୍କ ହେଉଛି ଗୁରୁଓ ଶିଷ୍ୟର ସଂପର୍କ। ଗୁରୁ ହୋଇଥିବା କାରଣରୁ ମୋ ସ୍ଥାନ ସର୍ବଦା ଉଚ୍ଚରେ ରହିବା ଉଚିତ୍। ଆପଣ ରାଜଦରବାରରେ ସର୍ବଦା ଉଚ୍ଚ ସିଂହାସନରେ ବସିଥିବା ବେଳେ ଆପଣଙ୍କ ସୈନ୍ୟ ଓ ରାଜଗୁରୁ ସେନାପତି ଇତ୍ୟାଦି ତଳ ଆସନରେ ବସିବାକୁ ଦେଇଥାନ୍ତି। ଏହି କାରଣରୁ ଆପଣ ଶିକ୍ଷା ଗ୍ରହଣ କରିପାରୁ ନାହାନ୍ତି ଆପଣ ରାଜା ଏଥିପାଇଁ ଆପଣ ଏକଥା କହିପାରୁନଥିଲୋଗୁରୁଙ୍କ ଏପରି କଥା ଶୁଣି ରାଜା ତ୍ରିବିକ୍ରମ ନିଜର ଭୁଲ୍‌କୁ ବୁଝିପାରି ଗୁରୁଙ୍କୁ କ୍ଷମା ମାଗିଲେ ଓ ଶିକ୍ଷା ଗ୍ରହଣ କରିବାରେ ଲାଗିଲେ

# ଆଜିର ଭାଗ୍ୟ

**ମେଷ**: ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ। ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ। ଶତ୍ରୁ ବୃଦ୍ଧି ହୋଇପରେ। ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ।

**ବୃଷ**: ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ। ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ। ମହିଳାମାନେ ଅପମାନିତ ହୋଇପରନ୍ତି।

**ମିଥୁନ**: ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ। ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ। ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ।

**କର୍କଟ**: ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି। ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ। ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ।

**ସିଂହ**: ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ। ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ। ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ। ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ।

**କନ୍ୟା**: ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ। କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ। ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ।

**ତୁଳା**: ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ। କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ। ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ। ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ।

**ବିଛା**: ଚତୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ। ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ। ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ।

**ଧନୁ**: ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ। ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ। ରାଜନୀତିକ ସ୍ତରରେ ଉନ୍ନତି କରିବେ। ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ।

**ମକର**: କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ। ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ। ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ। ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ।

**କୁମ୍ଭ**: ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ। ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ। ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ। ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ।

**ମୀନ**: ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ। ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ। କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି। ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ।

# ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ'ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା'ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଢ଼ଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

# ରୋବଟ କରେ ହୋଟେଲ କାମ


© Reuters

ଜାପାନରେ ଏକ ଏଭଳି ହୋଟେଲ ରହିଛି; ଯାହା ଆଜିକାଲି ଚର୍ଚ୍ଚାରେ ରହିଛି। ଏହି ହୋଟେଲର ସବୁଠାରୁ ବଡ଼ ବିଶେଷତ୍ୱ ହେଉଛି ଏଠାରେ ଜଣେ ହେଲେ କର୍ମଚାରୀ ମଣିଷ ନୁହନ୍ତି। ସମସ୍ତେ ହେଉଛନ୍ତି ରୋବଟ। ଉକ୍ତ ହୋଟେଲରେ ସମସ୍ତ କାମର ଦାୟିତ୍ୱ ରୋବଟଙ୍କ ଉପରେ ଦିଆଯାଇଛି। ହୋଟେଲକୁ ଆସୁଥିବା ଆଗନ୍ତୁକଙ୍କ ପାଇଁ ଦ୍ୱାରା ଖୋଲିବାଠାରୁ ନେଇ ବୁକିଂ କରିବା ପର୍ଯ୍ୟନ୍ତ କାମ ରୋବଟ ହିଁ ତୁଲାଇଥାନ୍ତି। 'ହେନ ନା' ହୋଟେଲରେ ପୂର୍ବରୁ କାମ କରୁଥିବା ସମସ୍ତ କର୍ମଚାରୀଙ୍କୁ ଛଟେଇ କରିଦିଆଯାଇଛି। ୭୨ କକ୍ଷ ରହିଥିବା ଏହି ଆମୋଦଦାୟକ ହୋଟେଲର ଅଭ୍ୟର୍ଥନା କକ୍ଷରେ ଯୁବତୀଙ୍କ ପୋଷାକ ପରିଧାନ କରି ଜଣେ ରୋବଟକୁ ବସାଯାଇଛି। ଏକ ଯାନ୍ତ୍ରିକ ଡାଏନୋସର ଆଗନ୍ତୁକଙ୍କୁ ସ୍ୱାଗତ କରିଥାଏ। 'ହେନ ନା' ଅର୍ଥ ଅଲୌକିକ। ଜାପାନରେ ଏହି ହୋଟେଲରେ ଗୋଟିଏ ରାତି କଟାଇବା ପାଇଁ ୭୨ ଡଲାର ଦେବାକୁ ହୋଇଥାଏ। ଆଗନ୍ତୁକଙ୍କ ଜିନିଷପତ୍ର ରୋବଟ ହିଁ ଉଠାଇଥାନ୍ତି ଏବଂ ଆଗନ୍ତୁକଙ୍କୁ ବୁକିଂ ହୋଇଥିବା କକ୍ଷ ପର୍ଯ୍ୟନ୍ତ ନେଇଯା'ନ୍ତି। ଏହି ହୋଟେଲକୁ ଚଳାଉଥିବା ହିଡିୟୋ ସୱାଡା କହିଛନ୍ତି ଯେ ରୋବଟଙ୍କ ବ୍ୟବହାର କେବଳ ଲୋକଙ୍କ ଧ୍ୟାନ ଆକର୍ଷଣ କରିବା ପାଇଁ କରାଯାଉନାହିଁ; ବରଂ ବୈଷୟିକ ଜ୍ଞାନକୌଶଳର ଭରପୂର ଫାଇଦା ଉଠାଇବା ଲାଗି କରାଯାଉଛି।

# ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ



ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି। ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ବା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାବ୍ରୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ। ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ ।

# ବାଲି ନିର୍ମିତ ହୋଟେଲ୍



ପିଲାଦିନେ ଆମେ ବାଲିରେ ଅନେକ ଘର ବନାଇ ଖେଳନ୍ତି । କିନ୍ତୁ ସେହି ଘର ସାମାନ୍ୟ ଆଘାତରେ ଭାଙ୍ଗିଯାଏ । କିନ୍ତୁ ନେଦରଲ୍ୟାଣ୍ଡର କିଛି ମୂର୍ତ୍ତି ନିର୍ମାଣକାରୀ ଏହି ବାଲି ଘରକୁ ସ୍ଥାୟୀ ବନାଇବାରେ ସଫଳ ହୋଇଛନ୍ତି ଗୋଟିଏ ହୋଟେଲ୍ ମାଧ୍ୟମରେ । ନେଦରଲ୍ୟାଣ୍ଡର ଓସ୍ ଟାଉନ୍‌ରେ ନିର୍ମାଣ କରାଯାଇଛି ଏହି ହୋଟେଲ୍ । ଏବେ କିନ୍ତୁ ସେହି ହୋଟେଲ୍‌ରେ ଗୋଟିଏ ରୁମ୍‌ର ବ୍ୟବସ୍ଥା କରାଯାଇଛି । ସେହି ରୁମ୍‌ରେ ରହିବାକୁ ହେଲେ ଆପଣଙ୍କୁ ଗୋଟିଏ ଦିନ ପାଇଁ ୧୧ହଜାରଟଙ୍କା ମୂଲ୍ୟ ଦେବାକୁ ହେବ। ହୋଟେଲ୍‌ର ମ୍ୟାନେଜର ମାଦ ବେନ୍ ଲିୱେନ କହନ୍ତି ନେଦରଲ୍ୟାଣ୍ଡରେ ଏଭଳି ବାଲି ତିଆରି ହୋଟେଲ୍ ବନାଇବାର ଆଇଡିଆ ତାଙ୍କୁ ଫିନ୍‌ଲ୍ୟାଣ୍ଡ ଓ ସ୍ୱିଡେନ୍ ମିଳିଥିଲା । ସେଠାରେ ବରଫ ନିର୍ମିତ ହୋଟେଲ୍ ଦେଖିବାକୁ ମିଳେ । ସେହି ହୋଟେଲ୍ ମଧ୍ୟରେ ବରଫ ନିର୍ମିତ ବେଡ୍ ରହିଛି, ଘରମାନଙ୍କର ତାପମାତ୍ରା ୮ଡିଗ୍ରୀ ସେଲସିୟସ୍ କମ୍ ରହିଥାଏ । ଲିୱେନ୍ ବାଲିର ହୋଟେଲ୍ ବନାଇବା ପାଇଁ ହଜାର ଟନ୍ ବାଲି ସଂଗ୍ରହ କରିଥିଲେ । ବାଲି ଘରକୁ ସୁଦୃଢ଼ କରିବା ପାଇଁ କାଠର ଢ଼ାଞ୍ଚା ପ୍ରସ୍ତୁତ ହୋଇଥିଲା । ପରେ ବାଲିର ଛାତ, ଭୂଇଁ ଓ କାନ୍ଥ ପ୍ରସ୍ତୁତ ହୋଇଥିଲା । ହୋଟେଲରେ ଅତିଥିଙ୍କ ପାଇଁ ୱାଇଫାଇ, ଲାଇଟ୍ ଓ ପାଣିର ସୁବିଧା ରହିଛି ।

# ୩ ଫୁଟର ବର-କନ୍ୟା



କଥାରେ କୁହନ୍ତି ଯୋଡି ଭଗବାନ ବନାଇ ଥାଆନ୍ତି । ଭଗବାନ ହିଁ ପ୍ରତ୍ୟେକ ମଣିଷ ପାଇଁ ସଠିକ ଜୀବନସାଥୀ ଚୟନ କରିଥାନ୍ତି । ନିକଟରେ ମହାରାଷ୍ଟ୍ରର ଗୋଣ୍ଡାଲବା ସହରର ଛାଜେଡ ପରିବାରରେ ଏକ ବିବାହ ସମ୍ପନ୍ନ ହୋଇଛି । ବିବାହରେ ବରର ଉଚ୍ଚତା ପାଖାପାଖି ୩ ଫୁଟ ହୋଇଥିବା ବେଳେ କନ୍ୟାର ଉଚ୍ଚତା ବି ସେତିକି । ଛାଜେଡ ପରିବାରରେ ଦୁଇ ପୁଅ ଅଛନ୍ତି । ଦୁଇ ଜଣଙ୍କ ଉଚ୍ଚତା ମାତ୍ର ୩.୬ ଫୁଟ । ସେହି ପରିବାରର ସାନ ପୁଅ ଧୀରଜ ବିବାହ କରିଥିଲେ ନିକଟସ୍ଥ ଗାଁର ପୂଜା ସୁରାଣାଙ୍କୁ । ପୂଜାଙ୍କ ଉଚ୍ଚତା ୩.୨ ଫୁଟ ହେବ । ଏହା ପୂର୍ବରୁ ତାଙ୍କ ବଡ ଭାଇଙ୍କ ବିବାହ ଜଣେ ୩.୩ ଫୁଟ ଉଚ୍ଚତାର କନ୍ୟା ସହ ହୋଇଥିଲା । ଏହି ପରିବାରର ସମସ୍ତଙ୍କ ଉଚ୍ଚତା ପ୍ରାୟ ସମାନ ହୋଇଥିବାରୁ ଏହାକୁ ଭଗବାନଙ୍କ ବରଦାନ ବୋଲି କେହି କେହି କୁହନ୍ତି ।

# ପ୍ରଦୂଷଣ ବିହୀନ କାର୍

ଗାଡ଼ିମଟରର ବ୍ୟବହାର ପ୍ରଦୂଷଣ ବଢ଼ାଇଥାଏ । କିନ୍ତୁ ଏହି ଫଟୋ ଦେଖି ଆପଣ ଅନୁମାନ ଲଗାଇପାରୁଥିବେ କାର୍ ନିର୍ମାତାମାନେ ପ୍ରଦୂଷଣ ରୋକିବା ପାଇଁ ଅନେକ ପରିଶ୍ରମ କରୁଛନ୍ତି । ଏହା ସ୍ମାର୍ଟ ଫୋରଟୁ କାର୍। ଏଥିରେ ପାଞ୍ଚ ବର୍ଗ ମିଟର କ୍ଷେତ୍ରରେ ଘାସ ଜମା ହୋଇଛି । ଯାହା ପ୍ରକୃତରେ ସତସତିକା ଘାସ ନୁହେଁ ଏହା ସିଡ଼ମ ଘାସ। କାର ନିର୍ମାତାମାନେ ସେହି ସିଡ଼ମ ଘାସର ବ୍ୟବହାର କରିଛନ୍ତି । ସ୍ମାର୍ଟ ଫୋରଟୁ କାର୍ ମୁବଲ ଲ୍ୟାବର ଗ୍ରୀନ୍ ସ୍କ୍ରିନ୍ ପ୍ରୋଜେକ୍ଟ ଅନ୍ତର୍ଗତ । ମୁବଲଙ୍କ କହିବା ଅନୁସାରେ ରାସ୍ତାରେ ଯେତେବେଳେ ଏହି ଧରଣର କାର୍ ଚାଲିବ, ପ୍ରଦୂଷଣ କମ୍ ହେବ ଓ ପର୍ଯ୍ୟାବରଣର ପରିସ୍ଥିତି ସୁଧୁରିବ। ଏହି କାର୍‌କୁ ପ୍ରଥମେ ଜର୍ମାନଠାରେ ଷ୍ଟଟଗାର୍ଟରେ ଆସନ୍ତା ବର୍ଷର ପ୍ରଥମ ମାସରେ ସଡ଼କ ଉପରକୁ ଅଣାଯିବ । କମ୍ପାନୀର କହିବାନୁସାରେ ଏହି କାର୍ ପ୍ରତିବର୍ଷ ୭କିଲୋଗ୍ରାମ କାର୍ବନ ଡାଇଅକ୍ସାଇଡ଼ ଗ୍ୟାସ୍ କମ୍ କରିଥାଏ । ଯାହା ଗୋଟିଏ ଗଛ ସେହି ସମୟରେ ୨.୬କାର୍ବନକୁ ସଫା କରିଥାଏ । ଏମିତି ଦେଖିବାକୁ ଗଲେ ଅଟୋ ସେକ୍ଟରର ଇଞ୍ଜିନିୟର ମାନେ ଏବେ ଗ୍ରୀନ୍ ସଲ୍ୟୁସନ୍‌କୁ ନେଇ ଅଧିକ ଜାଗ୍ରତ ଅଛନ୍ତି।

# କୀର୍ତ୍ତନ କରିବା ସମୟରେ ଲୋକେ ତାଳିବଜାନ୍ତି କାହିଁକି

ଧାର୍ମିକ ମାନ୍ୟତା ଅନୁସାରେ କୀର୍ତ୍ତନ କରିବା ସମୟରେ ତାଳି ବଜାଇବାର ଏହି ଅର୍ଥ ହେଉଛି ଯେ, ଭକ୍ତ ଭଗବଦ୍ ନାମରେ ଏପରି ଭାବରେ ମଗ୍ନ ହୋଇଯାଏ, ଭଗବାନଙ୍କ ନାମ କୀର୍ତ୍ତନ କରି ବିହ୍ୱଳ ହୋଇସେଥିରେ ବୁଡ଼ିଯିବା, ନାମ ଧରି ଏକ ଧ୍ୟାନରେ ବୁଡ଼ିରହି ଝୁଲି ଝୁଲି ତାଳି ବଜାଇବା । ତାଳି ଧ୍ୱନୀର ତରଙ୍ଗ ପ୍ରଭୁଙ୍କୁ ଆନ୍ଦୋଳିତ କରେ, ଯେପରି ସେ ନିଜର ଭକ୍ତକୁ ରକ୍ଷାକରିବାକୁ ଏବଂ କୃପାରସ ବରଷିବା ପାଇଁ ସ୍ୱୟଂ ସେହି ସ୍ଥାନରେ ପହଞ୍ଚିଯାଆନ୍ତି ।

# ମିଥ୍ୟା ଅଭିମାନ ଉନ୍ନତି ପଥରେ ବାଧକ ସାଜିଥାଏ

ସଫଳତା ହାସଲ କରିବାରେ ଯେଉଁ ଖୁସି ମିଳେ ତାହା କହିହୁଏ ନାହିଁ । କିନ୍ତୁ ସେହି ଖୁସି ଯଦି ଅଧିକରୁ ଅଧିକ ହେଲା ତାହା କ୍ରନ୍ଦନରେ ପରିଣତ ହୋଇଥାଏ। ଖୁସି, ଉଲ୍ଲାସ, ଆନନ୍ଦ ହେବା ସମସ୍ତଙ୍କର ଅଧିକାର । ଏହି ଅଧିକାରରୁ କେହି ବଞ୍ଚିତ ନୁହଁନ୍ତି । ଯିଏ ଏଥିରୁ ବଞ୍ଚିତ ସେ ସର୍ବଦା ଦୁଃଖରେ କାଳାତିପାତ କରିଥାଏ ବୋଲି ଅନେକ କୁହନ୍ତି । ନିଜ ଖୁସିରେ ଖୁସି ନ ହୋଇ ଅନ୍ୟ ଖୁସିରେ ଖୁସି ହେଲେ ଆମ୍ଭକୁ ଆନନ୍ଦ ମିଳିବା ସହ ସଦା ସର୍ବଦା ପ୍ରଫୁଲ୍ଲ ହୋଇଥାନ୍ତି। ଏକଦା ୟୁରୋପ ସେନା ଯୁଦ୍ଧରେ ବିଜୟୀ ହୋଇ ୟୁରୋପ୍ ରାଜାଙ୍କ ମାନ ରଖିଲେ । ସେନାଙ୍କ ବିଜୟରେ ରାଜା ପ୍ରସନ୍ନ ହୋଇ ସେନାପତିଙ୍କ ସହ ସୈନ୍ୟଗଣଙ୍କୁ ସ୍ୱାଗତ ଲାଗି ଯୋଜନା କଲେ । ରାଜା ତାଙ୍କ ମନ୍ତ୍ରୀମାନଙ୍କୁ କହିଲେ, ସେନାପତି ରାଜ୍ୟରେ ପ୍ରବେଶ କରିବା ମାତ୍ରେ ତାଙ୍କର ଜୟଜୟକାର ହେଉ । ଏହି ଭବ୍ୟ ସମାଚାର ପାଇ ସେନାପତି ବହୁ ପ୍ରସନ୍ନ ହେଲେ । ସେ ଏତେ ପ୍ରସନ୍ନ ହୋଇଗଲେ ଯେ ତାଙ୍କ ଖୁସିର ସୀମା ଆଉ ରହିଲା ନାହିଁ ଓ ସେ ଗର୍ବ ଅନୁଭବ କଲେ । ରାଜାଙ୍କ ସ୍ୱାଗତ ଯୋଜନା ଅନୁଯାୟୀ ମନ୍ତ୍ରୀମାନେ ଚାରୋଟି ଧଳା ଘୋଡ଼ାରେ ସେନାପତିଙ୍କୁ ଆସିନ କରାଇ ନଗରରେ ପ୍ରବେଶ କଲେ । ହଠାତ୍ ସେନାପତି ଦେଖିବାକୁ ପାଇଲେ ଆଉ ଏକ ସଜ୍ଜିତ ରଥରେ ଜଣେ ଦାସ ଆସିନ ହୋଇ ସେନାପତିଙ୍କ ରଥ ସହ ସମାନ୍ତର ଭାବେ ରାଜଧାନୀରେ ପ୍ରବେଶ କରୁଛନ୍ତି । ଏହା ଦେଖି ତାଙ୍କ ମଧ୍ୟରେ ଅହଂଭାବ ଜାଗ୍ରତ ହେଲା । ଏହି ଅହଂଭାବକୁ ଜାଣିପାରି ରାଜା ଏହି ଯୋଜନା କରିଥିଲେ । ଏହି ରଥରୁ ସେନାପତି ଜାଣିବାକୁ ପାଇଲେ ଯେ ଛୋଟରୁ ଛୋଟ ସାଧାରଣ ଦାସ ମଧ୍ୟ ତାଙ୍କ ସହ ସମାନ । ସେମାନେ ଗୌରବପୂର୍ଣ୍ଣ ପଦରେ ମଧ୍ୟ ଅଧିଷ୍ଠିତ ହୋଇପାରିବେ । ସେହି ସମୟରେ ତାଙ୍କର ବିଜୟର ଉଲ୍ଲାସ ମଉଳିଯିବା ସହ ତାଙ୍କର ଅଭିମାନ ମଧ୍ୟ ନଷ୍ଟ ହୋଇଗଲା । ମିଥ୍ୟା ଅଭିମାନ ଉନ୍ନତି ପଥର ବାଧକ ସାଜିଥାଏ ।




# ନେତାର ନାମ କେଜରିୱାଲା




**"I am Aurobinda Kejriwal, an Indian devoted to Motherland not a terrorist."**

୧. ନିକଟରେ ପା- ଟି ରାଜ୍ୟର ବିଧାନସଭା ନିର୍ବାଚନର ଫଳାଫଳ ଘୋଷଣାର ଅବ୍ୟବହିତ ଅବସରରେ ସୀମାନ୍ତ ରାଜ୍ୟ ପଞ୍ଜାବରେ ଆମ ଆଦମି ପାର୍ଟିର ଅଦଭୁତ ପୂର୍ଣ୍ଣ ବିଜୟ ଅବସରରେ, ଯେଉଁମାନେ ନିର୍ବାଚନ ପୂର୍ବରୁ ତାଙ୍କୁ ଦେଶଦ୍ରୋହୀ ବିଦେଶୀ ଏଜେଂଟର ଅଭିଯୋଗ ଆଣିଥିଲେ, ସେମାନଙ୍କୁ ଦଳର ସୁପ୍ରିମୋ କେଜରିୱାଲା ସ୍ୱଷ୍ଟ ସ୍ୱରରେ ଏହା ଶୁଣାଇ ଦେଇଥିଲେ । ଚାରଟି ରାଜ୍ୟରେ ବିଜେପିର ବିଜୟୋତ୍ସବର କୋଳାହଳ ମଧ୍ୟରେ ଦିଲ୍ଲୀ ରାଜ୍ୟରୁ ସେମାନଙ୍କୁ ବିତାଡିତ କରିଥିବା କେଜ୍ରିୱାଲା ଯେ ତାଙ୍କ ପାଇଁ ଏଚିଲେସ ହିଲ ହେବାକୁ ଯାଉଛନ୍ତି ତାହା ସେମାନେ ସ୍ପଷ୍ଟ ଭାବେ ବୁଝି ପାରୁଥିଲେ ।

୨. ନିକଟରେ ସ୍ୱାସ୍ଥ୍ୟ ଓ ଶିକ୍ଷାକୁ ମଧ୍ୟ ପୁଞ୍ଜିପତିମାନେ ଶୋଷଣର ମାଧ୍ୟମ କରି ସାରିଲେଣି, ଯାହା ଫଳରେ ହଜାର ହଜାର ଭାରତୀୟ ଛାତ୍ର କ୍ଷୁଦ୍ର ରାଜ୍ୟ ୟୁକ୍ରେନ ଭଳି ଯାଗାକୁ ଶିକ୍ଷାପାଇଁ ଯିବାର ଘଟଣା ଘଟୁଚି । ବ୍ରିଟିଶ ସମୟରେ ସୁରକ୍ଷିତ ଥିବା ଗୋଚର, ସାଧାରଣ ଜଳାଶୟକୁ ମଧ୍ୟ ଆଜିର ସରକାର ଶିଳ୍ପପତିଙ୍କ ହାତରେ ଟେକିଦେଲେଣି । ଏହି କୁଶାସନ ବିରୁଦ୍ଧରେ କେଜିରୱାଲା ନିଜର ସ୍ୱର "ପରିବର୍ତନ" ସଂଗଠନ ମାଧ୍ୟମରେ ନବେ ଦଶକରୁ ଶୁଣାଇ ଆସୁଛନ୍ତି । ସେ ପ୍ରମାଣ କରିଛନ୍ତି, ଲୋକେ ପରିବର୍ତନ ଚାହୁଁଛନ୍ତି । ସେମାନଙ୍କୁ ନିର୍ବାଚନ ବେଳେ ମଦ ପିଆଇ, ଟଙ୍କା ବାଂଟି ରାଜନେତାମାନେ ତାଙ୍କୁ ଯେଉଁ ବୋକା ଭଳି ଭାବୁଛନ୍ତି ତାହା ସଂପୂର୍ଣ୍ଣ ଭୁଲ । କେବଳ ଉପଯୁକ୍ତ ନେତାର ଆବିର୍ଭାବକୁ ସେମାନଙ୍କ ଅପେକ୍ଷା ।

୩. ସ୍ୱାଧିନତା ପାଇଲା ପରେ ଆମର ନୂଆ ଶାସକମାନେ ଯେପରି ଦୁର୍ନିତି ଓ ଭ୍ରଷ୍ଟାଚାରରେ ବୁଡି ଦେଶକୁ ଧର୍ମ, ଜାତି, ବର୍ଣ୍ଣ, ମନ୍ଦିର ମସଜିଦ, ଦଳିତ ଆଦି ନାନା ଭାବରେ ବିଭକ୍ତ କରି ଦଳେଙ୍କୁ ଅନ୍ୟ ବିରୁଦ୍ଧରେ ଉସକାଇ,ସଂକୀର୍ଣ୍ଣ ଆ-ଂଚଳିକ ଭାବ ସୃଷ୍ଟି କରି ଶାସନ ନାମରେ ଅପଶାସନ କରି ଚାଲିଛନ୍ତି, ତାହା ଲୋକଙ୍କୁ ହତାଶ କରିଛି । ସବୁଆଡେ ଘୋର ଦୁର୍ନୀତି ସବୁଠାରେ ଲାଂଚ-, ଯାହାର ପ୍ରମାଣ ଆଜି ଦରକାର ନାହିଁ । ସମସ୍ତେ ତାହା ଆଜି ଅଙ୍ଗେ ଲିଭାଉଛନ୍ତି ।

୪. ଭାରତ ରାଜନୀତି ଆକାଶରେ ନୂଆ ଭରସାର ସୂର୍ଯ୍ୟ ହୋଇ ଦେଖାଦେଇଥିବା କେଜରିୱାଲା ୧୯୬୮ ମସିହା ଅଗଷ୍ଟ ୧୬ ତାରିଖରେ ହରିଆନା ରାଜ୍ୟର ସିସ୍ୱାନଠାରେ ଜନ୍ମ ନେଇଥିଲେ । ଆଇଆଇଟି ଖଡଗପୁରରୁ ଶିକ୍ଷା ସାରି ସେ ଜାମସେଦପୁର ଟାଟା ଶିଳ୍ପରେ କାର୍ଯ୍ୟରେ ଯୋଗ ଦେଲେ ମଧ୍ୟ ପରେ ସର୍ବଭାରତୀୟ ରାଜସ୍ୱ ପରୀକ୍ଷାରେ କୃତକାର୍ଯ୍ୟ ହୋଇ ଇନକମ ଟାକ୍ସ ଆସିଷ୍ଟାଣ୍ଟ କମିଶନର ପଦରେ ଯୋଗଦେଲେ । ସେ ବିଭାଗର ଆଖିବୁଜା ଦୁର୍ନୀତି ଦେଖି ସେ ଚାକିରିରୁ ଇସ୍ତଫା ଦେଲେ ଓ କହିଲେ କୋଟି ଟଙ୍କାର ଚାକିରି ଅପେକ୍ଷା ସେ ଲୋକସେବାକୁ ଶ୍ରେୟ ମନେକରନ୍ତି । ତାଙ୍କର ଉକ୍ତି ଆୟକରର ଅଫିସର ମହଲରେ ବେଶ ଚା-ଂଚଲ୍ୟ ସୃଷ୍ଟି କରିଥିଲା । ଚାକିରି ପାଇବାର ପୂର୍ବରୁ ସେ ଦିଲ୍ଲୀର ସୁନ୍ଦର ନଗରଠାରେ ମନିଷା ସିସୋଦିଆ, ଅରୁଣା ରାୟଙ୍କ ସହ ମିଶି ପରିବର୍ତନ ନାମରେ ଏକ ସାମାଜିକ ଆନ୍ଦୋଳନ ଆରମ୍ଭ କରିଥିଲେ । ପରେ କିରଣ ବେଦୀ, ପ୍ରଶାନ୍ତ ଭୁଷଣ, ଶେଖର ସିଂଙ୍କ ଭଳି ଅନେକ ବ୍ୟକ୍ତି ତାଙ୍କୁ ସହଯୋଗ କରିଥିଲେ । କବିର ନାମକ ଅନ୍ୟ ଏକ ଅନୁଷ୍ଠାନ ମଧ୍ୟ ଗଠନ କରି ଲୋକଙ୍କ ସୁଖଦୁଃଖ ବୁଝୁଥିଲେ । ସରକାରୀ ବିଭାଗରେ ଦୁର୍ନୀତିର ବିଲୋପ ପାଇଁ ସେ ଲୋକଙ୍କୁ ଆହ୍ୱାନ ଦେଇଥିଲେ । ସୂଚନା ଅଧିକାର ବଳରେ ସେମାନଙ୍କୁ ସରକାରୀ କାର୍ଯ୍ୟରେ ସହାୟତା ଯୋଗାଇ ୨୦୦୬ ମସିହାରେ ପ୍ରସିଦ୍ଧ ରାମନ ମାଗେସ୍‌ସି ପୁରସ୍କାର ପାଇଲେ । ସେହି ଅର୍ଥରେ Public Cause Research Foundation ନାମକ ଅନ୍ୟ ଏକ ଅନୁଷ୍ଠାନ ଆରମ୍ଭ କରିଥିଲେ । ସେ ନିଜେ ଥିବା ଆୟକର ବିଭାଗ, ମୁନିସିପାଲଟି ଅଫିସ, ବିଦ୍ୟୁତ, ଜଳ ଓ ସ୍ୱାସ୍ଥ୍ୟ ଅଫିସମାନ ଆଗରେ ଠିଆ ହୋଇ କାମ ପାଇଁ ଯାଉଥିବା ଲୋକଙ୍କୁ ଲାଂଚ- ନଦେବା ପାଇଁ ବୁଝାଉଥିଲେ । ସୂଚନା ଅଧିକାର ଆଇନର ସେ ଜଣେ ଦୃଢ ପ୍ରବକ୍ତା ଥିଲେ । ତାଙ୍କ ଚେଷ୍ଟାରେ ୨୦୦୫ ମସିହାରେ ସୂଚନା ଅଧିକାର ଆଇନ ପ୍ରଣୟନ ହେଲା । ବିଭିନ୍ନ ସରକାରୀ ଯୋଜନାକୁ ସାମାଜିକ ତଦନ୍ତ କରି ୬୪ଟି କାମରେ ୭୦ ମିଲିଅନ ଟଙ୍କା ଆତ୍ମସାତ ହେବାର ଲୋକଙ୍କୁ ଜଣାଇଥିଲେ । ପିଡିଏସ ଯୋଜନାରେ କିପରି କଳା ବଜାର ହେଉଚି ତାହା ସମସ୍ତଙ୍କୁ ଜଣାଇଥିଲେ । ବିଶ୍ୱ ବ୍ୟାଙ୍କ ତରଫରୁ ବ୍ୟୟବହୁଳ ଜଳଯୋଗାଣକୁ ବିରୋଧ କରି ସେ କହିଲେ ଯେ, ଏହି ଯୋଜନା ଦ୍ୱାରା ଜଳକର ଦଶ ଗୁଣ ବଢି ଯିବ । ତାଙ୍କ ଦାବିରେ ତାହା ବନ୍ଦ ହେଲା । ଦିଲ୍ଲୀରେ ହୋଇଥିବା ଏସିଆନ ଗେମରେ ଅପବ୍ୟୟର ତଦନ୍ତ ଦାବି କରିଥଲେ । ଲୋକମାନଙ୍କୁ ଏକାଠି କରି ଦୁର୍ନିତୀ ଓ ଅନ୍ୟାୟ ବିରୁଦ୍ଧରେ ସର୍ବସାଧାରଣରେ ପ୍ରକାଶ ପାଇଁ ସେ ହିମତ ଦେଇଥିଲେ ଓ ଲୋକ ଅଦାଲତ ଡକାଇଥିଲେ । ଆନ୍ନା ହଜାରୀଙ୍କ ଜନଆନ୍ଦୋଳନରେ ସେ ମୁଖ୍ୟ ସୂତ୍ରଧର ଥିଲେ । ଜନ ଲୋକପାଳ ଆଇନ ପାଇଁ ସେ ଆନ୍ନାଙ୍କ ସହ ଅନଶନରେ ବସିଲେ, ଗିରଫ ହେଲେ । ଅନେକ ଦାବି ପରେ ସରକାର ଏକ ମିଛି ମିଛିକା ଦାନ୍ତହୀନ ଲୋକପାଳ ଆଇନ ଆଣିଲେ, ଯାହାଠାରୁ ଦୁର୍ନୀତିରେ ବୁଡିଥିବା ପ୍ରଧାନମନ୍ତ୍ରୀ, ମୁଖ୍ୟମନ୍ତ୍ରୀ ନ୍ୟାୟିକ ବ୍ୟବସ୍ଥା ବାଦ ପଡିଲେ । ସରକାର କହିଲେ ଯେ ଆନ୍ଦୋଳନକାରୀ ନିର୍ବାଚିତ ପ୍ରତିନିଧିଙ୍କୁ ବାଧ୍ୟ କରିପାରିବେ ନାହିଁ । କେଜରିୱାଲା କହିଲେ ପ୍ରତିନିଧିମାନେ ସ୍ୱେଚ୍ଛାଚାରୀ ହୋଇପାରିବେ ନାହିଁ । ଶେଷକୁ ସେ ନିଜେ ନିର୍ବାଚନ ରାଜନୀତିରେ ପଶିବା ପାଇଁ ଆମ ଆଦମୀ ପାର୍ଟି ନାମରେ ଝାଡୁ ଚିହ୍ନ ଥିବା ଏକ ରାଜନୈତିକ ଦଳ ଗଠନ କଲେ (୨୦୧୨ ମସିହା) । ଲୋକଙ୍କୁ ଅଳ୍ପ ମୂଲ୍ୟରେ ବିଦ୍ୟୁତ, ଜଳ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ଯୋଗାଇଦେବାକୁ ଘୋଷଣା କଲେ । ସେ କହିଲେ ବାଟମାରଣା ଯୋଗୁ ସବୁ ସେବା ମହଙ୍ଗା ହେଉଚି । ବାଟମାରଣା ବନ୍ଦ ହେଲେ ସବୁ ସେବା ଶସ୍ତାରେ ମିଳିବ । ୨୦୧୩ ମସିହାରେ ନିର୍ବାଚନ ଯୁଦ୍ଧ ଆରମ୍ଭ ହେଲା । ତାଙ୍କୁ ପାଗଳ ଅବାସ୍ତବବାଦୀ, ବିଦେଶୀ ଏଜେଂଟ ବୋଲି ପ୍ରଚାର କରାଗଲା, ବାରମ୍ବାର ତାଙ୍କ ଉପରକୁ ଚପଲ କାଳି ଫିଙ୍ଗାଗଲା । ମାତ୍ର ସେ ନିର୍ବାଚନରେ କଂଗ୍ରେସ ମୁଖ୍ୟମନ୍ତ୍ରୀ ଶିଳା ଦିକ୍ଷିତଙ୍କୁ ବହୁ ଭୋଟରେ ପରାସ୍ତ କରି ନିଜର ଲୋକପ୍ରିୟତାର ପ୍ରମାଣ ଦେଲେ । ବିଧାନସଭାରେ ୭୦ରୁ ୨୮ ଆସନ ପାଇଲେ । ତାଙ୍କୁ ହେୟ ମନେକରି ୩୧ ଆସନ ପାଇ ଏକକ ସଂଖ୍ୟାଗରିଷ୍ଠ ବିଜେପି ଦଳ ସରକାର ଗଠନ କଲାନି, ସେମାନେ ଭାବିଥିଲେ ସରକାର ଚଳାଇବାରେ ଅସଫଳ ହେବାରୁ ଲୋକମାନେ ଆମ ଆଦମି ଦଳକୁ ନୂତନ ନିର୍ବାଚନ ହେଲେ ପ୍ରତ୍ୟାଖ୍ୟାନ କରିବେ । କେଜରିୱଲା ଅନ୍ୟମାନଙ୍କ ସହଯୋଗରେ ଦିଲ୍ଲୀର ମୁଖ୍ୟମନ୍ତ୍ରୀ ହେଲେ । ମାତ୍ର ଅନ୍ୟମାନେ ସହଯୋଗ ନକରିବାରୁ ୪୯ ଦିନ ପରେ ଇସ୍ତଫା ଦେଲେ । ଖାମଖିଆଲି ଭାବରେ ନରେନ୍ଦ୍ର ମୋଦିଙ୍କୁ ବାରାଣାସୀ ପାର୍ଲିଆମେଂଟ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରି ଲଜ୍ଜାକର ପରାଜୟ ବରଣ କଲେ । ସମସ୍ତେ କହିଲେ, Kejriwala is finished.

୫. ୨୦୧୫ ନିର୍ବାଚନରେ କେନ୍ଦ୍ରରେ ବିଜେପି ସରକାର ଥିଲେ ମଧ୍ୟ ସେ ଦିଲ୍ଲୀରେ ଖାଲି କ୍ଷମତା ଅଧିକାର କଲେନି, ବିଜେପି ଦଳକୁ ମୂଳପୋଛ କରିଦେଇ ଇତିହାସ ରଚନା କଲେ (୩/୬୭) । ଏପର୍ଯ୍ୟନ୍ତ ଦିଲ୍ଲୀରେ ବିଜେପି ଆଉ ଚେର ଧରୁନି । ସରକାରକୁ ଆସିଲାପରେ ସେ ନିଜ ପ୍ରତିଜ୍ଞା ପୂର୍ଣ୍ଣ କରି ଶସ୍ତାରେ ଜଳ ଓ ବିଦ୍ୟୁତ ଯୋଗାଇ ତାହା ଯେ ସମ୍ଭବ ଦେଖାଇ ପୁରୁଣା ନେତାଙ୍କ ମୁହଁରେ କଳା ବୋଳିଛନ୍ତି । ସେମାନେ ଯେ ଏପର୍ଯ୍ୟନ୍ତ ଲୋକସେବା ନକରି ନିଜ ସେବା କରୁଥିଲେ ତାହା ମଧ୍ୟ ପ୍ରମାଣ କରିଛନ୍ତି । ତାଙ୍କୁ ଅକଳରେ ପକାଇବା ପାଇଁ ନାନା ବାଧା ସୃଷ୍ଟି କରାଯାଇଛି । ଦିଲ୍ଲୀର କେନ୍ଦ୍ର ସରକାରଙ୍କ ଦ୍ୱାରା ନିଯୁକ୍ତ ଛୋଟଲାଟ ନାସିବ ଜଙ୍ଗ ତାଙ୍କୁ ସବୁବେଳେ ଅସହଯୋଗ କରିଛନ୍ତି । ଏପରି ଅବସ୍ଥା ହେଲା ଯେ ସେ ସରକାରରେ ଥାଇ ନିଜେ ଅନଶନରେ ବସିଥିଲେ । ଦିଲ୍ଲୀକୁ ପୂର୍ଣ୍ଣ ରାଜ୍ୟ ମର୍ଯ୍ୟାଦା ଦେବାକୁ ସବୁବେଳେ ଦାବି କରିଆସିଛନ୍ତି । ନିଜେ ଦିଲ୍ଲୀରେ ଆଇନ କରି ଦୁର୍ନୀତି ବିରୁଦ୍ଧରେ କଡା କାର୍ଯ୍ୟାନୁଷ୍ଠାନ ନେଉଛନ୍ତି । ପ୍ରଦୂଷଣକୁ ରୋକିବା ପାଇଁ, ଗାଡି ଚାଳନା ପାଇଁ ଅଡ ଇଭନ ନମ୍ବର ପ୍ରଚଳନ କରିଛନ୍ତି । ଲୋକମାନଙ୍କର ସୁବିଧା ପାଇଁ ସେ ମହଲା ହସପିଟାଲ ପ୍ରତିଷ୍ଠା କରିଛନ୍ତି । ସରକାରଙ୍କଠାରୁ ଜମି ନେଇ ସ୍କୁଲ ଓ ହସପିଟାଲ କରିଥିବା ପୁଞ୍ଜିପତିଙ୍କୁ ଗରିବଙ୍କୁ ଅଗ୍ରାଧିକାର ଦବାକୁ ବାଧ୍ୟ କରିଛନ୍ତି ।

ଅନେକ ଅବାଂଛିତ ଟିପ୍ପଣି ପାଇଁ ତାଙ୍କୁ ଅନେକବାର ଅପଦସ୍ତ ହେବାକୁ ପଡିଛି । ନିତିନ ଗଡକାରୀ, ମୁକେଶ ଅମ୍ବାନୀ, ଅରୁଣ ଜେଟଲୀ ଓ ବହୁ ଲୋକଙ୍କୁ କୋର୍ଟ ଆଦେଶରେ ନିସର୍ତ କ୍ଷମା ମାଗିବାକୁ ସେ ବାଧ୍ୟ ହୋଇଛନ୍ତି । ତାଙ୍କ ମୁହଁକୁ ଚପଲ, ଧୂଳି, କାଳି ଫିଙ୍ଗା ଯାଇଛି । ଗଣମାଧ୍ୟମମାନେ ତାଙ୍କୁ ନେଇ ଅନେକ ବ୍ୟଙ୍ଗ କରିଛନ୍ତି । ସେ କହୁଥିବା କଥା ଯେ ସତ ତାହା କିନ୍ତୁ ସାଧାରଣ ଆମ ଆଦମୀ ବିଶ୍ୱାସ କରିଛି । ଶେଷରେ ନିକଟରେ ହୋଇଥିବା ପଞ୍ଜାବ ରାଜ୍ୟ ବିଧାନସଭାରେ ସେ ୧୧୭ ଆସନରୁ ୯୨ ଆସନ ଅଧିକାର କରି ସାରା ଦେଶରେ ଚହଳ ପକାଇଛନ୍ତି ଓ ଲୋକେ ଯେ ପରିବର୍ତନ ଚାହିଁଲେଣି, ତାହା ପ୍ରମାଣ କରିଛନ୍ତି ।

# ରାଜ୍ୟରେ ଆତ୍ମହତ୍ୟା ବଢୁଛି: ପୁଲିସ ବାବୁଙ୍କ ପାଇଁ ମାନସିକ ଅବସାଦ ବଡ଼ ସମସ୍ୟା

ଓଡ଼ିଶାରେ ଦୁଇ ଦୁଇଟି ନିର୍ବାଚନ ହୋଇଗଲା । ତଥାକଥିତ ଭାବେ ଆଏଏସ୍ ସଙ୍ଘ ଓ ଆଇପିଏସ ସଙ୍ଘ ଓଡ଼ିଶାର ବଡ଼ ମୁରବୀ ମୁଖ୍ୟମନ୍ତ୍ରୀଙ୍କୁ ଯାଇକି ସମ୍ବର୍ଦ୍ଧନା ଦେଇଥିଲେ । କିନ୍ତୁ ଏହା ପଛର ଘଟଣା ଟିକେ ଭିନ୍ନ । ଛୁଟି ପାଇନଥିବା ଏବଂ ମାନସିକ ଅବସାଦ ଭିତରେ ଥିବା ଜଣେ ଗାଙ୍ଗପୁରର ଆଇଆଇସି ତାଙ୍କ ଜୀବନକୁ ନଷ୍ଟ କରିଦେଲେ । ଏହା ହେଉଛି କ'ଣ ଓଡ଼ିଶାର ଶ୍ରେଷ୍ଠ ପ୍ରଶାସନ ଓ ନୀତିନିଷ୍ଠ, ସମର୍ପିତ ସଙ୍କଳ୍ପ ଓ ତଥାକଥିତ ସ୍ୱଚ୍ଛ ଶାସନର ଧାରା ? ଆତ୍ମହତ୍ୟା ଏକ ଜୀବନ ନୁହେଁ । ଜୀବନର କ୍ଷଣ ଭଙ୍ଗୁର ଓ କର୍ମ ସଂସ୍ଥାନ ଭିତରେ ସମସ୍ତଙ୍କର ଦୁଃଖ ବି ଅଛି । ସେମାନେ ସାଧାରଣ ଲୋକ ହୁଅନ୍ତୁ ବା ରାଜନେତା, ଡାକ୍ତର ହୁଅନ୍ତୁ ବା ପୋଲିସ ବାବୁ । ଜୀବନଟା ହିଁ ଏହିପରି ଏକ ଦୁଃଖ ମୁହୂର୍ତ୍ତ ଭିତରେ କିଛିଦିନ ତଳେ ଗାଙ୍ଗପୁର ଥାନା ଅଇଆଇସି ଦେବ କୁମାର ଗମାଙ୍ଗ ଆତ୍ମହତ୍ୟା ଘଟଣାରେ ପୁଲିସର ମାନସିକ ଚାପ ବଷୟ ଉଠିଥିଲା । ନିଜେ ଗଞ୍ଜାମ ଏସପି ସେ ମାନସିକ ଚାପରେ ଥିଲେ ବୋଲି କହିଥିଲେ । ତେବେ, ଏହି ଘଟଣା ପ୍ରଥମ ନୁହେଁ । ବିଭିନ୍ନ ସମୟରେ ମାନସିକ ଚାପରେ ପଡ଼ି କେଉଁଠି ପୁଲିସ ବାବୁ ମାନସିକ ସନ୍ତୁଳନ ହରାଉଛନ୍ତତି ତ କେଉଁଠି ଆତ୍ମହତ୍ୟା ଭଳି ଚରମ ପଦକ୍ଷେପ ନେଉଛନ୍ତି । ଗଲା କିଛି ବର୍ଷ ଭିତରେ ଚାରି ଜଣ ପୁଲିସ ଅଧିକାରୀ ଆତ୍ମହତ୍ୟା କଲେଣି । ଦୈନିକ ୧୮ଘଣ୍ଟାର ଡ୍ୟୁଟି ଏହାପଛରେ ଏକ ବଡ଼ କାରଣ ବୋଲି କୁହାଯାଉଥିବାବେଳେ, ଏ କ୍ଷେତ୍ରରେ ଓଡ଼ିଶା ହେଉଛି ଏକମାତ୍ର ରାଜ୍ୟ ।

ନିକଟରେ କେନ୍ଦ୍ର ଗୃହ ମନ୍ତ୍ରାଳୟର ପୁଲିସ ଅନୁସନ୍ଧାନ ଓ ବିକାଶର ବ୍ୟୁରୋର ଅନୁଶୀଳନ ଅନୁଯାୟୀ ଜାତୀୟ ସ୍ତରରେ ଓଡ଼ିଶା ଏକମାତ୍ର ରାଜ୍ୟ ଯେଉଁଠି ପୁଲିସ ଆଠ ଘଣ୍ଟା ବଦଳରେ ଅଠର ଘଣ୍ଟା ଖଟୁଛି । ଜଣେ ବରିଷ୍ଠ ପୁଲିସ ଅଧିକାରୀଙ୍କ କହିବା ଅନୁଯାୟୀ, ଜଣେ ପୁଲିସ ଅଧିକାରୀ ବାର୍ଷିକ ସର୍ବାଧିକ ସାତରୁ ଆଠଟି ଅପରାଧିକ ମାମଲାର ତଦନ୍ତ କରିବା କଥା । କିନ୍ତୁ ରାଜ୍ୟରେ ଜଣେ ପୁଲିସ ଅଫିସର ହାରାହାରି ୮୦ଟି ଅପରାଧିକ ମାମଲାର ତଦନ୍ତ ଦାୟିତ୍ୱ ନେଉଛନ୍ତି । ଅର୍ଥାତ ସାଢ଼େ ଚାରି ଦିନରେ ଗୋଟିଏ ମାମଲାର ତଦନ୍ତ ଦାୟିତ୍ୱ ଜଣେ ପୁଲିସ ଅଫିସର ନେଉଛନ୍ତି । ଗୁଣାତ୍ମକ ତଦନ୍ତ ହେଉନଥିବାରୁ ଓଡ଼ିଶା ପୁଲିସରେ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋର ୨୦୨୦ ରିପୋର୍ଟ ଅନୁଯାୟୀ, ଦୋଷୀ ସାବ୍ୟସ୍ତ ହାର ମାତ୍ର ୧୧.୨ ପ୍ରତିଶତ । ଏହି ତାଲିକାରେ ଓଡ଼ିଶା ତଳକୁ କେବଳ ଆସାମ (୫.୪) ରହିଛି । ସ୍ୱଳ୍ପ ସମୟ ଭିତରେ ମାମଲାର ତଦନ୍ତ ଭାର କୋର୍ଟରେ ଚାର୍ଜସିଟ ଦାଖଲ, ସାକ୍ଷୀ ପ୍ରଦାନ, ସନ୍ଧ୍ୟା ପାଟ୍ରୋଲିଂ, ଥାନାରେ ଡିସିଓ (ଡାଏରୀ ଚାର୍ଜ ଅଫିସର), ରାଜ୍ୟ ବାହାରକୁ ଅପରାଧୀ ଖସି ଯାଇଥିଲେ ତାକୁ ଧରିବାକୁ ଯିବା ଭଳି ଦାୟିତ୍ୱ ଜଣେ ପୁଲିସ ଅଫିସର ପକ୍ଷେ କିଭଳି ସମ୍ଭବପର ହେବ ତାହା ଏବେ ଚିନ୍ତାର ବିଷୟ ହୋଇଛି ।

ବ୍ୟବସ୍ଥା ଅନୁଯାୟୀ ପ୍ରତି ଏକ ଲକ୍ଷ ଜନସଂଖ୍ୟାରେ ୧୪୦ ଜଣ ପୁଲିସ କର୍ମଚାରୀ ନିୟୋଜିତ ହେବା କଥା । କିନ୍ତୁ ଓଡ଼ିଶାରେ ପ୍ରତି ୧ ଲକ୍ଷ ଜନସଂଖ୍ୟା ପାଇଁ ମଞ୍ଜୁରୀପ୍ରାପ୍ତ ପୁଲିସ ପଦବୀ ମାତ୍ର ୯୮ । ତା'ଠାରୁ ମଞ୍ଜୁରୀପ୍ରାପ୍ତ ପଦବୀର ୧୫ ପ୍ରତିଶତ ଫାଙ୍କା ପଡ଼ିଛି । ନିଅଣ୍ଟିଆ ଲୋକବଳ ଓ ଭିତ୍ତିଭୂମି ଅଭାବ ଯୋଗୁଁ ପୁଲିସ ଅଧିକାରୀ ମାନସିକ ଚାପର ଶିକାର ହେଉଛନ୍ତି । ଅନ୍ୟପକ୍ଷରେ, ସହରାଞ୍ଚଳ ଓ ଗ୍ରାମାଞ୍ଚଳରେ ଥାନା ସ୍ତରରେ ୧୦୦ : ୫୦ ଅନୁପାତରେ ପୁଲିସ କର୍ମଚାରୀଙ୍କ ସଂଖ୍ୟା ବୃଦ୍ଧି କରି କାମ ଚାପ କମାଇବା କ୍ଷେତ୍ରରେ ୨୦୦୮ ଅଗଷ୍ଟରେ ପୁଲିସ ମୁଖ୍ୟାଳୟ ଦ୍ୱାରା ଗୃହୀତ ପ୍ରସ୍ତାବକୁ ଗୃହ ବିଭାଗ ଏ ଯାଏ ଅନୁମୋଦନ କରୁନାହିଁ । ଏହି ନିଷ୍ପତ୍ତି କାର୍ଯ୍ୟକାରୀ ହୋଇଥିଲେ ଜଣେ ପୁଲିସ ଅଫିସର ଓ କର୍ମଚାରୀ ଆଠଘଣ୍ଟା ଲେଖାଏଁ କରି ୩ଟି ସିଫ୍ଟରେ ୨୪ ଘଣ୍ଟିଆ ଡ୍ୟୁଟି କରିଥାନ୍ତି । ଅନ୍ୟ ଏକ କାରଣ ହେଉଛି ଜଣେ ପୁଲିସ କର୍ମଚାରୀଙ୍କ ସିଏଲ ୨୦ଟି ଓ ଇଏଲ ୪୫ଟି ରହୁଥିବାବେଳେ ଅନେକ ଥାନାରେ ମାମଲା ଶେଷ ନକରିବା ପୂର୍ବରୁ ଛୁଟି ଅଫିସରଙ୍କୁ ଜିଲ୍ଲା ଏସପିମାନେ ଛୁଟି ଦେଉନାହାଁନ୍ତି । ଏ ସମ୍ପର୍କରେ ପୂର୍ବତନ ପୁଲିସ ଡିଜି ବିପିନ ବିହାରୀ ମିଶ୍ର କହିବା ଅନୁଯାୟୀ ଓଡ଼ିଶା ପୁଲିସରେ କର୍ମଚାରୀଙ୍କ ଡ୍ୟୁଟି ସମୟ ୮ଘଣ୍ଟା ମଧ୍ୟରେ ସୀମିତ ନରଖିଲେ, ଉଭୟ ବ୍ୟକ୍ତିଗତ ଓ ବୃତ୍ତିଗତ ଜୀବନରେ ଏହାର ପ୍ରଭାବ ପଡ଼ିବ । ଗୁଜୁରାଟ ଭଳି ରାଜ୍ୟରେ ଗୋଟିଏ ଲେଖାଏଁ ଥାନାରେ ପାଖାପାଖି ୫୦ ଜଣ କନଷ୍ଟେବଳ କାର୍ଯ୍ୟ କରୁଛନ୍ତି । ଭାଇ, ବଡ଼ ସତକଥା କହୁଛି ଜୀବନଟା କାହିଁ ନେବା ଆମେ କର୍ମସଂସ୍ଥାନ, ଦୁଃଖ, ଦୁର୍ଦ୍ଦଶା ସବୁତ ଅଛି ହେଲେ ତାର ମୂଲ୍ୟବୋଧ କ'ଣ ଜୀବନର ପରିଣାମ ଭଗବାନ ନକରନ୍ତୁ ଆପଣଙ୍କ ଘର ସଂସାର ଭଲରେ ଥାଉ ଏବଂ ଗୋଟିଏ ମୂଲ୍ୟବାନ ଜୀବନ ପରିବାର, ଆଦର୍ଶ, ମୂଲ୍ୟବୋଧ ଓ କର୍ମସଂସ୍ଥାନ ସବୁକିଛି ଭଲରେ ରଖନ୍ତୁ ଏହା ହିଁ ଭଗବାନଙ୍କ ପାଖରେ ମୋର ପ୍ରାର୍ଥନା ।

# ଜିଲ୍ଲାସ୍ତରୀୟ ଓଡିଶା ଦିବସ ପାଳିତ



ବାଲେଶ୍ୱର (ପିଏନ୍): ବାଲେଶ୍ୱର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲାସ୍ତରୀୟ ୮୭ତମ ଓଡିଶା ଦିବସ-୨୦୨୨ ଗତକାଲି ଦିବସବ୍ୟାପୀ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ପାଳିତ ହୋଇଯାଇଛି । ଏହି ପରିପ୍ରେକ୍ଷୀରେ ସକାଳେ ହାଇସ୍କୁଲ ଛାତ୍ରଛାତ୍ରୀଙ୍କ ଦ୍ୱାରା ଏକ ସଚେତନତା ରାଲି ସହର ପରିକ୍ରମା କରିଥିଲା । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ପତାକା ଦେଖାଇ ଏହାର ଶୁଭାରମ୍ଭ କରିଥିଲେ । ଏହା ପରେ ସକାଳ ସାଢେ ୮ଘଟିକା ସମୟରେ ମୁଖ୍ୟ ଅତିଥି ଜିଲ୍ଲା ପରିଷଦ ସଭାପତି ଶ୍ରୀ ନାରାୟଣ ପ୍ରଧାନଙ୍କ ଦ୍ୱାରା ସହରର ବିଭିନ୍ନ ସ୍ଥାନରେ ଥିବା ମହାପୁରୁଷଙ୍କ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରାଯାଇଥିଲା । ପରେ ପରେ ସ୍ଥାନୀୟ ଆଂଚଳିକ ଆର୍ଟ ଗ୍ୟାଲେରୀରେ ବ୍ୟାସକବି ଫକୀରମୋହନଙ୍କ ସାହିତ୍ୟାକୃତି ଏବଂ ଜୀବନୀ ଆଧାରିତ ଏକ ଚିତ୍ରକଳା ପ୍ରଦର୍ଶନୀକୁ ମୁଖ୍ୟ ଅତିଥି ଶ୍ରୀ ପ୍ରଧାନ ଉଦଘାଟନ କରିଥିଲେ । ଏଥିରେ ବ୍ୟାସକବିଙ୍କର ପ୍ରାୟ ୫୦ଟି କ୍ୟାନଭାସ୍ ଚିତ୍ରକଳା ସ୍ଥାନିତ ହୋଇଥିଲା । ଏହା ପରେ ମୁଖ୍ୟ ଅତିଥି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଫଳ ବଂଟନ କରିଥିଲେ । ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ, ମାନ୍ୟବର ରେମୁଣା ବିଧାୟକ ଶ୍ରୀ ସୁଧାଂଶୁ ଶେଖର ପରିଡା, ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ପ୍ରମୁଖଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ତଥା ବିଭିନ୍ନ ବିଭାଗର ଅଧିକାରୀ ଏହି ଅବସରରେ ଉପସ୍ଥିତ ଥିଲେ । ସନ୍ଧ୍ୟାରେ ସ୍ଥାନୀୟ ସଂସ୍କୃତି ଭବନଠାରେ ସାଧାରଣ ସଭା ସହିତ ପୁରସ୍କାର ବିତରଣ, ସ୍ୱତନ୍ତ୍ର ବନ୍ଦେ ଉତ୍କଳ ଜନନୀ ଓ ଅନ୍ୟାନ୍ୟ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ରାଜ୍ୟ ସରକାରଙ୍କ ନିର୍ଦ୍ଦେଶାନୁଯାୟୀ ଠିକ୍ ସନ୍ଧ୍ୟା ୬ଘଟିକା ସମୟରେ ବନ୍ଦେ ଉତ୍କଳ ଜନନୀ ଗାନ କରାଯାଇଥିଲା । ଜିଲ୍ଲାପାଳ




ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ସାଧାରଣ ସଭାରେ ସଭାପତିତ୍ୱ କରିବା ସହିତ ଉଭୟ ଓଡିଆ ଭାଷା ଏବଂ ଓଡିଶା ଏବେ ବିଶ୍ୱରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରିପାରିଥିବା କହିଥିଲେ । ମୁଖ୍ୟ ଅତିଥି ଶ୍ରୀ ନାରାୟଣ ପ୍ରଧାନ ଆମ ପୂର୍ବସୂରୀମାନେ ଓଡିଆ ଭାଷା ପାଇଁ ଦେଇଥିବା ବଳିଦାନ ଏବଂ ଓଡିଶାରେ ଏବେ ବିଭିନ୍ନ କ୍ଷେତ୍ରରେ ବିକାଶ ହୋଇପାରିଥିବା ଉଲ୍ଲେଖ କରିଥିଲେ । ବରେଣ୍ୟ ଅତିଥି ମାନ୍ୟବର ବାଲେଶ୍ୱର ସଦର ବିଧାୟକ ଶ୍ରୀ ସ୍ୱରୂପ କୁମାର ଦାସ ଓଡିଶା ଏବେ ସବୁଥିରେ ଆଗୁଆ ହୋଇପାରିଥିବା ମତବ୍ୟକ୍ତ କରିଥିଲେ । ଆଜିର ଦିବସରେ ନୂତନ ସଙ୍କଳ୍ପ ନେଇ ଆଗକୁ ବଢିବାକୁ ସେ ଆହ୍ୱାନ ଦେଇଥିଲେ । ବାଲେଶ୍ୱର ପୌରାଂଚଳ ପୌରାଧ୍ୟକ୍ଷା ଶ୍ରୀମତୀ ସବିତା ସାହୁ, ପିଡି-ଡିଆରଡିଏ ଶ୍ରୀ ରବୀନ୍ଦ୍ର କୁମାର ସାହୁ, ବାଲେଶ୍ୱର ଉପଜିଲ୍ଲାପାଳ ଶ୍ରୀ ଆଶିଷ ଈଶ୍ୱର ପାଟିଲ, ଆଇଏଏସ ପ୍ରୋବେସନର ଶ୍ରୀ କୁନାଲ ଚୌହାନ୍ ପ୍ରମୁଖ ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଭାଷା ଭିତିକ ସ୍ୱତନ୍ତ୍ର ପ୍ରଦେଶ 'ଓଡିଶା'ଗଠନର ପୃଷ୍ଠଭୂମି ଓ ଉତ୍ସବ ପାଳନର ଯଥାର୍ଥତା ସମ୍ପର୍କରେ ଆଲୋକପାତ କରିଥିଲେ । ସାଧାରଣ ସଭା ପରେ କୋଭିଡ୍ ଯୋଦ୍ଧାଙ୍କୁ ସମ୍ବର୍ଦ୍ଧିତ କରାଯିବା ସହିତ ବିଦ୍ୟାଳୟ-ମହାବିଦ୍ୟାଳୟସ୍ତରରେ ଆୟୋଜିତ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା । ଏହା ପରେ ପରେ ଓଡିଶା ସଙ୍ଗୀତ ନାଟକ ଏକାଡେମୀ ଆନୁକୂଲ୍ୟରେ ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନ "କଳାକାର" ଦ୍ୱାରା ଦେଶାତ୍ମବୋଧ ସଙ୍ଗୀତ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ଏଥିରେ ୧୨ଟି ଦେଶାତ୍ମବୋଧ ସଙ୍ଗୀତ କଳାକାରମାନଙ୍କ ଦ୍ୱାରା ଗାନ କରାଯାଇଥିଲା । ସେହିପରି ସ୍ଥାନୀୟ ସାଂସ୍କୃତିକ ଅନୁଷ୍ଠାନମାନଙ୍କ ଦ୍ୱାରା ୫ଟି ଦେଶାତ୍ମବୋଧ ନୃତ୍ୟ କାର୍ଯ୍ୟକ୍ରମ ମଧ୍ୟ ପରିବେଷିତ ହୋଇଥିଲା । ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଦୀପକ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା ସହ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଉତ୍କଳ ଭାଷା ବନ୍ଦନା ଓ ବ୍ୟାସକବି ଫକୀରମୋହନଙ୍କ ରଚିତ ଭାଷା ବନ୍ଦନା ଡାକବାଜି ଯନ୍ତ୍ର ଦ୍ୱାରା ସହରର ବିଭିନ୍ନ ଅଂଚଳରେ ପ୍ରଚାର କରାଯାଇଥିଲା । ଓଡିଶା ଦିବସ ଅବସରରେ ସହରର ବିଭିନ୍ନ ସରକାରୀ କାର୍ଯ୍ୟାଳୟ ସମେତ ଅନ୍ୟାନ୍ୟ କୋଠାକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଥିଲା । ଜିଲ୍ଲାସ୍ତରୀୟ ଓଡିଶା ଦିବସର ସମସ୍ତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ବିଷ୍ଣୁ ଚରଣ ସୂତାର, ଜିଲ୍ଲା କ୍ରୀଡା ଅଧିକାରୀ ଶ୍ରୀ ପୂର୍ଣ୍ଣଚନ୍ଦ୍ର ଜେନା, ଜିଲ୍ଲା ସଂସ୍କୃତି ଅଧିକାରୀ ଶ୍ରୀ ଆଶିଷ କୁମାର ସାହୁଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ସକ୍ରିୟ ସହଯୋଗ କରିଥିଲେ ।

# ଅଧାପନ୍ତରିଆ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେବ କେବେ ?



ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଜାରକା ପଞ୍ଚାୟତ ଉତର ଶାସନ ଗ୍ରାମରେ ନିର୍ମିତ ପାନୀୟ ଜଳ ପ୍ରକଳ୍ପ ୨ବର୍ଷ ହେଲା ଅଧାପନ୍ତରିଆ ଅବସ୍ଥାରେ ରହିଛି । ପ୍ରକଳ୍ପ ନିର୍ମାଣସ୍ଥଳ ଜମି ବିବାଦ ଏବେ କୋର୍ଟରେ ବିଚରାଧୀନ ଥିବା ବେଳେ ଏହି ଚର୍ଚ୍ଚିତ ପାନୀୟ ଜଳ ପ୍ରକଳ୍ପ କେବେ କାର୍ଯ୍ୟକ୍ଷମ ହେବ ଏ ପ୍ରଶ୍ନର ଉତର କାହାରି ପାଖରୁ ମିଳୁନାହିଁ । ଏବେଠାରୁ ଗ୍ରୀଷ୍ମପ୍ରବାହ ଆରମ୍ଭ ହୋଇ ଯାଇଥିବା ବେଳେ ଲୋକମାନେ ପାଣି ମୁନ୍ଦେ ପାଇବାକୁ ବହୁ ଅସୁବିଧାର ସମ୍ମୁଖୀନ ହେଉଛର୍ନ୍ତି । ଉକ୍ତ ପାନୀୟ ଜଳ ପ୍ରକଳ୍ପ କାର୍ଯ୍ୟକ୍ଷମ ହେଉନଥିବାରୁ ଦୀର୍ଘଦିନ ହେଲା ନିକଟସ୍ଥ ଉତର ଶାସନ, ଦୁବଗଡ଼ିଆ, ଦକ୍ଷିଣ ଶାସନ, ଶଙ୍ଖାରିଡ଼ିହ ଓ ଉତର ଶାସନ(ଖ) ଗ୍ରାମବାସୀ ପାଇପ୍ ପାଣି ପାଇବାରୁ ବଞ୍ଚିତ ହୋଇଛର୍ନ୍ତି । ପ୍ରକାଶ ଯେ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ପକ୍ଷରୁ ପ୍ରାୟ ୮୦ଲକ୍ଷ ଟଙ୍କା ବ୍ୟୟରେ ଉତର ଶାସନ ଗ୍ରାମ ନଣ୍ଡା ମହାଦେବ ମନ୍ଦିର ନିକଟରେ ଏକ ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା । ୨୦୧୯ ନଭେମ୍ବର ୧ତାରିଖରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବର୍'ରାୟ ଏହାର ଭିତିପ୍ରସ୍ତର ସ୍ଥାପନ କରିଥିଲେ । ପରେ ଏଠାରେ ଘର, ବୋରିଂ, ଓଭର ହେଡ୍ ପାଣିଟାଙ୍କି, ବିଦ୍ୟୁତ୍ ସଂଯୋଗ, ପାଇପ୍ ବିଛାଯିବା ସହିତ ପାଚେରୀ ଆଦି ନିର୍ମାଣ କରାଯାଇଥିଲା । ହେଲେ ପ୍ରକଳ୍ପ ନିର୍ମାଣସ୍ଥଳ ଜମି ମାଲିକାନାକୁ ନେଇ ବିବାଦ ସୃଷ୍ଟି ହୋଇଥିଲା । ଏହାକୁ ବ୍ୟକ୍ତିଗତ ଜମି ଦର୍ଶାଇ ବେଆଇନ ପ୍ରକଳ୍ପ ନିର୍ମାଣ ବିରୋଧରେ କୋର୍ଟରେ ମାମଲା ରୁଜୁ ହୋଇଥିଲା । ପରେ କୋର୍ଟ ନିର୍ଦ୍ଦେଶକ୍ରମେ ଏଠାରେ ପ୍ରକଳ୍ପ ନିର୍ମାଣ କାର୍ଯ୍ୟ ବନ୍ଦ ହୋଇଯାଇଥିଲା । ଇତି ମଧ୍ୟରେ ପ୍ରକଳ୍ପ ନିର୍ମାଣକୁ ୨ବର୍ଷ ବିତି ଯାଇଥିଲେ ମଧ୍ୟ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ କେହି ମୁଣ୍ଡ ଖେଳାଉ ନାହାଁର୍ନ୍ତି । ରାଜ୍ୟ ସରକାର ସମସ୍ତଙ୍କ ଘରକୁ ପାଇପ୍ ଯୋଗେ ପିଇବା ପାଣି ଯୋଗାଇ ଦେବାପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରିଛର୍ନ୍ତି । ହେଲେ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ଦୂରଦୃଷ୍ଟିହୀନତା ଯୋଗୁ ଏଠାରେ ଏକ ବିବାଦୀୟ ଜମିରେ ଉକ୍ତ ମୂଲ୍ୟବାନ ପ୍ରକଳ୍ପର ନିର୍ମାଣ କରାଗଲା । ସିଂହଭାଗ ଅର୍ଥ ଖର୍ଚ୍ଚ ସରିବାପରେ ପ୍ରକଳ୍ପ କାର୍ଯ୍ୟ ବନ୍ଦ ହୋଇଗଲା । ବିପୁଳ ସରକାରୀ ଅର୍ଥ ଖର୍ଚ୍ଚ ହେଲା ଅଥଚ ଏଠାକାର ଅଞ୍ଚଳବାସୀ ପାନୀୟ ଜଳ ପାଇବାରେ ବଞ୍ଚିତ ହେଲେ । ଖରା ମାସରେ ୫ଟି ଗ୍ରାମର ୪ହଜାରରୁ ଅଧିକ ଲୋକେ ପିଇବା ପାଣି ପାଇଁ ହନ୍ତସନ୍ତ ହେଉଛର୍ନ୍ତି । ବାଧ୍ୟ ହୋଇ ଲୋକମାନେ ବ୍ୟକ୍ତିଗତ ଉଦ୍ୟମରେ ଜଳଉତ୍ସ ସୃଷ୍ଟି କରୁଥିବା ବେଳେ ଗରିବ ଲୋକମାନେ କୂଅ ପୋଖରୀରୁ ପାଣି ସଂଗ୍ରହ କରୁଛର୍ନ୍ତି । ହେଲେ ଏସବୁ ଜଳ ଉତ୍ସ ଏବେଠାରୁ ଶୁଖିବା ଆରମ୍ଭ କରି ଦେଇଥିବାରୁ ଆଗାମୀ ଦିନରେ ଜଳ ସଂକଟ ଏଠାରେ ଉତ୍କଟ ଆକାର ଧାରଣ କରିବା ସମ୍ଭାବନା ସୃଷ୍ଟି ହୋଇଛି । ଗୋରୁ ଗାଈ ଓ ଅନ୍ୟ ପଶୁପକ୍ଷୀ ପିଇବାପାଇଁ ପାଣି ମୁନ୍ଦେ ପାଇବେ ନାହିଁ । ଏପଟେ ପାଇପ୍ ବିଛାଇବା ନାଁରେ ଠିକାଦାର ଅଧିକାଂଶ ରାସ୍ତାକୁ ଖୋଳି ପକାଇଥିଲେ ହେଁ, ଏହାକୁ ମରାମତି ନକରି ଛାଡ଼ି ଦେଇଛର୍ନ୍ତି । ଫଳରେ ଲୋକମାନଙ୍କ ଯାତାୟତରେ ମଧ୍ୟ ବାଧା ଉପୁଜିଛି । ପ୍ରକଳ୍ପକୁ ଅଧାପ'ରିଆ ଅବସ୍ଥାରେ ପକାଇ ଠିକାଦାର ଲକ୍ଷ ଲକ୍ଷ ଟଙ୍କା ହଡ଼ପ କରି ନେଇଥିବା ଅଭିଯୋଗ ଉଠିଛି । ତୁରନ୍ତ ଯାଜପୁର ଜିଲ୍ଲାପାଳ ଏଥିରେ ହସ୍ତକ୍ଷେପ କରିବାକୁ ସାଧାରଣରେ ଦାବି ହୋଇଛି ।

# ଲୋକଙ୍କୁ ଭୁଆଁ ବୁଲାଇ ସରକାରୀ ଜମିରୁ ମାଟି ଲୁଟୁଛନ୍ତି ମାଫିଆ

ବାଲେଶ୍ୱର (ପିଏନ୍)- ବସ୍ତା ଅଞ୍ଚଳରେ ଦିନକୁ ଦିନ ସକ୍ରିୟ ହୋଇ ଉଠୁଛନ୍ତି ମାଟି ମାଫିଆ । କୋଉଠି ରାଜସ୍ୱ ବିଭାଗର ଆଖିରେ ଧୂଳି ଦେଇ ସରକାରୀ ଜମିରୁ ମାଟି ଲୁଟି ନେଉଛନ୍ତି ତ କୋଉଠି ଲୋଭନିୟ ପ୍ରତିଶ୍ରୁତି ଦେଇ ଲୋକଙ୍କ ଜମିରୁ ଆବଶ୍ୟକ ଠାରୁ ଅଧିକ ଗଭୀର କରି ମାଟି ଖୋଳି ନେଉଛନ୍ତି । ଏମିତି ଘଟଣା ଦେଖିବାକୁ ମିଳିଛି ବାଲେଶ୍ୱର ଜିଲ୍ଲା ବସ୍ତା ବ୍ଲକ ନଟାକଟା ପଞ୍ଚାୟତର ନଟାକଟା ଗ୍ରାମରେ, ଗ୍ରାମର ପଶ୍ଚିମ ପାର୍ଶ୍ୱରେ ଥିବା ସରକାରୀ ଗୋଚର ଜମିରୁ ମାଟି ଦଲାଲ ଏବଂ ମାଫିଆ ମାନେ ଜେସିପି ଏବଂ ଟ୍ରାକ୍ଟର ଲଗାଇ ରାତି ଅଧିଆ ମାଟି ଲୁଟି ଚାଲିଛନ୍ତି । ଲୋକେ ଅଭିଯୋଗ କରିବାରୁ ଏହା ସରକାରଙ୍କ ୫ଟି ଯୋଜନାରେ ସ୍ମାର୍ଟ ସ୍କୁଲର ଖେଳ ପଡ଼ିଆ ନିର୍ମାଣ ପାଇଁ ଯାଉଛି ବୋଲି କହି ଭୁଆଁ ବୁଲାଉଛନ୍ତି । ଗ୍ରାମର ଶତାଧିକ ମହିଳା ଓ ପୁରୁଷ ମାଟି ଖୋଳାକୁ ବିରୋଧ କରିଥିଲେ । ମାତ୍ର ମାଫିଆ ମାନେ ସେମାନଙ୍କୁ ବିଭିନ୍ନ ପ୍ରକାରର ଧମକ ଦେଉଛନ୍ତି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି । ସୂଚନା ଥାଉ କି ଯେ, ଗ୍ରାମାଞ୍ଚଳ ମାନଙ୍କରେ ଗୋରୁ ଗାଈ ଚରାଇବା ପାଇଁ ଗୋଚର କିସମର ପଡ଼ିଆ ରହିଛି । ତେବେ କିଛି ଅସାଧୁ ବ୍ୟବସାୟୀଙ୍କ ଲୋଲୁପ ଦୃଷ୍ଟି ରହିଛି ଏହି ଜମି ଓ ପଡ଼ିଆ ଉପରେ । ବସ୍ତା ତହସିଲଦାର ଅମର୍ଦ୍ଦାରୋଡ ଆର ଆଇ ଅଧିନସ୍ତ ନଟାକଟା ପଞ୍ଚାୟତର ନଟାକଟା ମୌଜାରେ ଏପରି ଏକ ଘଟଣା ଦେଖିବାକୁ ମିଳିଛି । ଏହିଠାରେ ଅସାଧୁ ବ୍ୟବସାୟୀ ଜଣକ ରାତରାତି ଜେସିବି ଯୋଗେ ଥିବା ଗୋଚର କିସମ ପଡିଆକୁ ତାଡି ମାଟି ବିକ୍ରି କରିଥିବା ବେଳେ ପୁଣି ତା' ପରଦିନ ଉକ୍ତ ଜମିରୁ ଟ୍ରାକ୍ଟର ଓ ଜେସିବି ଯୋଗେ ମାଟି ଖୋଳୁଥିବା ବେଳେ ଗ୍ରାମବାସୀ ମାନେ ବିରୋଧ କରିବାରୁ ଏହା ମୋ ସରକାର ୫ ଟି ସଚୀବ କାମ ବୋଲି କହିଥିଲେ । ଯଦି ବିରୋଧ କରିବ ଥାନାକୁ କହି ଗିରଫ କରିବା ଧମକ ଦେଇଥିଲେ ସଂପୃକ୍ତ ଠିକାଦାର ଜଣକ । କୋଣସି ଉପାୟ ନ ପାଇ ଗ୍ରାମବାସୀ ଏହି ଘଟଣା ସମ୍ପର୍କରେ ସ୍ଥାନୀୟ ଆର ଆଇ ଓ ତହସିଲଦାରଙ୍କୁ ଅଭିଯୋଗ କରିଥିଲେ ମଧ ଘଟଣା ସ୍ଥଳରେ କେହି ପହଞ୍ଚି ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଅମର୍ଦ୍ଦାରୋଡ ଆର ଆଇ କାର୍ଯ୍ୟାଳୟ ଠାରୁ ମାତ୍ର ୫୦ ମିଟର ଦୂରରେ ଏଭଳି ମାଟି ଚୋରୀ ହେଉଥିବା ବେଳେ ସରକାରଙ୍କ ରାଜକୋଷରୁ ଲକ୍ଷାଧିକ ଟଙ୍କାର ରାଜସ୍ୱ ହାନି ଘଟୁଛି ଓ ଗ୍ରାମାଞ୍ଚଳ ମାନଙ୍କରେ ଗୋଚର ଜମି ଧୀରେ ଧୀରେ ଲୋପ ପାଇବାକୁ ବସିଲାଣି । ତେବେ ଏହି ଘଟଣା ସମ୍ପର୍କରେ ସଂପୃକ୍ତ ଠିକାଦାରଙ୍କୁ ପଚାରିବାରୁ ବସ୍ତା ବିଡ଼ିଓ ସିଦ୍ଧେଶ୍ୱର ଉଚ୍ଚ ବିଦ୍ୟାଳୟ ୫ ଟି କାମ ପାଇଁ ଏହି ଜମିରୁ ମାଟି ଉଠାଇବାକୁ କହିଥିବା ପ୍ରକାଶ କରିଥିଲେ । ବିଡ଼ିଓ ଜ୍ଞାନରଞ୍ଜନ ସାହୁଙ୍କୁ ଯୋଗାଯୋଗ କରିବାରୁ ସେ ତହସିଲଦାର ନୁହନ୍ତି ଯେଉଁ ବ୍ୟକ୍ତି ଏହା କହିଛନ୍ତି ତାହା ଭିତ୍ତି ହୀନ ବୋଲି ପ୍ରକାଶ କରିଛନ୍ତି । ତହସିଲଦାର କାର୍ତ୍ତିକ ଚନ୍ଦ୍ର ଦାସଙ୍କୁ ଉକ୍ତ ଘଟଣା ବିଷୟରେ ପଚାରିବାରୁ ତଦନ୍ତ କରାଯାଉଛି ଏବଂ ଗୋଚର ଜମି ପ୍ରମାଣ ହେଲେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୪, ସେପ୍ଟେମ୍ବର ୦୬

# ୨୦୩୬ ସ୍ୱପ୍ନ ପାଇଁ ଅଲିମ୍ପିକ୍ସ ଆନ୍ଦୋଳନ ଓ ଭିତ୍ତିଭୂମିର ଅଭାବ



ବାଦଲ ଭୂୟାଁ

ବିଶ୍ୱରେ ସର୍ବକାଳୀନ ମହାକୁମ୍ଭ ହେଉଛି ଅଲିମ୍ପିକ୍ସ ଯେଉଁଠି ବିବିଧ ଖେଳ ଗୋଟିଏ ମଞ୍ଚରେ ପ୍ରଦର୍ଶନ ପାଇଁ ଖେଳାଳିଙ୍କ ପାଇଁ ଜୀବନର ଏକ ସ୍ୱପ୍ନ ପାଲଟିଥାଏ। ଏହାର ଇତିହାସ ହେଉଛି ୧୨୮ ବର୍ଷର। ପ୍ରତି ଚାରି ବର୍ଷରେ ଆୟୋଜିତ ହେଉଥିବା ଏହି ସର୍ବଶ୍ରେଷ୍ଠ ବିଶ୍ୱକ୍ରୀଡ଼ା ମହାକୁମ୍ଭରେ ଏଯାବତ୍ ମାତ୍ର ୧୬ଜଣ ଓଡ଼ିଆ ପହଞ୍ଚିବାରେ ସକ୍ଷମ ହୋଇଛନ୍ତି। ସର୍ବାଧିକ ତିନିଥର ଅଲିମ୍ପିକ୍ସ ଖେଳିବାର ରେକର୍ଡ଼ ରହିଛି ଦିଲ୍ଲୀପ ତିର୍କୀଙ୍କ ନାମରେ। ସର୍ବପ୍ରଥମେ ଦିଲ୍ଲୀପ ତିର୍କୀହିଁ ୧୯୯୬ରେ ଆଟଲାଣ୍ଟା ଅଲିମ୍ପିକ୍ସରେ ପ୍ରଥମ ଯୋଗଦାନ କରିଥିଲେ। ସେହିଭଳି ଅମିତ ରୋହି ଦାସ ହେଉଛନ୍ତି ପ୍ରଥମ ଓଡ଼ିଆ ଖେଳାଳି ଯିଏକି ଦୁଇଥର ଅଲିମ୍ପିକ୍ସ ପଦକ ଜିତିବାରେ ସଫଳ ହୋଇଥିଲେ। ୧୮୯୬ରେ ଗ୍ରୀସର ଏଥେନ୍ସରୁ ଆଧୁନିକ ଅଲିମ୍ପିକ୍ସ ସୃଷ୍ଟି ହୋଇଥିବା ବେଳେ ଏହାର ଠିକ ୧୦୦ ବର୍ଷ ପରେ ଓଡ଼ିଶାର ପ୍ରତିନିଧିତ୍ୱ ମିଳିଥିଲା। ୧୯୯୬ ଆଟଲାଣ୍ଟା ଅଲିମ୍ପିକ୍ସରେ ଦିଲ୍ଲୀପ ତିର୍କି ଭାରତୀୟ ହକି ଦଳରେ ଖେଳିବା ପରେ ଏହି ଶତକୀୟ ସ୍ୱପ୍ନ ସାକାର ହୋଇଥିଲା। ପରବର୍ତ୍ତୀ ସମୟରେ ଦିଲ୍ଲୀପ ୨୦୦୦ ସିଡନି ଏବଂ ୨୦୦୪ ଏଥେନ୍ସ ଅଲିମ୍ପିକ୍ସରେ ମଧ୍ୟ ଖେଳିଥିଲେ। ଯାହାକି ଏ ପର୍ଯ୍ୟନ୍ତ କୌଣସି ଓଡ଼ିଆଙ୍କ ଭାଗ୍ୟ (ତିନିଥର ପ୍ରତିନିଧିତ୍ୱ)ରେ ଜୁଟି ପାରିନାହିଁ। ଓଡ଼ିଶାରେ କ୍ରୀଡ଼ା ଭିତ୍ତିଭୂମିର ବିଶ୍ୱସ୍ତରୀୟ ବିକାଶ ସହ ଭୁବନେଶ୍ୱରରେ ରାଜ୍ୟଗୋଷ୍ଠୀ କ୍ରୀଡ଼ା କିମ୍ବା ଏସୀୟ କ୍ରୀଡ଼ା ଭଳି ବଡ଼ ଅନ୍ତର୍ଜାତୀୟ ପ୍ରତିଯୋଗିତା ଆୟୋଜନର ସ୍ୱପ୍ନ ଅତୀତରେ କ୍ରୀଡ଼ା ବିଭାଗ ଦେଖାଇଥିଲା। କଳିଙ୍ଗ ଷ୍ଟାଡ଼ିୟମରେ ଏସିଆନ ଆଥଲେଟିକ୍ସ ପ୍ରତିଯୋଗିତାର ସଫଳ ଆୟୋଜନକୁ ଏହାର ପ୍ରେରଣା ଓ ଉଦାହରଣ ଭାବେ ଦର୍ଶାଇଥିଲେ। ଏବେ ୨୦୩୬ ସୁଦ୍ଧା ବିଶ୍ୱ କ୍ରୀଡ଼ା ମାନଚିତ୍ରରେ ଓଡ଼ିଶା ପାଇଁ ସ୍ୱତନ୍ତ୍ର ସ୍ଥାନ ସୃଷ୍ଟି କରିବାର ଲକ୍ଷ୍ୟ ନୂଆ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଧାର୍ଯ୍ୟ କରିଛନ୍ତି। ୨୦୩୬ରେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନର ଶହେବର୍ଷ ପୂର୍ତ୍ତି ହେଉଥିବାରୁ ଏହା ଏକ ଉତ୍ସାହବର୍ଦ୍ଧକ ଲକ୍ଷ୍ୟ ବୋଲି କୁହାଯାଇପାରେ। ତେବେ ଏହି ସ୍ୱପ୍ନ ସାକାର ହେବାର ପଥ ସେତେଟା ସହଜ ନୁହେଁ। ଏଥିଲାଗି ଏବେ ଠାରୁ ଖସଡ଼ା ପ୍ରସ୍ତୁତ କରି ତଦନୁଯାୟୀ ଭିତ୍ତିଭୂମି ସହ ତୃଣମୂଳସ୍ତରୁ ଖେଳାଳୀ ସୃଷ୍ଟି ଉପରେ ଅଧିକ ଧ୍ୟାନ ଦେବା ଜରୁରୀ। ଏହା ସତକଥା ଯେ ଆମର ଓଡ଼ିଶାରେ ଏହି ବିଶ୍ୱସ୍ତରୀୟ ଭିତ୍ତିଭୂମି ତିଆରି ହୋଇଛି। କେବଳ ଭୁବନେଶ୍ୱରରେ ୬ଟି ଫିଫା ମାନ୍ୟତା ଫୁଟବଲ ପଡ଼ିଆ ସୃଷ୍ଟି କରାଯାଇଛି। ଇନଡୋର ଆଥଲେଟିକ୍ସ ଷ୍ଟାଡ଼ିୟମ, କ୍ରୀଡ଼ା ବିଜ୍ଞାନ କେନ୍ଦ୍ର ଆଦି ଗଢ଼ି ଉଠିଛି। କଳିଙ୍ଗ ଷ୍ଟାଡ଼ିୟମରେରେ କ୍ରୀଡ଼ାବିତଙ୍କ ପାଇଁ ବହୁତ ଭଲ ବ୍ୟବସ୍ଥା କରାଯାଇଛି। ହେଲେ ଏସବୁ ଭିତ୍ତିଭୂମି ହେଉଛି ପ୍ରତିଦ୍ୱନ୍ଦ୍ୱମୂଳକ। ଅର୍ଥାତ୍ ଏଠାରେ କେବଳ ପେସାଦାର ଖେଳାଳି ଖେଳି ପାରୁଛନ୍ତି। ଅନ୍ୟପକ୍ଷରେ ଛୋଟ ଛୋଟ ପିଲାମାନେ ଖେଳିବା ଲାଗି ପଡ଼ିଆ ନାହିଁ। ଆଗ ସେମାନଙ୍କ ପାଇଁ ଭିତ୍ତିଭୂମି କରାଯାଇ, ତାପରେ ବିଶ୍ୱସ୍ତରୀୟ ଭିତ୍ତିଭୂମି କରାଯାଇଥିଲେ ଲାଭ ମିଳିଥାନ୍ତା। କେତେ ଜଣ ଖେଳାଳୀଙ୍କୁ କଳିଙ୍ଗ ଷ୍ଟାଡ଼ିୟମ ଯାଇ ଖେଳିବାର ସୁଯୋଗ ମିଳୁଛି? ଏପରିକି ବ୍ଲକସ୍ତରରେ ସୃଷ୍ଟି କରାଯାଇଥିବା ମିନି ଷ୍ଟାଡ଼ିୟମ ଗୁଡ଼ିକରେ କେତେ ଜଣ ସାଧାରଣ ପିଲାଙ୍କୁ ପ୍ରବେଶ ଅନୁମତି ମିଳୁଛି? ତାଛଡ଼ା ଆମ ସ୍କୁଲ ଗୁଡ଼ିକରେ ଖେଳ ସଂସ୍କୃତି ନାହିଁ। ଯେଉଁମାନେ ଖେଳୁଛନ୍ତି, ମାଟ୍ରିକ ବେଳକୁ ଛାଡ଼ି ଦେଉଛନ୍ତି। କିଛି ଖେଳାଳି ଚାକିରି ପାଇଗଲେ ଖେଳ ଛାଡ଼ି ଦେଉଛନ୍ତି। ହେଲେ ଆଧୁନିକ ଭିତ୍ତିଭୂମି ପାଇଁ ଭୁବନେଶ୍ୱର ନିଶ୍ଚିତ ଭାବେ ଦେଶର ଅନ୍ୟତମ ସ୍ପୋର୍ଟସ ହବ ପାଲଟିଛି। ଚାମ୍ପିଅନ ରାତାରାତି ସୃଷ୍ଟି ହୁଅନ୍ତିନି। ଏହି ସବୁ ଭିତ୍ତିଭୂମି ଓଡ଼ିଶାରେ କ୍ରୀଡ଼ା ସଂସ୍କୃତି ସୃଷ୍ଟି ପାଇଁ ବଳିଷ୍ଠ ମଞ୍ଚ ହୋଇପାରିବେ। ଯୁବ ପ୍ରତିଭାଙ୍କୁ ଚିହ୍ନଟ କରିବା ପରେ ଆମକୁ ଧୈର୍ଯ୍ୟ ରଖିବାକୁ ହେବ। ସେମାନଙ୍କୁ ଚାମ୍ପିଆନ ଖେଳାଳି ଭାବେ ସୃଷ୍ଟି କରିବା ଲାଗି ନିରନ୍ତର ପ୍ରୟାସ କରିବାକୁ ପଡ଼ିବ। ଭଲ ଖେଳାଳି ସୃଷ୍ଟି କରିବା ଲାଗି ଆମକୁ ଗଣ ଅଂଶ ଗ୍ରହଣର ଆବଶ୍ୟକତା ରହିଛି। ଯେତେବେଳେ କୌଣସି ପ୍ରତିଦ୍ୱନ୍ଦ୍ୱିତାର ସ୍ତର ବଢ଼ିବ, ସେତେବେଳେ ହିଁ ଭଲ ଖେଳାଳି ବାହାରିବେ। ୧୦ କିମ୍ବା ୨୦ ପରିବର୍ତ୍ତେ ଯେତେବେଳେ ଏକ ନିର୍ଦ୍ଦିଷ୍ଟ ଖେଳରେ ଖେଳାଳିଙ୍କ ସଂଖ୍ୟା ଶହେ କିମ୍ବା ତାଠାରୁ ଅଧିକ ହେବ, ସେତେବେଳେ ନିଶ୍ଚିତ ବିଶ୍ୱସ୍ତରୀୟ ଖେଳର କେବଳ ଗୋଟିଏ ଦିଗ ହିଁ ପୂରଣ ହେବ। ସବୁ ଦିଗ ନୁହେଁ। ଓଡ଼ିଶାରୁ ଅଲିମ୍ପିଆନ ସୃଷ୍ଟି ନହେବା ପଛରେ ରହିଛି ଅନେକ ନାହିଁ। ସହରୀକରଣ ଚାପରେ ସହରଠାରୁ ଆରମ୍ଭ କରି ଗାଁ ପର୍ଯ୍ୟନ୍ତ ଖେଳ ପଡ଼ିଆ ସଙ୍କୁଚିତ ହେବାରେ ଲାଗିଛି। ରାଜ୍ୟରେ କ୍ରୀଡ଼ା ଛାତ୍ରାବାସ ଗୁଡ଼ିକୁ ଗୌଣ କରି ଦିଆଯାଉଛି। ଭଲ ପ୍ରଶିକ୍ଷକ ସୃଷ୍ଟି ହେବାର ସେଭଳି କୌଣସି ନିର୍ଦ୍ଦିଷ୍ଟ ନୀତି ନିୟମ କିମ୍ବା ସାରଣୀ ନାହିଁ। ତୃଣମୂଳ ସ୍ତରରୁ ଖେଳାଳୀ ଚିହ୍ନଟର ନିର୍ଦ୍ଦିଷ୍ଟ ବ୍ୟବସ୍ଥା ନାହିଁ। ଯଦିଓ ଅଛି, ଏହା ପ୍ରଭାବଶାଳୀ ହେଉନି। ସେହିଭଳି ସ୍କୁଲ ସ୍ତରରେ ଖେଳକୁ ଆବଶ୍ୟକ ପ୍ରୋତ୍ସାହନ ମିଳୁନି। କ୍ରୀଡ଼ାକୁ ପାଠ୍ୟକ୍ରମରେ ସାମିଲ କରାଯିବା କଥା କେବଳ ଚର୍ଚ୍ଚାରେ ସୀମିତ ରହିଛି। ଅଲିମ୍ପିକ୍ସର ବିକାଶ ସହିତ ରାଜ୍ୟର ଖେଳ ସଂସ୍କୃତି ବଢ଼ିବା ସହ ଖେଳ ପ୍ରତି ଲୋକମାନଙ୍କ ଭଲ ପାଇବା ମଧ୍ୟ ଜରୁରୀ। ତୃଣମୂଳ ସ୍ତରରୁ ଗାଁରେ ଥିବା ପ୍ରତିଭାବାନ ବଣମଲ୍ଲି ପରି ସେମାନଙ୍କୁ ଲୋକଲୋଚନକୁ ଆଣି ସେହି ଗାଁରୁ ଖେଳକୁ ହିଁ ପ୍ରୋତ୍ସାହନ ଦିଆଗଲେ ଏହା ଏକ ନିଶାରେ ପରିଣତ ହୋଇଯିବ ଯାହା ଖେଳ ସଂସ୍କୃତିକୁ ବଢ଼ାଇ ପାରିବା ସହ ଯୁବ ବର୍ଗବି ଭୟାନକ ନିଶା ରାକ୍ଷାସ ଠାରୁ ଦୂରେଇ ଖେଳରେ ଉତ୍କର୍ଷ ଅର୍ଜନ କରିପାରିବେ।

*ପ୍ରତିଷ୍ଠାତା, ସମ୍ପାଦକ 'ସିଂହଭୂମ୍', ପୁରୁଣା ସୋନାରି, ଜାମସେଦପୁର*

# ଶ୍ରୀ ଗଣେଶ



ଅଲେଖ ଚନ୍ଦ୍ର ସାମଲ

ଗଣପତି ବା ବିନାୟକ ହେଉଛନ୍ତି ସବୁଠାରୁ ଅଧିକ ପୂଜିତ ହିନ୍ଦୁ ଦେବତା। ସେ ମହାଦେବ ଶିବ ଓ ଦେବୀ ପାର୍ବତୀଙ୍କର ସାନ ପୁଅ ଓ କାର୍ତ୍ତିକେୟଙ୍କର ସାନ ଭାଇ। ତାଙ୍କର ବାହନ ମୂଷିକ। ଗଣେଶଙ୍କର ପ୍ରତିକୃତି ଭାରତ ଓ ନେପାଳରେ ସର୍ବତ୍ର ପରିଦୃଷ୍ଟ ହୁଏ। ହିନ୍ଦୁମାନେ ଜାତି, ଭାଷା, ବର୍ଣ୍ଣ ନିର୍ବିଶେଷରେ ଗଣେଶଙ୍କୁ ପୂଜା କରିଥାନ୍ତି। ଏପରିକି ଜୈନ, ବୁଦ୍ଧ ଓ ଅଣଭାରତୀୟମାନେ ମଧ୍ୟ ଗଣେଶଙ୍କ ଉପାସନା କରିଥାନ୍ତି। ଶାସ୍ତ୍ରରେ ୩୨ ପ୍ରକାର ଗଣେଶଙ୍କ ବିଷୟରେ ବିର୍ଣ୍ଣନା କରାଯାଇଛି। ଅନେକ ବିଶେଷଜ୍ଞ ମଧ୍ୟରୁ ଗଣେଶ ତାଙ୍କର ହାତୀ ମୁଣ୍ଡ ଯୋଗୁଁ ସହଜରେ ଚିହ୍ନା ପଡ଼ନ୍ତି। ବିଘ୍ନ ନାଶକ ରୂପେ ସେ ସର୍ବତ୍ର ପୂଜିତ ହୁଅନ୍ତି। କଳା, ବିଜ୍ଞାନର ଓ ବୁଦ୍ଧିମତ୍ତାର ଦେବତା ଓ ସଂରକ୍ଷକ ରୂପେ ସେ ପରିଚିତ। ଆଦି ଦେବତା ହିସାବରେ ପ୍ରତ୍ୟେକ ଶୁଭ କାର୍ଯ୍ୟ, ପୂଜା, ଲେଖାପଢ଼ା ଓ ଧାର୍ମିକ କ୍ରିୟା ଆରମ୍ଭରେ ତାଙ୍କର ଆବାହନ କରାଯାଏ। ଶିବ ପୁରାଣ ଅନୁଯାୟୀ ଦେବୀ ପାର୍ବତୀ ନିଜ ଦେହକୁ ନିର୍ଗତ ମଇଳାରୁ ଏକ ମୂର୍ତ୍ତି ଗଠନ କଲେ ଏବଂ ତାକୁ ଜୀବନ ଦାନ ଦେଲେ। ପାର୍ବତୀ ଏହାଙ୍କୁ ଦ୍ୱାର ଜଗାଇ ଏବଂ ଭିତରକୁ କାହାକୁ ପ୍ରବେଶ ନକରାଇବା ପାଇଁ ଆଦେଶ ଦେଇ ସ୍ନାନ କରିବାକୁ ଗଲେ। ଠିକ୍ ସେହି ସମୟରେ ମହାଦେବ ଘରକୁ ଫେରି ଭିତରକୁ ପ୍ରବେଶ କରନ୍ତେ, ବାଳକ ଗଣେଶ ଆପଣା ପିତାଙ୍କୁ ଚିହ୍ନି ନପାରି ବାଟ ଛାଡ଼ିଲେ ନାହିଁ। ମହାଦେବ ଯେତେ ବୁଝାଇବାକୁ ଚେଷ୍ଟା କରି ବିଫଳ ହେବା ପରେ କ୍ରୋଧ ଜର୍ଜରିତ ହୋଇ ଶିର ଛେଦନ କଲେ। ପରେ ପାର୍ବତୀଙ୍କ ନିକଟରୁ ଏହାଙ୍କର ପରିଚୟ ପାଇ ଫେରି ଆସି ଦେଖିଲା ବେଳକୁ ମୁଣ୍ଡହୀନ ଗଣ୍ଡିଟି ପଡ଼ିଅଛି। ମହାଦେବ ମୁଣ୍ଡ ଖୋଜି ନପାଇ ଉତ୍ତର ଦିଗକୁ ମୁଣ୍ଡ କରି ଶୋଇଥିବା ଗୋଟିଏ ହାତୀର ମୁଣ୍ଡକୁ କାଟି ଆଣି ଏହାଙ୍କ ଗଣ୍ଡିରେ ଯୋଡ଼ି ଜୀବନ ଦାନ କଲେ। ମହାଦେବଙ୍କ ପ୍ରଥମ ଗଣର ସେନାପତି। ପୌରାଣିକ ମତେ ଗଣେଶ ବ୍ୟାସୋକ୍ତ ମହାଭାରତର ଲେଖକ। ଭାଦ୍ରବ ମାସ ଶୁକ୍ଳ ପକ୍ଷ ଚତୁର୍ଥୀ ଦିନ ଗଣେଶଙ୍କର ସ୍ୱତନ୍ତ୍ର ପୂଜା ହୁଏ। ରକ୍ତ ଚନ୍ଦ୍ର, ରକ୍ତ ପୁଷ୍ପରେ ଏହାଙ୍କୁ ପୂଜା କରାଯାଏ। ଏହାଙ୍କର ଗଜ ମସ୍ତକ, ଏକଦନ୍ତ, ଅନ୍ତଲ ପେଟ ଓ ସାପ ପଇତା। ଏହାଙ୍କର ବାହନ ମୂଷା।

*ପୂର୍ବତନ ଡିଏଫ୍ଓ, ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର, ଦୂରଭାଷ : ୯୪୩୭୨୫୭୧୨୩*

# ମମବିଘ୍ନ ବିନାଶାୟ



ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ସିଦ୍ଧି ବିନାୟକ ପ୍ରଭୁ ଗଣେଶଙ୍କ ପାଖରେ ଭକ୍ତଜନ ଆକୁଳ କଣ୍ଠରେ ପ୍ରାର୍ଥନା କରୁଛନ୍ତି 'ମମବିଘ୍ନ ବିନାଶାୟ ଗଣାଧିପତୟେ ନମଃ'। ଗଣ ଓ ଈଶ ସମଷ୍ଟିରେ ଗଣେଶ। ଗଣ ଏକ ସଂଖ୍ୟାବାଚକ ଶବ୍ଦ, ଅର୍ଥ ଜନଗଣ ବା ମନୁଷ୍ୟର ସମଷ୍ଟି। କେବଳ ମନୁଷ୍ୟ କାହିଁକି, ପଶୁପକ୍ଷୀ, କୀଟପତଙ୍ଗ, ବୃକ୍ଷଲତା ଓ ସ୍ଥାବର ଜଙ୍ଗମ ସକଳଙ୍କର ଈଶ ବା ଅଧିପତି ହେଉଛନ୍ତି ଗଣେଶ। ଈଶ ଶବ୍ଦର ଅର୍ଥ ଆଧିପତ୍ୟ। ଅଧିର ଉତ୍ପତ୍ତି ସଂସ୍କୃତ ଧା' ଧାତୁରୁ ଅର୍ଥ – ଧାରଣ ଓ ପତିର ଉତ୍ପତ୍ତି ପା' ଧାତୁ ଠାରୁ – ଅର୍ଥ ପାଳନ। ତେଣୁ ଗଣେଶ ଶବ୍ଦର ସମୂହ ଅର୍ଥ ହେଉଛି ସୃଷ୍ଟିର ଯାବତୀୟ ସବୁକିଛିକୁ ଯିଏ ଧାରଣ, ପାଳନ ଓ ପୋଷଣ କରନ୍ତି। ଏହି ପ୍ରସଙ୍ଗରେ ଯୁଗପୁରୁଷୋତ୍ତମ ଭଗବାନ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ, କୌଣସି ଦେବପୂଜାରେ ପ୍ରଥମେ ଗଣେଶଙ୍କର ପୂଜା କରାଯାଏ। ଗଣେଶ ହେଉଛନ୍ତି ସମସ୍ତଙ୍କର ଧାରୟିତା, ପୋଷୟିତା, ପାଳୟିତା ଓ ରକ୍ଷଣକର୍ତ୍ତା। ଗଣେଶଙ୍କର ପିତା ଶିବ ଓ ମାତା ଦୁର୍ଗା। ଶିବ ଅର୍ଥ ମଙ୍ଗଳ ସ୍ୱରୂପ। ତେଣୁ ଗଣେଶ ନିଶ୍ଚିତ ଭାବରେ ଶିବ ସମ୍ଭବ। ତାଙ୍କର ମା' ହେଉଛନ୍ତି ଦୁର୍ଗା, ଦୁର୍ଗତିନାଶିନୀ, ଜୀବନର ଦୁର୍ଗ ସ୍ୱରୂପା, ଯାହାଙ୍କ ପାଖରେ ସମସ୍ତ ଅଶୁଭ ଓ ଅସୁର ଶକ୍ତି ପ୍ରତିହତ, ବିପର୍ଯ୍ୟସ୍ତ ଓ ବିନଷ୍ଟ। ସମସ୍ତ ଅକଲ୍ୟାଣ ବିରୋଧରେ ଦୁର୍ଗ ହୋଇଅଛନ୍ତି ମା'ଦୁର୍ଗା।

ଗଣେଶଙ୍କ ଅନ୍ୟନାମ ସିଦ୍ଧିଦାତା ଓ ସିଦ୍ଧି ବିନାୟକ। ତାଙ୍କ ପୂଜା କରିଲେ ସିଦ୍ଧି ହୁଏ। ମନସ୍କାମନା ପୂର୍ଣ୍ଣ ହୁଏ। ଏହି ସିଦ୍ଧି କ'ଣ? ଯୁଗାବତାର ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ସିଦ୍ଧି ଭିତରେ ଅଛି ସିଦ୍ଧ ହେବାର ଭାବ। ସିଦ୍ଧି ହେବାମାନେ କାର୍ଯ୍ୟ, କର୍ମ ଓ ବାକ୍ୟରେ ଦକ୍ଷ ଓ କୁଶଳ ହେବା। ଯେଉଁ ବ୍ୟକ୍ତି କୁଶଳ କୌଶଳୀ ହୋଇ ଚାଲେ, କହିପାରେ ଓ କାର୍ଯ୍ୟ କରିପାରେ ସେ ଜୀବନରେ ହଟେନାହିଁ, ପ୍ରତାରିତ ହୁଏନାହିଁ ଓ ଅପରାଜେୟ ହୁଏ। ଗଣେଶଙ୍କ ପୂଜା ଓ ସମ୍ବର୍ଦ୍ଧନା ଭିତର ଦେଇ ଗଣଦେବତାଙ୍କର ଏହି ଧାରଣ ପାଳନୀ ଶକ୍ତି ଆମ ଚରିତ୍ରରେ ସଂଚାରିତ ହେଲେ ଗଣେଶଙ୍କର ପୂଜା ସାର୍ଥକ ହୁଏ। ଚିନ୍ତା ଜଗତରେ ଏକ ବୈପ୍ଳବିକ ପରିବର୍ତ୍ତନ ସୃଷ୍ଟି କଲେ ଯୁଗପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର। ଶବ୍ଦର ବ୍ୟବହାରଗତ ଅର୍ଥକୁ ନ ଦେଖି ତା'ର ଧାତୁଗତ ଅର୍ଥ ଦେଖିବା ପାଇଁ ସେ ଆଦେଶ କଲେ। ପୂଜା କହିବାକୁଗଲେ କେବଳ ଧୂପ, ଦୀପ, ଝୁଣା, ଚନ୍ଦନ ଓ ପୁଷ୍ପ ସହଯୋଗେ ଏକ ଅନୁଷ୍ଠାନ ନୁହେଁ। ପୂଜାଶବ୍ଦସ୍ଥିତ ପୂଜ୍ ଧାତୁର ଅର୍ଥ ହେଉଛି ସମ୍ବର୍ଦ୍ଧନା। ଏଥିପାଇଁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଯେଉଁ ଦେବତା ବା ଦେବୀଙ୍କର ପୂଜା ଆମ୍ଭେମାନେ କରୁ ତାଙ୍କର ଗୁଣାବଳୀ ନିଜ ଜୀବନ ଓ ଚରିତ୍ରରେ ମୂର୍ତ୍ତ କରିବା ହିଁ ହେଉଛି ପ୍ରକୃତ ପୂଜା। ଏହି ଚାରିତ୍ରିକ ରୂପାନ୍ତରିତ ନକରି ଯେତେ ନୈବେଦ୍ୟ ବା ଆଲୋକର ସଜ୍ଜା କଲେ ମଧ୍ୟ ପୂଜା ସାର୍ଥକ ହୁଏନାହିଁ। ଗଣେଶଙ୍କ ପୂଜାମାନେ ହେଲା – ଗଣପତିଙ୍କ ଚଳନ ଚରିତ୍ର ଓ ତାଙ୍କର ଧାରଣ, ପାଳନ, ସମ୍ବେଗ ସିଦ୍ଧ ବ୍ୟକ୍ତିତ୍ୱକୁ ନିତ୍ୟ ଅନୁଶୀଳନ ମାଧ୍ୟମରେ ନିଜ ଜୀବନରେ ପ୍ରତିଫଳିତ କରି ଉଠାଇବା। ଏହି ଅନୁଶୀଳନ ନିମିତ୍ତ ପ୍ରତିଦିନ ଓ ପ୍ରତିମୁହୂର୍ତ୍ତରେ ପ୍ରୟୋଜନ ଏକାନୁରକ୍ତି, ତୀବ୍ରତା ଓ କ୍ରମାଗତି। ଶ୍ରୀ ଶ୍ରୀ ଠାକୁରଙ୍କ ପାଖରେ ଭକ୍ତବୃନ୍ଦ ପ୍ରଶ୍ନ କଲେ – ଗଣେଶଙ୍କର ଗଜମୁଣ୍ଡ କାହିଁକି? କଥିତ ଅଛି ଶନିଗ୍ରହର ଦୃଷ୍ଟିରେ ଶିଶୁ ଅବସ୍ଥାରେ ଗଣେଶଙ୍କର ମସ୍ତିଷ୍କ ବିଚ୍ଛିନ୍ନ ହେବାରୁ ଶୀଘ୍ର ଏକ ହସ୍ତୀର ମୁଣ୍ଡ ସେଠାରେ ପ୍ରତିରୋପଣ କରାଗଲା। ଏହାଶୁଣି ଶ୍ରୀ ଶ୍ରୀ ଠାକୁର କହିଲେ – ଏକ ମଣିଷର ବିଶେଷତଃ ଏକ ଶିଶୁର ବେକରେ ହାତୀର ମୁଣ୍ଡ ପ୍ରତିରୋପଣ କରିବା ଅସମ୍ଭବ ଓ ଅବାନ୍ତର। କିନ୍ତୁ ଗଣଦେବତାଙ୍କର ବନ୍ଦନାରେ ଗଜାନନ ଓ ଗଜେନ୍ଦ୍ରବଦନ ଇତ୍ୟାଦି ଶବ୍ଦର ଉଲ୍ଲେଖ ରହିଛି। ତେଣୁ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଗଜ ଶବ୍ଦର ଅର୍ଥ ଶ୍ରେଷ୍ଠ। ଶ୍ରେଷ୍ଠ ଓ ସର୍ବୋତ୍ତମ ମସ୍ତିଷ୍କ ଯାହାଙ୍କର ସେ ହିଁ ଗଜାନନ। ଯିଏ ସମସ୍ତଙ୍କର ପାଳକ, ଧାରକ ଓ ପରିଚାଳକ ତାଙ୍କର ମସ୍ତିଷ୍କ ନିଶ୍ଚୟ ଶ୍ରେଷ୍ଠ ଓ ବଡ଼।

ଓଡ଼ିଶାର ଶରତ ଋତୁରେ ଶ୍ରୀ ଗଣେଶ ପୂଜା ହେଉଛି ଅନ୍ୟତମ ପାର୍ବଣ। ଭାଦ୍ରବ ମାସ ପବିତ୍ର ଶୁକ୍ଳ ଚତୁର୍ଥୀଦିନ ଏହି ପୂଜା କରାଯାଇଥାଏ। ସେ ଦିନ ଛାତ୍ରଛାତ୍ରୀଙ୍କ ଠାରୁ ଅନେକ ଗଣେଶଙ୍କ ଶ୍ରଦ୍ଧାଳୁ ଉପବାସ କରିବା ସହ ବିଦ୍ୟା, ଧନ ଓ ଶୁଭକାମନା କରି ଶୁଦ୍ଧପୂତ ମନରେ ଗଣପତିଙ୍କ ପୂଜା କରନ୍ତି। ଆମ ଦେଶରେ ସମସ୍ତ ଲୌକିକ ଓ ଧାର୍ମିକ କର୍ମର ଆରମ୍ଭରେ ଗଣନାଥଙ୍କ ପୂଜା କରାଯାଏ। 'ଶ୍ରୀ ଗଣଶାୟ ନମଃ' ପ୍ରାୟ ସବୁ ଶୁଭକର୍ମର ଆଦ୍ୟ ଉଚ୍ଚାରଣ। ଗଣାନାଂ ପତିଃ ଗଣପତିଃ, ତେଣୁ ମନ୍ତ୍ରରୁ ହିଁ ଜଣାଯାଏ ଯେ, ଗଣେଶ ସର୍ବସାଧାରଣଙ୍କ ଦେବତା। ଗଣପତି ସମୁହବାଚକ ହୋଇଥିବାରୁ ସମଗ୍ର ମାନବ ଜାତିର ସର୍ବସିଦ୍ଧିଦାତା ଭାବେ ସେ ପୂଜ୍ୟ। ପୁରାଣ ଓ ଶାସ୍ତ୍ର ଅନୁଯାୟୀ ଗଣେଶ ବିଦ୍ୟା ଓ ବୁଦ୍ଧିର ଦେବତା। ତାଙ୍କର ଅନ୍ୟ ନାମ ବିଶ୍ଲେଷଣ। ସମସ୍ତ ବିଘ୍ନ ଓ ବିପଦର ସେ ବିନାଶକାରୀ। ସେ ଅଶୁଭକୁ ଦୂର କରି ଶୁଭ ଆଣନ୍ତି। ତେଣୁ ତାଙ୍କର ଉଦ୍ଦେଶ୍ୟରେ କୁହାଯାଏ। "ଓଁ ନମୋ ଗଣେଶ ବିଘ୍ନେଶ, ଗିରିଜା ନନ୍ଦ ପ୍ରଭୋ, ମମ ବିଘ୍ନ ବିନାଶୟ, ଗଣାଧିପତୟେ ନମଃ"। ଗଣେଶଙ୍କ ମୂର୍ତ୍ତିରେ ଚାରିଟି ହାତ ରହିଛି। ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କହିଲେ – ଚାରି ହାତମାନେ ତାଙ୍କର ଚାରି ଦିଗରେ ଲକ୍ଷ୍ୟ ରହିଛି। ଚାରି ଦିଗରେ ସେ ସମାନ ଓ ତୀକ୍ଷ୍ଣ ନଜର ରଖି ସାମ୍ୟ ଭାବରେ ସବୁ ପରିସ୍ଥିତିକୁ ନିୟନ୍ତ୍ରଣ କରନ୍ତି। ଏହାକୁ ହିଁ କୁହନ୍ତି ଚତୁରତା। ଗଣେଶଙ୍କ ବାହନ ମୂଷା। ଏହା ଅର୍ଥରେ ଶ୍ରୀ ଶ୍ରୀ ଠାକୁର କହିଲେ – ମୂଷା ପରି ଖଳ ଓ କ୍ଷତିକାରକ ବ୍ୟକ୍ତିମାନଙ୍କୁ ଗଣପତି ତାଙ୍କ ପାଖରେ ରଖନ୍ତି, ସେମାନଙ୍କୁ ଏହି ଦୁଷ୍ଟବ୍ୟାଧିରୁ ମୁକ୍ତ କରି ଲୋକସେବାରେ ବ୍ରତୀ କରି ଉଠାନ୍ତି। ବର୍ତ୍ତମାନ ପ୍ରଶ୍ନ ଉଠେ – ଏହି ଗଣପତି ବା ଗଣେଶ କିଏ? ବୈଶିଷ୍ଟ୍ୟପାଳୀ, ଆପୂରୟମାଣ, ଯୁଗାବତାର, ସଦ୍‌ଗୁରୁ ଯିଏକି ଜନକଲ୍ୟାଣ ନିମିତ୍ତ ଯୁଗେ ଯୁଗେ ଆର୍ବିଭାବ ହୁଅନ୍ତି ସେ ହିଁ ପରମପୁରୁଷ, ଗଣପାତା ଓ ଲୋକଉଦ୍ଧାତା। ଭଗବାନ ରାମ, କୃଷ୍ଣ, ବୁଦ୍ଧ, ଯୀଶୁ, ମହମ୍ମଦ, ଶ୍ରୀଚୈତନ୍ୟ, ରାମକୃଷ୍ଣ ଓ କଳିଯୁଗର ଶେଷନବୀ ଭଗବାନ ଅନୁକୂଳଚନ୍ଦ୍ର ହିଁ ହେଉଛନ୍ତି ଗଣପାତା, ଲୋକ ଉଦ୍ଧାତା, ସିଦ୍ଧି ବିନାୟକ ଓ ଗଣ-ଈଶ। ଏହି ଯୁଗ ଗୁରୁଙ୍କୁ ଅନୁସରଣ କରି ତାଙ୍କର ସ୍ୱଭାବକୁ ନିଜ ଚରିତ୍ରରେ ଚରିତ୍ରାୟିତ କଲେ ହିଁ ଗଣେଶ ପୂଜା ସିଦ୍ଧି ଓ ସାର୍ଥକ ହୁଏ। ଯଥାର୍ଥରେ ପରମ ପୁରୁଷ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥରେ ଉଲ୍ଲେଖ କଲେ – ଅର୍ଥ, ମାନ ଓ ଯଶ ଇତ୍ୟାଦି ପାଇବା ଆଶାରେ ମୋତେ ଠାକୁର ସଜାଇ ଭକ୍ତ ହୁଅନାହିଁ। ସାବଧାନ ହୁଅ, ଠକିଯିବ। ତୁମ ଭିତରେ ଠାକୁରତ୍ୱ ଜାଗ୍ରତ ନହେଲେ କେହି ତୁମର କେନ୍ଦ୍ର ନୁହଁନ୍ତି, ଠାକୁର ବି ନୁହଁନ୍ତି, ଫାଙ୍କି ଦେଲେ ତାହା ହିଁ ପାଇବ।

*ସହ-ପ୍ରତିରତ୍ୱିକ ଓ ପ୍ରଫେସର, ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ, ଦୂରଭାଷ : ୯୪୩୭୦୫୧୯୫୭*

# ନବାନ୍ନ ଓ ନାରୀ ଚେତନା



ଡ଼ଃ.ଅରୁନ୍ଧତୀ ଦେବୀ

ବେଦ ଉଦ୍‌ଘୋଷଣ କରେ "ଅନ୍ନମ ବ୍ରହ୍ମ"। ଅର୍ଥାତ୍ ସଚାରାଚର ବିଶ୍ୱବ୍ରହ୍ମାଣ୍ଡରେ ସମସ୍ତ ଜଗତ୍‌ମୟ ସମାଜକୁ ସୃଷ୍ଟି କର୍ତ୍ତା ଯେଉଁ ଅନ୍ନ ଯୋଗାଇ ଆନ୍ତି ତା ହେଉଛି ବ୍ରହ୍ମ। ଯଥାର୍ଥରେ 'ତୈତ୍ତରୀୟ ଉପନିଷଦ'ରେ ବର୍ଣ୍ଣନା ରହିଛି–

"ଅନ୍ନଂ ବ୍ରହ୍ମେତି ବ୍ୟଜାନାତ୍
ଅନ୍ନାଦେବ ଖଳ୍ୱିମାନି ଭୂତାନି ଜାୟନ୍ତେ
ଅନ୍ନେନ ଜାତାନି ଜୀବନ୍ତିଓ
ଅନ୍ନଂ ପ୍ରୟନ୍ତ୍ୟଭିସଂବିଶନ୍ତୀତି।"

ଅର୍ଥାତ୍ ଅନ୍ନ ହେଉଛି ସ୍ୱୟଂ ବ୍ରହ୍ମ। ଶ୍ରୀମତ୍ ଗୀତାରେ ଶ୍ରୀକୃଷ୍ଣ ମଧ୍ୟ ଅର୍ଜୁନଙ୍କୁ କର୍ମଯୋଗରେ ସବିଶେଷ ଭାବରେ ଅନ୍ନ ବିଷୟରେ ବ୍ୟାଖ୍ୟାନ କରିଛନ୍ତି। ଓଡ଼ିଶାପରି କୃଷିପ୍ରଧାନ ରାଜ୍ୟରେ ନୂଆଖାଇ ବା ନବାନ୍ନର ଯଥେଷ୍ଟ ଗୁରୁତ୍ୱ ରହିଛି। କେବଳ ପଶ୍ଚିମ ଓଡ଼ିଶାରେ ଏହା ବିଶେଷ ଭାବେ ପାଳିତ ହେଉଥିଲେ ମଧ୍ୟ ସଂପ୍ରତି ଏହା ରାଜ୍ୟର ବିଭିନ୍ନ ଜିଲ୍ଲାରେ ଭକ୍ତିପୂତ ପରିବେଶରେ ଅନୁଷ୍ଠିତ ହେଉଛି। କେବଳ ସେତିକି ନୁହଁ ରାଜ୍ୟ ବାହାରେ ମଧ୍ୟ ପ୍ରବାସୀ ଓଡ଼ିଆମାନେ ଏହାକୁ ଆନନ୍ଦର ସହ ପାଳନ କରୁଛନ୍ତି।

ଶସ୍ୟପୂଜା ହେଉଛି ନବାନ୍ନର ମୂଳଭିତ୍ତି। ତୈତ୍ତିରୀୟ ଉପନିଷଦରେ ଲେଖା ଅଛି – 'ଅନ୍ନଂ ବ୍ରହ୍ମେତି ବ୍ୟଜାନାତ୍ ଅନ୍ନାଦେବ ଖଳ୍ୱିମାନି ଭୁତାନି ଜାୟନ୍ତେ, ଅନ୍ନେନ ଜାତାନି ଜୀବନ୍ତି, ଅନ୍ନଂ ପ୍ରୟନ୍ତ୍ୟଭିସଂବିଶନ୍ତୀତି।' ଏହାର ମୂଳ ଅର୍ଥ ହେଉଛି ଅନ୍ନ ବା ଖାଦ୍ୟ ହେଉଛି ଈଶ୍ୱର। ଜୀବନର ପ୍ରତିଟି ପର୍ଯ୍ୟାୟରେ ଏହାର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଆର ଚିନ୍ତା ଚେତନାରେ ନବାନ୍ନ ବା ନୂଆଖାଇର ଭୂମିକା ଯେତିକି ଗୁରୁତ୍ୱପୂର୍ଣ୍ଣ ତତୋଧିକ ଆଧାତ୍ମିକ ଭାବଧାରାରେ ପରିପୂର୍ଣ୍ଣ। ପଶ୍ଚିମ ଓଡ଼ିଶାରେ ସ୍ୱତନ୍ତ୍ର ରୀତିନୀତିରେ ପାଳିତ ହେଉଥିବା ନୂଆଖାଇରେ ସ୍ୱତନ୍ତ୍ରତା ରହିଛି। ନୂଆଖାଇ ସମଗ୍ର ପଶ୍ଚିମାଞ୍ଚଳ ପାଇଁ ମହାପାର୍ବଣ କହିଲେ ଅତ୍ୟୁକ୍ତି ହେବନାହିଁ। ନବାନ୍ନର ମୁହୂର୍ତ୍ତ ନିର୍ଣ୍ଣୟ କରିବାର ପଦ୍ଧତି ମଧ୍ୟ ପ୍ରାଚୀନ ଓ ପରମ୍ପରାରେ ପରିପୂର୍ଣ୍ଣ। ନବାନ୍ନର ଯଥେଷ୍ଟ ପୂର୍ବରୁ ନୂତନ ଧାନ ସଂଗ୍ରହ କରାଯାଇ ଏହାପାଇଁ ପ୍ରସ୍ତୁତି ପର୍ବ ଆରମ୍ଭ ହୋଇଥାଏ। ପରିବାରର ବହୁମାନେ ସ୍ନାନକର୍ମ ଶେଷକରି ପୂଜାସ୍ଥାନ ଓ ଘରର ପ୍ରତିଟି କ୍ଷେତ୍ରକୁ ପରିଷ୍କାର କରିଥାନ୍ତି। ପରିବାରର ଆର୍ଥିକସ୍ଥିତିକୁ ଦେଖି ମହିଳାମାନେ ପିଠାପଣା, କ୍ଷୀରି ଖେଚୁଡ଼ି ସହ ପୂଜା ସାମଗ୍ରୀ ତିଆରି କରିଥାନ୍ତି। ନବାନ୍ନ ପ୍ରସ୍ତୁତିରେ ମହିଳାଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ନବାନ୍ନ ପୂଜା ସମୟରେ ସର୍ବପ୍ରଥମେ ଘରର ଇଷ୍ଟଦେବ ବା ଦେବୀଙ୍କ ସହ ମହାଲକ୍ଷ୍ମୀଙ୍କୁ ପୂଜା କରାଯାଏ। ପୂଜାଘରେ ସମସ୍ତେ ପ୍ରସାଦ ସେବନ କରି ନିଜ ଭିତରେ ପ୍ରେମର ଫଲ୍‌ଗୁକୁ ସମସ୍ତଙ୍କ ପାଖରେ ବିତରଣ ପାଇଁ ସଂକଳ୍ପବଦ୍ଧ ହୁଅନ୍ତି। ଭାଇ ଭାଇ ମଧ୍ୟରେ ମନ ମାଳିନ୍ୟ ଥିଲେ ମଧ୍ୟ ସାନଭାଇ ବଡ଼ ଭାଇଙ୍କ ଘରକୁ ପ୍ରସାଦ ପାଇ ଆଶୀର୍ବାଦ କାମନା କରିଥାନ୍ତି। ସେହିପରି ପ୍ରସାଦ ସେବନ ପରେ ଘରେ ଇଷ୍ଟଦେବୀଙ୍କୁ ଦର୍ଶନ କରି କନିଷ୍ଠମାନେ ପରିବାରର ବରିଷ୍ଠ ଓ ବୟୋଜ୍ୟେଷ୍ଠମାନଙ୍କୁ ଭୂମିଷ୍ଠ ପ୍ରଣାମ କରିଥାନ୍ତି।

ଅଥର୍ବ ବେଦର ତଥ୍ୟ ଅନୁଯାୟୀ ଭାଇ ଭାଇ ଭିତରେ ଦ୍ୱେଷ ନରହୁ, ଭଉଣୀ ଭଉଣୀକୁ ଘୃଣା ନକରି ସ୍ନେହ କରୁ। ସମସ୍ତଙ୍କ ଭିତରେ ସଦ୍‌ଜ୍ଞାନ ଜାତ ହେଉ, ସମସ୍ତେ ନିର୍ମଳ ଚିତ୍ତ ହୋଇ ଜଳ ଓ ଅନ୍ନର ସାମଗ୍ରୀ ସମାନ ହେଉ। ନବାନ୍ନର ଏହି ମହାନ୍ ସାଂସ୍କୃତିକ ବାଣୀ ଅଥର୍ବବେଦର ଭାଷାରେ 'ମା ଭ୍ରାତା ଭ୍ରାତରଂ ଦ୍ୱିଷନ୍, ମୋ ସ୍ୱସାରମୁତ ସ୍ୱସା।' ପାରିବାରିକ କ୍ଷେତ୍ରରେ ସୌହାର୍ଦ୍ଦ୍ୟ ସଂହତି ସ୍ଥାପନ ଓ ସାମାଜିକ କ୍ଷେତ୍ରରେ ମାତୃସମାଜର ମହନୀୟତା ପରିସ୍ଫୁଟିତ ହୋଇଥାଏ। ନବାନ୍ନ ପ୍ରସ୍ତୁତି ଠାରୁ ଶେଷ ପର୍ଯ୍ୟାୟ ପର୍ଯ୍ୟନ୍ତ ସବୁଠି ମହିଳାଙ୍କ ଭୂମିକା ରହିଛି। ନବାନ୍ନ ପରମ୍ପରାରେ ନାରୀ ସମାଜର ସେବା, ଭଲ ପାଇବା ଓ ଆଦର୍ଶର ପରାକାଷ୍ଠା ସମସ୍ତଙ୍କ ପାଇଁ ଆଦର୍ଶଣୀୟ ହୋଇପାରିଥାଏ। ଅନ୍ନ ପ୍ରସ୍ତୁତି ଠାରୁ ସଂସାର ପରିଚାଳନାରେ ନାରୀର ଭୂମିକା ନିହିତ। ପରିବାରର ସମସ୍ତ ଦାୟିତ୍ୱକୁ ନିର୍ବାହ କରୁଥିବା ମହିଳାମାନେ ନବାନ୍ନରେ ନିଜର ଦାୟିତ୍ୱବୋଦ୍ଧତାକୁ ସୁଚାରୁରୂପେ ସମ୍ପାଦିତ କରିଥାନ୍ତି। ଘରର ବୟୋଜ୍ୟେଷ୍ଠଙ୍କ ଠାରୁ କନିଷ୍ଠ ପିଲାଙ୍କ ପାଇଁ ଘରର ମହିଳା ମାନଙ୍କ ଭୂମିକା ବାସ୍ତବିକ ଗୁରୁତ୍ୱପୂର୍ଣ୍ଣ। ଭାରତୀୟ ସଂସ୍କୃତି ଓ ଦର୍ଶନକୁ ଦେଖିଲେ ତୈତ୍ତିରୀୟ ଉପନିଷଦର ଭାଷାରେ 'ଅନ୍ନଂ ନ ନିନ୍ଦାତ୍। ତଦ୍‌ବ୍ରତମ୍, ଅନ୍ନଂ ନ ପରିଚକ୍ଷୀତ। ତଦ୍‌ବ୍ରତମ୍, ଅନ୍ନଂ ବହୁ କୁର୍ବୀତ। ତଦ୍‌ବ୍ରତମ୍'

*ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦*

# ବେକାରି ହିଁ ଜନଶକ୍ତିର ବଡ ଦୁର୍ବଳତା



ଉମାଶଙ୍କର ପ୍ରସାଦ

ବେକାରି ହିଁ ଜନଶକ୍ତିର ବଡ ଦୁର୍ବଳତା। ଏହା ଦେଶକୁ ଦାରିଦ୍ର୍ୟ ଆଡକୁ ବାଟ କଢାଇ ନେଇଥାଏ। ତେବେ ମନରେ ସଦା ସର୍ବଦା ପ୍ରଶ୍ନ ଉଙ୍କିମାରେ ବେକାରୀ କ'ଣ? ଆମେ କାହାକୁ ବେକାରୀ ଅବସ୍ଥା ବୋଲି କହିବା ଠିକ୍ ହେବ, ଏ କଥା ଚିନ୍ତା କଲାବେଳେ ମନରେ ଜଣେ ବିଶ୍ୱପ୍ରସିଦ୍ଧ ଅର୍ଥନୀତିଜ୍ଞ ଲର୍ଡ କିନିସ୍ ଙ୍କ ବାକ୍ୟ ଉଙ୍କିମାରେ। ସେ କହିଥିଲେ "People at any economy desiring work but not finding it according to their qualifications is called Unemployment"। ଅନ୍ୟ ଜଣେ ମହାନ ବ୍ୟକ୍ତି ମଧ୍ୟ ନିଜର ମ ରେ କହିଛନ୍ତି " Employment is nature's physician and is essential to human happiness"। ଯଦି କର୍ମମୟ ଜୀବନ ପ୍ରକୃତିର ଚିକିତ୍ସକ ହେବା ସଙ୍ଗେ ସଙ୍ଗେ ମଣିଷ ସୁଖ ପାଇଁ ପ୍ରକୃତରେ ପ୍ରୟୋଜନ ମନେହୁଏ, ତେବେ ଆଧୁନିକ ସମାଜର ଚାରିଆଡେ ବେକାରୀକୁ ପୁରାତନ ବ୍ୟାଧିସମ ଏକଧାନ ଆକର୍ଷଣକାରୀ ସମସ୍ୟା କହିବାରେ ଭୁଲ ହେବନି। ଆଜି ସେହି ବେକାରି ଆମ ଦେଶର ବଡ ସମସ୍ୟା ରୂପେ ଉଭା ହୋଇଛି। ବେକାର ଲୋକ ନିରର୍ଥକ। ଏହି ବେକାରି ଫଳରେ ଆର୍ଥନୀତିକ ଅଭିବୃଦ୍ଧି ଧିମେଇ ଯାଉଛି। ଶିକ୍ଷିତ ଯୁବ ସମାଜ ବେକାର ହୋଇ ବୁଲିବା ଯୋଗୁଁ ସେମାନଙ୍କ ମନରେ ହତାଶାର କ୍ରୋଧାଗ୍ନି ଜଳି ଉଠୁଛି। ଏଣୁ ଦେଶର ସ୍ଥିରତା ପ୍ରତି ଘୋର ବିପଦ ଦେଖା ଦେଉଛି। ଯୁବଗୋଷ୍ଠୀ ଅନନ୍ୟୋପାୟ ହୋଇ ଅସାମାଜିକ କାର୍ଯ୍ୟ କଳାପରେ ଲିପ୍ତ ରହୁଛନ୍ତି। ଅତିରିକ୍ତ ଜନସଂଖ୍ୟା ବୃଦ୍ଧି ହିଁ ଏହାର ମୂଳ କାରଣ। ବ ମାନ ସମୁଦାୟ ଜନସଂଖ୍ୟାର ୪୦ ପ୍ରତିଶତ ମଣିଷ ଶ୍ରମିକ ଶକ୍ତିର ଅଟନ୍ତି। ବିଶ୍ୱ ବେକାରି ସଂଖ୍ୟା ୨୦୮ ବିଲିୟନ ଏହି ଚଳିତ ଶତାବ୍ଦିରେ ଅର୍ଥାତ ୫.୮% ୩୧ ଜାନୁଆରୀ ୨୩ ସୁଦ୍ଧା ଥିଲାବୋଲି ପରିସଂଖ୍ୟାନ କହେ।

ଭାରତ ଗୋଟିଏ କୃଷି ପ୍ରଧାନ ଦେଶ, ଏହାର ୬୪ ପ୍ରତିଶତ ଲୋକ କୃଷି ଉପରେ ନିର୍ଭରଶୀଳ। ଏହା ଆମ ଦେଶର ସମୁଦାୟ ନିଯୁକ୍ତିର ୫୭% ଅଟେ। ଶ୍ରମର ଚାହିଦା ଅନୁସାରେ ନିଯୁକ୍ତିର ଚାହିଦା ରହିଥାଏ। ସାକ୍ଷରତା ହାର ଦାରିଦ୍ର୍ୟର ଅନ୍ୟତମ କାରଣ। ଅନ୍ୟାନ୍ୟ ବିକାଶଶୀଳ ରାଷ୍ଟ୍ର ତୁଳନାରେ ଏହି ହାର ଆମ ଦେଶରେ ଖୁବ୍ କମ୍। ବ ମାନ ଭାରତରେ ୨୮୧ ବିଲିୟନ ଅଶିକ୍ଷିତ ବୋଲି ପରିସଂଖ୍ୟାନ କହେ। ତେଣୁ ଏହାର ପରିବ ନ ପାଇଁ ଆମର ଶିକ୍ଷାର ଧାରା ବା ପଦ୍ଧତି ବଦଳାଇବା ଅପରିହାର୍ଯ୍ୟ ଯାହା ଫଳରେ ଛାତ୍ର ଛାତ୍ରୀ ମାନେ ଭବିଷ୍ୟତରେ କାମ କରିବା ପାଇଁ ତାଲିମ ପାଇ ପାରିବେ।

ଆର୍ଥନୀତିକ ଅଭିବୃଦ୍ଧି ହିଁ ନିଯୁକ୍ତି ସୃଷ୍ଟି କରିଥାଏ। ୧୯୫୦-୫୧ ରୁ ୧୯୮୦-୮୧ ମସିହା ପର୍ଯ୍ୟନ୍ତ ହିସାବକୁ ଦେଖିଲେ ମୋଟା ମୋଟି ଘରୋଇ ଉତ୍ପାଦ ବୃଦ୍ଧିହାର ୩.୬ % ଅଟେ। ୨୦୦୨-୦୩ ରେ ମୋଟା ମୋଟି ଘରୋଇ ଉତ୍ପାଦ ବୃଦ୍ଧି ହାର ୪.୪ ପ୍ରତିଶତ ଥିଲା। ଭାରତରେ ଧନର ପରିମାଣ କମ୍, ଅଥଚ ଶ୍ରମ ନିଯୁକ୍ତି ଅପେକ୍ଷାରେ ଥିବା ଲୋକଙ୍କ ସଂଖ୍ୟା ଅଧିକ। ଭାରତ ଯଦିଓ ଏକ ବି ଶାଳୀ ରାଷ୍ଟ୍ର ସତ, ମାତ୍ର ଏଠାରେ ଦରଦ୍ରଙ୍କ ସଂଖ୍ୟା ବେଶୀ। ଆମ ଦେଶ ପ୍ରାକୃତିକ ସମ୍ପଦରେ ଭରା ହେଲେ ସୁଦ୍ଧା ତା'ର ପୂରା ଉପଯୋଗ କରା ଯାଇପାରୁନାହିଁ। ଏବେ ମଧ୍ୟ ଭାରତର ବହୁ ଗାଁରେ ମୌଳିକ ଉପାଦାନର ଅଭାବ ରହିଛି। ଚାରିଆଡେ ସ୍କୁଲ, କଲେଜ ଡାକ୍ତରଖାନା ଏବଂ ପାଠାଗାର ପ୍ରଭୃତି ସ୍ଥାପିତ ହେବା ଦରକାର ଯାହା ଲକ୍ଷ ଲକ୍ଷ ସଂଖ୍ୟାରେ ବେକାର ଯୁବକ ଯୁବତୀ ଙ୍କୁ ନିଯୁକ୍ତି ଦିଅନ୍ତା। ବୈଷୟିକ ଏବଂ ପ୍ରତ୍ୟକ୍ଷ ତାଲିମ ଉପରେ ଅଧିକ ଗୁରୁତ୍ୱ ଦେବା ଦରକାର। ଆତ୍ମନିଯୁକ୍ତି ଉପରେ ଧ୍ୟାନ ଦେବାର ବେଳ ଏବେ ଆସିଛି। ସେଥିପାଇଁ ଲୋକଙ୍କୁ ଋଣ ଓ ଯଥା ଯଥ ତାଲିମ ଯୋଗାଇ ଦେଲେ ଅବସ୍ଥା ସୁଧୁରିଯିବାର ଆଶା ରହିଛି। କାର୍ମିକ ଜୀବନ ସବୁବେଳେ ସମସ୍ତଙ୍କର ସୁଖକର ଦୃଷ୍ଟି ଆକର୍ଷଣ କରିବାରେ ସକ୍ଷମ ହୋଇଥାଏ। ନିକମା ଜୀବନ ଆତ୍ମପୀଡାରେ ବିଦ୍ଧ ହୋଇ ଚାଲିଥିଲା ବେଳେ ଅନ୍ୟକୁ ଶାନ୍ତି ବା ସୁଖ ଦେବାରେ ସକ୍ଷମ ହୋଇ ନ ଥାଏ। ବ ମାନ ଆମ ଦେଶରେ ଶିକ୍ଷିତ ସଂଖ୍ୟା ଯେତେ ବଢୁଛନ୍ତି ବେକାରୀ ସଂଖ୍ୟା ସେତେ ବଢୁଛି। କିନ୍ତୁ ସରକାରୀ ବା ବେସରକାରୀ ସଂସ୍ଥା ମାନଙ୍କରେ ଖାଲିଥିବା ପଦପଦବୀ ସଂଖ୍ୟା ସେହି ଅନୁପାତରେ ମୋଟେ ନାହିଁ! ସରକାରୀ ଆକଳନ ଅନୁସାରେ ଜଣାଯାଏ ଦେଶରେ ବେକାରୀ ସମସ୍ୟା ପୁରାପୂରି ଅଣଆୟତରେ ଅଛି। ବେକାରୀଙ୍କୁ ନିମ୍ନମତେ ବିଭାଗୀକୃତ କରାଯାଇପାରେ ଯଥା- ଛଦ୍ମ ବେଶୀ ବେକାରୀ- ଏହି ପ୍ରକାରରେ ରହିଥିବା ବେକାରୀ କେଉଁଠି ନା କେଉଁଠି ନିଯୁକ୍ତି ପାଇଥିଲେ ସୁଦ୍ଧା ସେମାନେ ଫଳ ବୃଦ୍ଧି କରିବାରେ ସାହାଯ୍ୟ ପାଉ ନଥିବାରୁ ସେମାନେ ବେକାରୀ।(୨) ଆସ୍ଥାସୂଚକ ଚିନ୍ତାଧାରା ପରିପୂର୍ଣ୍ଣ ବେକାରୀ- ଏଭଳି ବେକାରୀ ଜୀବନ କାମ କରିବା ପାଇଁ ସ୍ୱତଃ ପ୍ରବୃ ହୋଇ ଜଗି ରହିଥାଏ; କିନ୍ତୁ ତା ପାଇଁ କାମ ନଥାଏ। ଏହି ପ୍ରକାର ବେକାରୀ ଦୁଇଟି କାରଣରୁ ସୃଷ୍ଟି ହେଉଛି ଯାହା ହେଲା ଦିନୁ ଦିନ ଜନ ସଂଖ୍ୟା ବୃଦ୍ଧି ଏବଂ ଅନ୍ୟଟି ଯୁବଗୋଷ୍ଠୀ ସହର ମୁହାଁ। ନିଯୁକ୍ତିର ମହଜୁଦ କେନ୍ଦ୍ର ହିଁ ସହର ଏହି ଧାରଣା ସମସ୍ତଙ୍କ ମନରେ ବସା ବାନ୍ଧିଛି। (୩) ଋତୁଭି କ ବେକାରୀ- ଭାରତରେ ଚାଷ ପ୍ରକ୍ରିୟା ବର୍ଷ ସାରା ଚାଲେନାହିଁ। ସେଥିପାଇଁ ଚାଷୀମାନେ କିଛି ମାସ ପାଇଁ ବେକାର ହୋଇ ବସନ୍ତି। କେତେକ ଶିଳ୍ପ କ୍ଷେତ୍ରରେ ଯଥା- ଆଖୁ ଶିଳ୍ପ, ଶୀତଳ ପାନୀୟ ଦ୍ରବ୍ୟ ପ୍ରସ୍ତୁତ କ୍ଷେତ୍ରରେ ଋତୁଭିତିକ ବେକାରୀ ପରିଦୃଷ୍ଟ ହୁଏ। (୪) ଘୁର୍ଣ୍ଣାୟମାନ ବେକାରୀ- ଏହି ଧରଣର ବେକାରୀ କିଛି କିସମର ଶ୍ରମିକଙ୍କ କ୍ଷେତ୍ରରେ ଦେଖାଯାଏ। ଯେତେବେଳେ କର୍ମକ୍ଷେତ୍ରରୁ ଚାହିଦା କମିଯାଏ ସେତେବେଳେ ସେମାନଙ୍କୁ ଛଟେଇ କରାଯାଏ। ତୁଳା ଶିଳ୍ପ ରେ ସାଧାରଣତଃ ଏହି କିସମର ବେକାରୀ ପରିଦୃଷ୍ଟ ହୁଏ। (୫) ଚଟା ପଟ କାମ କରି ବେକାରୀ- ଏହି ରକମର ବେକାରୀ ଆମ ଦେଶରେ ସର୍ବତ୍ର ରହିଛି। କିଛି ସମୟରେ ଦେଖାଯାଏ ବହୁ ଲୋକଙ୍କୁ ବିଭିନ୍ନ କ୍ଷେତ୍ରରେ କିଛି କିଛି କାମ ଦିଆଯାଇଥାଏ ତାହାକୁ ଯଥେଷ୍ଟ ପୂର୍ବରୁ ଶେଷ କରି କିଛି ଦିନ ବା ମାସ ବସି ରହନ୍ତି। ସେମାନେ ଚାହାନ୍ତି କିଛି ନୁଆ କାମ ଶିଖିଲେ ସେଥିରେ ନିଯୁକ୍ତ ପାଇଯିବେ। କିନ୍ତୁ ସେ ସୁଯୋଗ ସେମାନଙ୍କୁ ମିଳିନଥାଏ। ମାତ୍ର ପାଶ୍ଚାତ୍ୟ ଦେଶରେ ଏଭଳି ଲୋକ ବେକାର ହୋଇ ବସିରହନ୍ତିନି।(୬) ବୈଷୟିକ ବେକାରୀ- ପାଶ୍ଚାତ୍ୟ ଦେଶପରି ଆମ ଦେଶରେ ଏବେ କୃଷିକ୍ଷେତ୍ରଠାରୁ ଆରମ୍ଭ କରି ବିଭିନ୍ନ ଶିଳ୍ପ କ୍ଷେତ୍ରମାନଙ୍କରେ ଆଧୁନିକ ଯନ୍ତ୍ରପାତିର ବ୍ୟବହାର ଯୋଗୁ ଶାରୀରିକ ଶ୍ରମର ଆବଶ୍ୟକତା ଆଉ ବିଶେଷ ନାହିଁ। ଦୁଃଖର ବିଷୟ ଆମ ଦେଶରେ ବେକାରୀ ଅବସ୍ଥାର ହାରରେ ମୋଟେ କମ୍ ଜଣାଯାଉ ନାହିଁ। ୨୦୧୧ ମସିହା ରେ ଭାରତର ବେକାରୀ ହାର ୧୦.୨% ଥିଲା ବୋଲି ଆମେରିକାର ଉ/ଇ ଉତ୍କୃଷ୍ଣକ୍ଷୟ ରବମସ୍ୱଭକ୍ସକ୍ଷଳ ଦର୍ଶାଇ ଥିଲା। ବ ମାନ ସେଂଟର ଫର ମନିଟରିଙ୍ଗ ଅଫ ଇଣ୍ଡିଆନ ଇକୋନମି ତଥ୍ୟ ଅନୁସାରେ ବେକାରି ହାର ୭.୧% ସେପ୍ଟମ୍ବର ୨୦୨୩ ରେ ଥିବାର ଅନୁମେୟ ହୁଏ। ବିଭିନ୍ନ ଦେଶର ବେକାରୀ ତଥ୍ୟ କୁ ଦେଖିଲେ ଜଣାପଡେ ସୁଡାନର ବେକାରୀ ସଖ୍ୟା ୪୫.୯୬%, ଇଉକ୍ରାଇନର ୩୨.୮% ଓ ଜର୍ଜିଆ ୧୮.୪% ରହି ଯଥାକ୍ରମେ ପ୍ରଥମ ୨ୟ ଓ ୩ୟ ସ୍ଥାନରେ ଅଛନ୍ତି। ଭାରତରେ ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଲା ନିଯୁକ୍ତି। ଶିଳ୍ପର ଦ୍ରୁତ ଅଗ୍ରଗତି ଦିଗରେ ସରକାରୀ ପଦକ୍ଷେପ ସୁଦୃଢ ହେବା ଦରକାର। ଏବେ ଭାରତରେ ସ୍ୱଳ୍ପ ସଂଖ୍ୟକ ନୁଆ ଚାକିରି ସମ୍ବନ୍ଧରେ ଯୁବ ବେକାରୀ ପରିପ୍ରେକ୍ଷୀରେ ଅନୁଧାନ କରି ଦେଖିଲେ ଜଣାଯାଏ, ବ ମାନ ଦେଶରେ ଶ୍ରମ ଶକ୍ତିର ସମସ୍ୟା ଯାହା ରହିଚି କିଛି ମନ୍ଦ ନୁହେଁ। କିନ୍ତୁ ଜନସଂଖ୍ୟା ବୃଦ୍ଧି ରେ ପ୍ରତିବନ୍ଧକ ନଲାଗିଲେ ବେକାରୀ ସମସ୍ୟାର ସମାଧାନ ଅସମ୍ଭବ। ଶେଷରେ ଏତିକି କହିବି ଉଭୟେ କେନ୍ଦ୍ର ତଥା ରାଜ୍ୟ ସରକାର ଯୁବ ଗୋଷ୍ଠୀ ମାନଙ୍କୁ ବୈଷୟିକ ଏବଂ ବୃ ିଗତ ଶିକ୍ଷା ପ୍ରଦାନକରିବା ସହ ଶିକ୍ଷା ପ୍ରଣାଳୀର ଢା। ପରିବ ନ କରିପାରିଲେ ବେକାରୀ ସମସ୍ୟାର ସମାଧାନ ହୋଇପାରିବ। ବେକାରି ସମସ୍ୟା ଖୁବ ନିଷ୍ଠାର ସହ ନିୟନ୍ତ୍ରଣ କରାଯିବା ଉଚିତ। କାରଣ ଯୁବ ସମାଜ ହାତରେ ଦେଶର ଭାଗ୍ୟ ରହିଛି ଥରେ ଏହା ଦୁର୍ଭାଗ୍ୟର ରୂପ ନେଲେ ତାକୁ ଆଉ ସମ୍ଭାଳି ହେବନି।

ଉମାଶଙ୍କର ପ୍ରସାଦ, ଖୋର୍ଦ୍ଧା, ସମ୍ପାଦକ, ମାର୍ଗଦର୍ଶୀ ( ୬୩୭୦୬ ୭୫୫୬୨)




# ସୁଶାନ୍ତଙ୍କ ସ୍ୱଦେଶୀ କ୍ରାନ୍ତି ମିଶନ





ଭୁବନେଶ୍ୱର (ପିଏନ୍): ସ୍ନେହ ଓ ଶ୍ରଦ୍ଧାର ପର୍ବ ରକ୍ଷା ବନ୍ଧନ। ଗାଁଠୁ ସହର ରାଖୀର ପସରା ମେଲିଲାଣି। ରାଖୀ ପୂର୍ଣ୍ଣମୀକୁ ନଜରରେ ରଖି ଭୁବନେଶ୍ୱର ପୋଖରୀପୁଟ ଅଞ୍ଚଳରେ ରହୁଥିବା ସାମାଜିକ କର୍ମୀ ତଥା ପରିବେଶବିତ୍ ସୁଶାନ୍ତ ସାହୁ ୩ ବର୍ଷ ହେଲା ନିଜର ଦୃଢ଼ ଇଚ୍ଛାଶକ୍ତି ଏବଂ ପରିଶ୍ରମ ବଳରେ ନୂଆ ସମ୍ଭାବନା ସୃଷ୍ଟି କରି ଆରମ୍ଭ କରିଛନ୍ତି ସ୍ୱଦେଶୀ କ୍ରାନ୍ତି ମିଶନ୍। ସାଧାରଣତଃ ବଜାରରେ ଉପଲବ୍ଧ ରାଖୀ ଏବଂ ଏଥିରେ ବ୍ୟବହୃତ ସାମଗ୍ରୀ ପରିବେଶ ପାଇଁ ବିପଦ ସୃଷ୍ଟି କରିଥାଏ। ମାତ୍ର ସୁଶାନ୍ତ ନିଜର ଅଧ୍ୟବସାୟ ବଳରେ ପରିବେଶ ଅନୁକୂଳ ରାଖୀ ତିଆରି କରିଛନ୍ତି। ସ୍ଥାନୀୟ ଅଞ୍ଚଳରୁ ବିଭିନ୍ନ ସାମଗ୍ରୀ ଯଥା- କଳାଧାନ, ଧଳାଧାନ, ନାଲିଧାନ, ବାଜରା, ସୂର୍ଯ୍ୟମୁଖୀ, କଖାରୁ, ଘରମଗଜ ଇତ୍ୟାଦି ବିହନ ସହ ତୁଳା, କାଠି, କାଗଜ, ନଡ଼ା, ସୂତା ଆଦିକୁ ବ୍ୟବହାର କରି ପରିବେଶକୁ ସୁହାଇଲା ଭଳି ଅର୍ଥାତ୍ (ଇକୋ-ଫ୍ରେଣ୍ଡଲି) ଶସ୍ତା ସ୍ୱଦେଶୀ ରାଖୀ ପ୍ରସ୍ତୁତ କରିଛନ୍ତି। ଏଥିରେ ତାଙ୍କ ପତ୍ନୀ ଅନସୂୟା ସାହୁ ଏବଂ ଚିତ୍ରଶିଳ୍ପୀ ସୁସ୍ମିତାରାଣୀ ରାଉତ ସହଯୋଗ କରୁଛନ୍ତି। ଏହି ରାଖିଗୁଡ଼ିକ ଆକର୍ଷଣୀୟ ହେବା ସହ ଲୋକମାନଙ୍କର ମନ ଜିଣିପାରୁଛି। ରାଖୀକୁ ଶୈଳଶ୍ରୀ ବିହାର, ପଟିଆ, ଜଟଣୀ ଏବଂ ପୋଖରୀପୁଟ ଆଦି ଅଞ୍ଚଳକୁ ବିକ୍ରୀ ପାଇଁ ପଠାଯାଉଛି। ଚଳିତବର୍ଷ ମନକୁ ଛୁଇଁଲା ପରି ଏବଂ ରାଖୀର ମହତ୍ୱକୁ ଅଧିକ ଆକର୍ଷଣୀୟ କରିବା ପାଇଁ ପ୍ରସ୍ତୁତ କରିଛନ୍ତି କଣ୍ଢେଇ ରାଖୀ ଏବଂ ରାଷ୍ଟ୍ରପତି ରାଖୀ। ବଜାରରେ ରାଖୀର ମୂଲ୍ୟ ୨୦ ଟଙ୍କାରୁ ଧରି ୫ ହଜାର ଟଙ୍କା ମଧ୍ୟରେ ବିକ୍ରୀ ହେଉଥିବା ବେଳେ ସୁଶାନ୍ତଙ୍କ ପରିବେଶ ଅନୁକୂଳ ରାଖୀ ୧୦ ଟଙ୍କାରୁ ୧୨୦ ଟଙ୍କା ମୂଲ୍ୟରେ ବିକ୍ରୀ କରାଯାଉଛି। ଚଳିତବର୍ଷ ଦୁଇହଜାର ରାଖୀ ତିଆରି କରାଯାଇଥିବା ସୁଶାନ୍ତ କହିଛନ୍ତି। ପ୍ରତିବର୍ଷ ନିଆରା ସ୍ୱଦେଶୀ ସାମଗ୍ରୀ ଓ ପରିବେଶକୁ ସୁହାଇଲା ଭଳି ରାଖୀ ପ୍ରସ୍ତୁତ କରୁଥିବା ଏହି ଦମ୍ପତ୍ତି ପାରମ୍ପରିକ ରାଖୀ ଜରିଆରେ ସମ୍ପର୍କର ବନ୍ଧନ ସହିତ ପ୍ରକୃତିର ବନ୍ଦନା କରିବାର ବାର୍ତ୍ତା ଦେଇଥାନ୍ତି। ଆଗକୁ ଏହି ଇକୋ-ଫ୍ରେଣ୍ଡଲି ରାଖୀ ଭାରତର କୋଣ ଅନୁକୋଣରେ ସୁଲଭ ମୂଲ୍ୟରେ ପହଞ୍ଚାଇବାକୁ ସୁଶାନ୍ତ ଲକ୍ଷ୍ୟ ରଖିଛନ୍ତି।



## ଆନନ୍ଦ ଆଶ୍ରମରେ ଜନ୍ମଦିନ ପାଳିଲେ ବିଜୟଲକ୍ଷ୍ମୀ ଦାଶ



ଭୁବନେଶ୍ୱର (ପିଏନ୍): ସାମାଜିକ ଅନୁଷ୍ଠାନ ମହିମା ସେବା ଫାଉଣ୍ଡେସନ ପକ୍ଷରୁ ୟୁନିଟ୍-୩ ସ୍ଥିତ ବୃଦ୍ଧାଶ୍ରମ ଆନନ୍ଦ ଆଶ୍ରମ ପରିସରରେ ସମାଜସେବିକା ବିଜୟଲକ୍ଷ୍ମୀ ଦାଶଙ୍କ ୨୯ତମ ଜନ୍ମଦିବସ ପାଳିତ ହୋଇଯାଇଛି। ଅସହାୟ ବୃଦ୍ଧ ବୃଦ୍ଧାମାନଙ୍କୁ ରନ୍ଧା ଖାଦ୍ୟ ବଂଟନ ସହ ଗୋଟିଏ ଗ୍ରାଇଣ୍ଡର ବୃଦ୍ଧାଶ୍ରମରେ ରହୁଥିବା ଅନ୍ତେବାସୀଙ୍କ ସୁବିଧା ନିମନ୍ତେ ପ୍ରଦାନ କରାଯାଇଥିଲା। କେକ୍ କାଟିବା ଓ ମହମବତୀ ଲଗାଇ ଲିଭାଇବା ପରମ୍ପରାକୁ ବାଦ୍ ଦେଇ ଓଡ଼ିଆ ସଂସ୍କୃତି ଓ ପରମ୍ପରାରେ ପ୍ରଦୀପ ପ୍ରଜ୍ୱଳନ କରାଯାଇ ଶୁଭଜନ୍ମୋତ୍ସବ ଉକ୍ତ ଆଶ୍ରମରେ ପାଳନ କରାଯାଇଥିଲା, ଯାହାକି ଏକ ନିଆରା ପରିବେଶ ସୃଷ୍ଟି କରିଥିଲା। ଉକ୍ତ ଆଶ୍ରମର ମୁଖ୍ୟ ପରିଚାଳକ ପଦ୍ମଚରଣ ମହାପାତ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମାଜସେବୀ ତଥା ମହିମା ସେବା ଫାଉଣ୍ଡେସନର ସଭାପତି ନାରାୟଣ ଖୁଂଟିଆ, ସମ୍ମାନିତ ଅତିଥି ଭାବେ ପୂଜ୍ୟପୂଜା ସଂସ୍କୃତି ସୁରକ୍ଷା ଅଭିଯାନର ମୁଖପାତ୍ର ଅରବିନ୍ଦ ତ୍ରିପାଠୀ, ପ୍ରକାଶ ଚନ୍ଦ୍ର ସାହୁ, ଆଶୁତୋଷ ଉପସ୍ଥିତ ରହିବା ସହ ଧନ୍ୟବାଦ ଅର୍ପଣ କରିଥିଲେ ପିଙ୍କିନା ପ୍ରଧାନ।

# ମୁକୁଳା ଟ୍ରାନ୍ସଫରମର୍‌କୁ ନେଇ ଜନଅସନ୍ତୋଷ: ଗଲାଣି ୬ ପଶୁଙ୍କ ଜୀବନ, ପ୍ରଶାସନ ନୀରବ



ଭୁବନେଶ୍ୱର (ପିଏନ୍): ଭୁବନେଶ୍ୱର ଉପକଣ୍ଠ ଲିଙ୍ଗିପୁର ଗ୍ରାମପଂଚାୟତର ଗାଙ୍ଗୋତ୍ରୀ ନଗର (Road No-3)ର ପ୍ରବେଶ ପଥଠାରେ ଏକ ଟ୍ରାନ୍ସଫରମର ମୁକୁଳା ହୋଇ ପଡିରହିଛି। ଗାଇ, ଗୋରୁ, ମଣିଷ, ଛୋଟ ପିଲା ସ୍କୁଲ ଦେଇ ସେଇ ବାଟେ ଯିବା ଆସିବା କରୁଥିବାରୁ ସେମାନଙ୍କ ଜୀବନ ବିପଦରେ ପଡିଛି। କିଛିଦିନ ପୂର୍ବରୁ ଟ୍ରାନ୍ସଫରମର ପାଖରେ ଘାସ ଖାଉଥିବା ସମୟରେ ଟ୍ରାନ୍ସଫରମର ସମ୍ପର୍କରେ ଆସି ଗୋଟିଏ ଗାଇର ମୃତ୍ୟୁ ହୋଇଥିଲା। ଏହାପୂର୍ବରୁ ୩, ୪ଟି ପଶୁଙ୍କର ଉକ୍ତ ସ୍ଥାନରେ ମୃତ୍ୟୁ ଏବଂ ଗୁରୁତର ଭାବେ ଆହତ ହୋଇଛନ୍ତି। ଟ୍ରାନ୍ସଫରମଟି ମୁକୁଳା ହୋଇପଡିଥିବାରୁ ରାତି ସମୟରେ ସାଧାରଣ ଲୋକ ଗମନାଗମନ କରିବା ସମୟରେ ତାଙ୍କ ଗାଡି କିମ୍ବା ଚଲାପଥରେ ବ୍ୟାପକ ବାଧକ ସୃଷ୍ଟି ହେଉଛି। ବାରମ୍ବାର ବିଦ୍ୟୁତ୍ ବିଭାଗର ଦୃଷ୍ଟିଆକର୍ଷଣ କରାଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳୁନାହିଁ। କନିଷ୍ଠ ଯନ୍ତ୍ରୀ କହୁଛନ୍ତି ଏସଡିଓଙ୍କୁ କହିବା ପାଇଁ, ଏସଡିଓ କହୁଛନ୍ତି ନିର୍ବାହୀ ଯନ୍ତ୍ରୀଙ୍କୁ କହିବା ପାଇଁ। ଫଳରେ ମଣିଷ ଓ ପଶୁଙ୍କ ଜୀବନ ବାଜିରେ ଲାଗିଛି। ଏଣୁ ତୁରନ୍ତ ଗ୍ରୀଲ୍ କିମ୍ବା ଲୁହାବାଡ ଉକ୍ତ ସ୍ଥାନରେ ସ୍ଥାପନ କରି ମଣିଷ ଏବଂ ପଶୁପକ୍ଷୀଙ୍କ ଜୀବନ ରକ୍ଷାକରିବା ପାଇଁ ଗାଙ୍ଗୋତ୍ରୀ ନଗର ବାସିନ୍ଦା ସରକାରଙ୍କୁ ଅନୁରୋଧ କରିଛନ୍ତି।

## ଗ୍ରୀନ ଡେଭଲପମେଣ୍ଟ ଫାଉଣ୍ଡେସନ ପକ୍ଷରୁ ବନମହୋତ୍ସବ ଜଗନ୍ନାଥପୁରରେ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ପଞ୍ଚାୟତର ଜଗନ୍ନାଥପୁର ଗ୍ରାମର ମା' ରାମଚଣ୍ଡୀ ମନ୍ଦିର ପରିସରରେ ଅଗ୍ରଣୀ ପ୍ରକୃତିପ୍ରେମୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଗ୍ରୀନ ଡେଭଲପମେଣ୍ଟ ଫାଉଣ୍ଡେସନ ମାଧ୍ୟମରେ ୭୩ତମ ବନମହୋତ୍ସବ ପାଳିତ ହୋଇଯାଇଛି। ଏହି ଅବସରରେ ଏକି ଆଲୋଚନାଚକ୍ର ଓ ବୃକ୍ଷରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପ୍ରକୃତିବନ୍ଧୁ ସନ୍ତୋଷ କୁମାର ଜେନା ଯୋଗଦେଇ ପରିବେଶ ପ୍ରଦୂଷଣ ଯୋଗୁଁ ବିଶ୍ୱ ତାପାୟନ ବୃଦ୍ଧି ପାଇଛି। ଏହାଦ୍ୱାରା ଜଳବାୟୁର ପରିବର୍ତ୍ତନ ଘଟିଛି। ପ୍ରାକୃତିକ ବିପର୍ଯ୍ୟୟ ମହାବାତ୍ୟା, ମହାବନ୍ୟା, ସୁନାମୀ, ଭୂମିକମ୍ପ, ଅଜଣା ରୋଗ, ମରୁଡି, ଅଂଶୁଘାତ, ବିଶ୍ୱ ମହାମାରୀ କରୋନା ଭଳି ଭୟଙ୍କର ରୋଗ ଦେଖାଦେଇ ଲକ୍ଷ ଲକ୍ଷ ମାନବ ଜୀବନ ମୃତ୍ୟୁ ମୁଖରେ ପଡୁଛି। ଏଥିରୁ ରକ୍ଷା ପାଇବା ପାଇଁ ବହୁଳ ଭାବରେ ବୃକ୍ଷରୋପଣ କରାଯିବା ସହ ପୁରୁଣା ଜଙ୍ଗଲର ସୁରକ୍ଷା ଓ ସଂରକ୍ଷଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ସମାଜସେବୀ ସୁରେନ୍ଦ୍ରନାଥ ବେହେରା, ଦେବକାନ୍ତ ମଲ୍ଲ, ରଞ୍ଜନ କୁମାର ନାୟକ, ଭଞ୍ଜକିଶୋର ଦାସ, ଅବସରପ୍ରାପ୍ତ ସୈନିକ ମୁରଲୀଧର ଦାସ, ଯୁଧିଷ୍ଠିର ସ୍ୱାଇଁ, ରଞ୍ଜନ ଦାସ ପ୍ରମୁଖ ଯୋଗଦେଇ ବନ ମହୋତ୍ସବ ଅବସରରେ ପିଜୁଳି, ଅଁଳା, ଆକାଶି, ସୁନାରୀ, ଲେମ୍ବୁ, ଶିଶୁ ଆଦି ବୃକ୍ଷର ଚାରାରୋପଣ କରିଥିଲେ।

## ଟାଉନଥାନା ପୋଲିସ ପକ୍ଷରୁ ବ୍ରାଉନ୍‌ସୁଗାର ଜବତ ଓ ୩ ଗିରଫ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳର ବଡହାଟ ନିକଟସ୍ଥ କେନାଲ କୂଳରୁ ଟାଉନ ଥାନା ପୋଲିସ ଦ୍ୱାରା ବ୍ରାଉନ୍‌ସୁଗାର ଜବତ କରାଯିବା ସହିତ ୩ ଜଣଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି। ଗିରଫ ଯୁବକମାନଙ୍କ ନିକଟରୁ ୯.୫୭ ଗ୍ରାମର ବ୍ରାଉନ୍‌ସୁଗାର ଜବତ କରାଯାଇଛି। ଗିରଫ ହୋଇଥିବା ଆସାମୀମାନେ ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ଫକିରାବାଦ ଗ୍ରାମର ସେକ୍ ରହିଲ୍, ମହମ୍ମଦ୍ ଇନଜାମୁଲ୍ ହକ୍ ଓ ବଡହାଟ ଗ୍ରାମର ସେକ୍ ଅରସାଦ୍। ଏହି ତିନିଜଣ ବହୁଦିନ ଧରି ବ୍ରାଉନ୍‌ସୁଗାର ବିକ୍ରି କରିବା ସହିତ ସେବନ କରୁଥିଲେ ବୋଲି ଟାଉନ୍‌ଥାନା ଅଧିକାରୀ ଗୌରାଙ୍ଗ ଚରଣ ପୃଷ୍ଟି ସୂଚନା ଦେଇଛନ୍ତି।

## ବେକରେ ରଶି ଲଗାଇ ନାବାଳିକାଙ୍କ ଅତ୍ମହତ୍ୟା

ଧର୍ମଶାଳା (ପିଏନ୍): ଧର୍ମଶାଳା ବ୍ଲକ ଗଙ୍ଗାଧରପୁର ପଂଚାୟତ ବ୍ରାହ୍ମଣଦା ଗ୍ରାମରେ ଜଣେ ନାବାଳିକା ବେକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ମୃତକ ଜଣକ ହେଲେ ବ୍ରାହ୍ମଣଦା ଗ୍ରାମର ସୁବାସ ଚନ୍ଦ୍ର ବରାଳ ଓ ସମିତିସଭ୍ୟା ତିଳୋତମା ବରାଳଙ୍କ ଝିଅ ସମୀକ୍ଷା ବରାଳ (୧୭)। ସେ ଜାରକାସ୍ଥିତ ଏକ ଘରୋଇ ସ୍କୁଲରେ ପଢୁଥିବା ବେଳେ ଚଳିତ ଥର ସେ +୨ କଳାର ଶେଷ ବର୍ଷ ପରୀକ୍ଷାଦେଇ ତୃତୀୟ ଶ୍ରେଣୀରେ ପାସ କରିଥିଲେ। ତେବେ କୌଣସି କାରଣରୁ ନିଜ ଘରେ ବେକରେ ରଶି ଲଗାଇ ସିଲିଂ ଫ୍ୟାନରେ ଝୁଲି ପଡିଥିଲେ। ପରିବାର ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଡାକ୍ତରଖାନାରେ ଭର୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ଧର୍ମଶାଳା ପୁଲିସ ଡାକ୍ତରଖାନାରେ ପହଁଚି ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହକୁ ଜବତ କରି ବଡଚଣା ଡାକ୍ତରଖାନା ପଠାଇ ଘଟଣାର ତଦନ୍ତ ଚଳାଇଛି।

# ସ୍କାନ ପକ୍ଷରୁ ବିଶ୍ୱ ଆଦିବାସୀ ଦିବସ ପାଳିତ



ସମ୍ବଲପୁର (ପିଏନ୍): ସୋସିଆଲ ଏଣ୍ଡ କଲଚରାଲ ଏଡଭାନ୍ସ ନେଟୱାର୍କ (ସ୍କାନ) ପକ୍ଷରୁ ଦୁର୍ଗାପାଲି ସ୍ଥିତ ଖଡିଆପଡ଼ା କଲ୍ୟାଣ ମଣ୍ଡପଠାରେ ବିଶ୍ୱ ଆଦିବାସୀ ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଶ୍ରମ, ନିଯୁକ୍ତି ଓ ରାଜ୍ୟ କର୍ମଚାରୀ ବୀମା ବିଭାଗୀୟ ମନ୍ତ୍ରୀ ଶ୍ରୀକାନ୍ତ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଆଦିବାସୀମାନଙ୍କ ଉନ୍ନତି ନିମନ୍ତେ ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ। ପୂର୍ବତନ ବିଧାୟିକା ଡକ୍ଟର ରାସେଶ୍ୱରୀ ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅନ୍ୟତମ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ ଯୋଗ ଦେଇଥିଲେ। ସ୍କାନର ଅଧକ୍ଷ ସୁଧାଂଶୁ ଶେଖର ମହାରଣା ସଭା ପ୍ରାରମ୍ଭରେ ଅତିଥିମାନଙ୍କ ପରିଚୟ ପ୍ରଦାନ ପୂର୍ବକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଶ୍ରମ ଓ ନିଯୁକ୍ତି ମନ୍ତ୍ରୀ ଦୁର୍ଗାପାଲି ଗ୍ରାମ୍ୟ ରାସ୍ତାର ଦୁଇ ପାର୍ଶ୍ୱରେ ଚାରା ରୋପଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମସ୍ତ ଅତିଥିମାନଙ୍କ ସହ ସ୍କାନର ସଦସ୍ୟଗଣ ଏବଂ ଖଡିଆପଡ଼ା ଓ ଦୁର୍ଗାପାଲି ଗ୍ରାମବାସୀମାନେ ମିଳିତ ଭାବେ ୧୫୦ ଚାରା ରୋପଣ କରିଥିଲେ। ଏଥିରେ ଆମ୍ବ, ନିମ୍ବ, ଜାମୁ, ବେଲ, କୃଷ୍ଣଚୂଡ଼ା ପ୍ରଭୃତି ଚାରା ରୋପଣ କରାଯାଇଥିବା ବେଳେ ଏହାର ରକ୍ଷଣାବେକ୍ଷଣ ନିମନ୍ତେ 'ସ୍କାନ' ପକ୍ଷରୁ ସ୍ଥାନୀୟ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସମଲେଶ୍ୱରୀ ଟ୍ରଷ୍ଟବୋର୍ଡର ସଭାପତି ସଞ୍ଜୟ ବାବୁ, ବିଜୁ ଜନତାଦଳ ମହାନଗର ସଭାପତି ପ୍ରଫୁଲ୍ଲ ଦାସ, ବିଜୁ ଯୁବ ଜନତା ଦଳର ସାଧାରଣ ସମ୍ପାଦକ ହୀରାଲାଲ ବେହେରା, ଜିଲ୍ଲା ଓବିସି ମଂଚ ଆବାହକ ସରୋଜ ସାହୁ, ଡକ୍ଟର ସଂଯୁକ୍ତା ମେହେର, ତ୍ରିବେଣୀ ପଣ୍ଡା, ଶାନ୍ତି କର ପ୍ରମୁଖ ଉପସ୍ଥିତ ଥିଲେ। ଦୁର୍ଗାପାଲି ଗ୍ରାମର ବରିଷ୍ଠ ନାଗରିକ ଦ୍ୱାରିକା ପ୍ରସାଦ ମିଶ୍ର, ରମେଶ ଚନ୍ଦ୍ର ସେଠ, ଚୈତନ୍ୟ ମେହେର, ଜୟମଙ୍ଗଳ ସାହୁ, ଯୋଗେଶ୍ୱର ବନଛୋର, ରାଜାରାମ ବାରିକ, ଜହର ମଣ୍ଡଳ, ରାଧେଶ୍ୟାମ ବାରିକ, ଆଲୋକ ମିଶ୍ର, ଡମ୍ବରୁ ଖଡିଆ, ଗୋପୀ ଖଡିଆ ପ୍ରମୁଖଙ୍କ ସହଯୋଗରେ ସ୍କାନ ଅନୁଷ୍ଠାନର କାର୍ଯ୍ୟକ୍ରମ ସଂଯୋଜକ ସୂର୍ଯ୍ୟକୁମାର ପଣ୍ଡା, ଜିତେନ୍ଦ୍ର ପାତ୍ର, ପ୍ରଦ୍ୟୁମ୍ନ ସେଠୀ, ଅମ୍ବୁଜ ନାଏକ, ଚିତରଂଜନ ପଣ୍ଡା, ଦିନରଂଜନ ଦାସ କାର୍ଯ୍ୟକ୍ରମକୁ ସଫଳ କରିଥିଲେ। ଶେଷରେ 'ସ୍କାନ'ର ସଂପାଦକ କୁଳଶେଖର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



# କେନ୍ଦ୍ରାପଡାରେ କ୍ରାନ୍ତୀ ଦିବସ ପାଳିତ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଗରାପୁର ଡାକବଙ୍ଗଳା ପରିସରରେ ଗାନ୍ଧୀ ପଦଯାତ୍ରା ସ୍ମୃତି ପରିଷଦ ପକ୍ଷରୁ ଅଗଷ୍ଟକ୍ରାନ୍ତୀ ଦିବସ ପାଳିତ ହୋଇଯାଇଛି। ପ୍ରଥମେ ଡାକବଙ୍ଗଳା ସମ୍ମୁଖରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୂହିକ ମାର୍ଲାର୍ପଣ କରାଯାଇଥିଲା। ଏହି ଉପଲକ୍ଷେ ପରିଷଦର ସଭାପତି ଭଜକୃଷ୍ଣ ରାଉତଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ପୂର୍ବତନ ବିଧାୟିକା ଡଃ. ସିପ୍ରା ମଲ୍ଲିକ, ଜିଲ୍ଲା ପରିଷଦ ସଭାପତି ଗିତାଞ୍ଜଳୀ ସେଠୀ, ନଗରପାଳ ସରିତା ସାହୁ, ପ୍ରାଧାପକ ନନ୍ଦ କିଶୋର ପରିଡା, କେନ୍ଦ୍ରାପଡା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଧାପକ ଅଜୟ ସାମଲ, ଡଃ. ବାସୁଦେବ ଦାସ ପ୍ରମୁଖ ଯୋଗଦେଇ ୧୯୪୨ମସିହାରେ ମହାତ୍ମା ଗାନ୍ଧୀଙ୍କ ଡାକରାରେ ସମଗ୍ର ଭାରତ ବର୍ଷର ଲୋକମାନେ ବ୍ୟାପକ ଗଣ ଆନ୍ଦୋଳନ କରିବା ଫଳରେ ବ୍ରିଟିସ ସରକାର ଭାରତ ଛାଡିବାକୁ ବାଧ ହୋଇଥିଲା। ମହାତ୍ମା ଗାନ୍ଧୀଙ୍କ ବାର୍ତ୍ତାର ପ୍ରଭାବ କିଭଳି ସମଗ୍ର ଭାରତବାସୀଙ୍କୁ ଉଦ୍‌ବୁଦ୍ଧ କରିଥିଲା ସେ ସମ୍ପର୍କରେ ବକ୍ତାମାନେ ବିସ୍ତୃତ ଭାବେ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ୭ନମ୍ବର ଜିଲ୍ଲା ପରିଷଦ ସଭ୍ୟା ମଧୁଛନ୍ଦା ମହାନ୍ତି, ୫ନମ୍ବର ଜିଲ୍ଲା ପରିଷଦ ସଭ୍ୟ ରଶ୍ମୀରଞ୍ଜନ ରାଉତ,କେନ୍ଦ୍ରାପଡା ବ୍ଲକ ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର, ପୂର୍ବତନ ବ୍ଲକ ଅଧକ୍ଷ ଦୁର୍ଗାଶିଷ ମହାନ୍ତି, ପ୍ରଦୀପ୍ତ ମହାନ୍ତି, ପୂର୍ବତନ ନଗରପାଳ ଧିରେନ ସାହୁ, ବ୍ଲକ ବିଜେଡି ସଭାପତି ଆଲୋକ ସାହୁ, କରୁଣାକର ଦାସ, ଶିବ ପ୍ରସାଦ ଭଳ, ବିଜେଡି ରାଜ୍ୟ ସମ୍ପାଦକ ରଞ୍ଜିତ କୁମାର ସାହୁ, ଦୁଷ୍ମନ୍ତ ମଲିକ,ବିଜେଡି ନଗର ଆଇଟି ସେଲର ଦେବେନ୍ଦ୍ର ଦାସ, ମହାକାଳପଡା ବିକାଶ ମଞ୍ଚର ସଭାପତି କାଶିନାଥ ରାଉତରାୟ, ଅମୀୟ ନାୟକ, ବୈଷ୍ଣବ ସ୍ୱାଇଁ, ରଞ୍ଜନ ସାହୁ, ପ୍ରମୋଦ ପ୍ରଧାନ ପ୍ରମୁଖ ଯୋଗଦେଇ ଅଗଷ୍ଟ କ୍ରାନ୍ତି ଦିବସ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଆଗାମୀ ଦିନରେ କେନ୍ଦ୍ରାପଡା ଜିଲ୍ଲାର ବିକାଶ ପାଇଁ ପ୍ରଫେସର ପରିଡା ଓ ଅଧାପକ ସାମଲ ପ୍ରମୁଖ କେନ୍ଦ୍ରାପଡାରେ ମେଡିକାଲ କଲେଜ, ବିଶ୍ୱ ବିଦ୍ୟାଳୟ ଓ କୃଷି ବିଶ୍ୱ ବିଦ୍ୟାଳୟ ପ୍ରତିଷ୍ଠା ଏବଂ କେନ୍ଦ୍ରାପଡା ରେଳପଥରେ ଯାତ୍ରୀବାହୀ ରେଳ ଚଳାଚଳ କରିବା ନିମନ୍ତେ ସମସ୍ତଙ୍କୁ ଏକଜୁଟ ହୋଇ ଦାବି ହାସଲ କରିବାକୁ ଆହ୍ୱାନ ଦେଇଥିଲେ। ପୂର୍ବତନ ବିଧାୟିକା ଡଃ. ମଲ୍ଲିକ ଓ ସାହିତ୍ୟିକ ଡଃ. ଦାସ ସରକାରଙ୍କ ନିକଟରେ ଏହି ବାର୍ତ୍ତା ପହଞ୍ଚାଇବାକୁ ଜନଜାଗରଣ ସୃଷ୍ଟି ଉପରେ ଗୁରୁତ୍ୱାରୋପ କରିଥିଲେ। ସ୍ମୃତି କମିଟି ସଂଯୋଜକ ଡଃ. ଗଦାଧର ମଲ୍ଲିକ ଓ ଆବାହକ ରାଜେଶ ପଣ୍ଡା ସଭାପରିଚାଳନା କରିଥିଲେ। କେନ୍ଦ୍ରାପଡା ବିଧାୟକ ଶଶି ଭୂଷଣ ବେହେରା ଏକ ଜରୁରୀ କାର୍ଯ୍ୟରେ ବ୍ୟସ୍ତ ଥିବାରୁ ସଭାର ସଫଳତା କାମନା କରି ଏକ ବାର୍ତ୍ତା ପଠାଇଥିଲେ। ଶେଷରେ କପାଳେଶ୍ୱର ପଞ୍ଚାୟତର ପୂର୍ବତନ ସରପଞ୍ଚ ଗାୟତ୍ରୀ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

## କ୍ରାନ୍ତି ଦିବସରେ କଂଗ୍ରେସ ପକ୍ଷରୁ ଗାନ୍ଧୀ ମୂର୍ତ୍ତିରେ ମାଲ୍ୟାର୍ପଣ

କେନ୍ଦ୍ରାପଡ଼ା (ପିଏନ୍): ପବିତ୍ର ଅଗଷ୍ଟ ୯କ୍ରାନ୍ତି ଦିବସ ଉପଲକ୍ଷେ କେନ୍ଦ୍ରାପଡାର ଗରାପୁର ଡାକବଙ୍ଗଳା ଛକସ୍ଥିତ ଗାନ୍ଧୀ ମୂର୍ତ୍ତି ଓ କେନ୍ଦ୍ରାପଡା ପୌରାଞ୍ଚଳ ଅନ୍ତର୍ଗତ ପୁରୁଣା ବସଷ୍ଟାଣ୍ଡ, ଇଛାପୁର ଆର.ଡି ଅଫିସ ଛକ, ଭାସ୍କର ଟକିଜ ସନ୍ନିକଟ ଓ କଂଗ୍ରେସ ଭବନ ସ୍ଥିତ ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ସାମୁହିକ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି ଅବସରରେ ମହାତ୍ମା ଗାନ୍ଧୀଙ୍କ କର ବା ମର ଆହ୍ୱାନକୁ ସ୍ମରଣ କରିବା ସହ ରାଜ୍ୟ ତଥା ଦେଶର ପୁନଃ ନିର୍ମାଣ ପାଇଁ ଶପଥ ଗ୍ରହଣ କରାଯାଇଥିଲା। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା ସାମ୍ବିଧାନିକ ତଥା ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ପାଇଁ ଦେଶବାସୀ ଆଉ ଏକ ମହାସଂଗ୍ରାମ ଆବଶ୍ୟକତା ଅଛି ବୋଲି ମତବ୍ୟକ୍ତ କରିଥିଲେ। ନିଖିଳ ଭାରତ କଂଗ୍ରେସ କମିଟି ଆହ୍ୱାନରେ ଅଗଷ୍ଟ ୧୪ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡା ଜିଲ୍ଲାର ସମସ୍ତ ନିର୍ବାଚନ ମଣ୍ଡଳୀରେ ଭାରତ ସ୍ୱାଧିନତାର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ପ୍ରସ୍ତାବିତ ସ୍ୱାଧିନତା ସ୍ମାରକୀ ପଦଯାତ୍ରା ସଫଳତାର ସହ କାର୍ଯ୍ୟକାରୀ କରିବାକୁ ଶ୍ରୀ ବେହେରା କଂଗ୍ରେସ କର୍ମୀମାନଙ୍କୁ ନିବେଦନ କରିଥିଲେ। ଏହି କାର୍ଯ୍ୟକ୍ରମରେ କଂଗ୍ରେସ ନେତା ପ୍ରଫୁଲ ଦାସ, ଆକବର ଅଲ୍ଲୀ, ପ୍ରଦୀପ ମହାନ୍ତି, ମୁକ୍ତାର ଖାଁ, ଚିତ୍ରସେନ ପରିଡା, ସଂଜୟ ରାଉତ, ଯୁବକଂଗ୍ରେସ ନେତା ରତିକାନ୍ତ ସାମଲ, ଧରଣୀ ଧର ସୁଆର, ନଳୀନି କାନ୍ତ ମହାନ୍ତି, ନରେଶ ଜେନା, ରଜନୀ କାନ୍ତ ନାୟକ, ଗୌତ୍ତମ ପ୍ରଧାନ, ଶେଖ୍ ସରାଫତ, ଶେଖ୍ ହବୋ, ଶେଖ୍ ବାବୁ ପ୍ରମୁଖ ସାମିଲ ହୋଇଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Pragyan Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ରାଇରଙ୍ଗପୁର ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଅଗ୍ନିକାଣ୍ଡ : ୨କୋଟିରୁ ଅଧିକ ମୂଲ୍ୟର ସମ୍ପତି ନଷ୍ଟ

ବାରିପଦା, (ପିଏନ)- ମୟୂରଭଞ୍ଜ ଜିଲ୍ଲା ରାଇରଙ୍ଗପୁର ପୌରପରିଷଦର ବଜାର ଗୋଲେଇ ଛକ ନିକଟରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର ସପିଂ ମଲରେ ଗତ ବୁଧବାର ରାତି ପ୍ରାୟ ୩ଟା ପାଖାପାଖି ଅଗ୍ନିକାଣ୍ଡ ଘଟିଥିଲା । ଖବର ପାଇ ବାମନଘାଟି ଉପଖଣ୍ଡସ୍ଥିତ ଏକ ଦମକଳ ଗାଡ଼ି ୪ଟା ପାଖାପାଖି ପହଁଚି ନିଆଁକୁ ଆୟତ କରିବାକୁ ଉଦ୍ୟମ ଚଳାଇଥିବା ସମୟରେ ଗାଡ଼ିରେ ପାଣି ଶେଷ ହୋଇଯାଇଥିଲା । ଏହାପରେ ଅନ୍ୟ ଗାଡ଼ିଗୁଡ଼ିକ ପହଁଚିବା ନିମନ୍ତେ ପ୍ରାୟ ଏକ ଘଂଟାରୁ ଅଧିକ ବିଳମ୍ବ କରିଦେଇଥିବାରୁ ନିଆଁ ସମସ୍ତ ଚାରିଆଡ଼େ ମାଡ଼ି ଯାଇଥିଲା । ପରବର୍ତି ସମୟରେ ପ୍ରାୟ ୯ରୁ ଅଧିକ ଦମକଳ ଗାଡ଼ି ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ କରିବା ନିମନ୍ତେ ଆପ୍ରାଣ ଉଦ୍ୟମ ଚଳାଇଥିଲେ । ପ୍ରାୟ ୫ ଘଂଟାରୁ ଅଧିକ ସମୟ ଧରି ଅଗ୍ନିଶମ ବିଭାଗର କର୍ମଚାରୀମାନଙ୍କ ମିଳିତ ଉଦ୍ୟମ ପରେ ନିଆଁକୁ ଆୟତ କରାଯାଇ ପାରିଥିଲା । ସପିଂ ମଲରେ ଥିବା ଫ୍ରେଣ୍ଡସ୍ କର୍ଣ୍ଣର, ଫ୍ରେଣ୍ଡସ୍ ଏମ୍ପୋରିଆଲ, ଫ୍ରେଣ୍ଡସ୍ ଡ଼ିପାଟମେଂଟାଲ, ଫ୍ରେଣ୍ଡସ୍ ୟୁଟିଲିଟି ଓ ଫ୍ରେଣ୍ଡସ୍ ଗାର୍ମେଂଟ ଆଦି ୫-ଟି ବ୍ୟବସାୟ ପ୍ରତିଷ୍ଠାନରେ ଥିବା ଷ୍ଟେସନାରୀ ଓ ଗିଫ୍ଟ ସାମଗ୍ରୀ, କପଡ଼ା, ଇଲେକ୍ଟ୍ରୋନିକ୍ସ ସାମଗ୍ରୀ, ଫ୍ରିଜ୍, ଟିଭି, ମୋବାଇଲ ଆଦି ସମସ୍ତ ଜିଲିଷପତ୍ର ସହ ଆସବାବପତ୍ର ପୋଡ଼ି ସମ୍ପୂର୍ଣ୍ଣ ନଷ୍ଟ ହେବା ସହିତ ସପିଂ ମଲ୍ କୋଠାଟି ପୋଡ଼ି ଯାଇଥିଲା । ଫଳରେ ମଲରେ ଥିବା ରତନ ରାମ, ମନୋହର ରାମ, ଉମେଶ ରାମ, ଅଜୟ ରାମ ଓ ରିତେଶ ରାମ ପ୍ରମୁଖ ବ୍ୟବସାୟୀମାନଙ୍କର ପ୍ରାୟ ୨ କୋଟିରୁ ଅଧିକ ମୂଲ୍ୟର ଜିନିଷପତ୍ର ଓ ଆସବାବପତ୍ରଗୁଡ଼ିକ ଆଖି ସମ୍ମୁଖରେ ପୋଡ଼ି ପାଉଁଶ ପାଲଟି ଯାଇଥିଲା ।

# ଜନଶକ୍ତି ପାର୍ଟି ପକ୍ଷରୁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର

କେନ୍ଦ୍ରାପଡା (ପିଏନ)- ଜନଶକ୍ତି ପାର୍ଟି ପକ୍ଷରୁ କରୋନା ମହାମାରୀ ସମୟରେ ରାଜ୍ୟରେ ସ୍ୱାସ୍ଥ୍ୟସେବା ବିପର୍ଯ୍ୟସ୍ତ ହୋଇ ପଡିଥିବା ଅଭିଯୋଗ କରାଯାଇଛି । ଉଦାହରଣ ସ୍ବରୁପ କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ୬୨ ଟି ଡାକ୍ତର ପଦବୀ ମଧ୍ୟରୁ ମାତ୍ର ୨୩ ଜଣ ଡାକ୍ତର ଅଛନ୍ତି । ଅନେକ ସମୟରେ ଡାକ୍ତରମାନେ ବେସରକାରୀ ଭାବେ ଚିକିତ୍ସା କରୁଥିବାରୁ ଗରିବ ଅସହାୟ ଲୋକ ମାନଙ୍କୁ ପ୍ରକୃତ ଚିକିତ୍ସା କରାନଯାଇ କଟକ ବଡ ଡାକ୍ତରଖାନାକୁ ପଠାଇ ଦିଆଯାଉଛି । ଗରିବ ଲୋକଟି ଆମ୍ବୁଲାନସ ସୁବିଧାରୁ ମଧ୍ୟ ବଂଚିତ ହେଉଛି । ସେହିପରି କେନ୍ଦ୍ରାପଡା ସରକାରୀ ଡାକ୍ତରଖାନାରେ ପର୍ଯ୍ୟାପ୍ତ ସଂଖ୍ୟକ ବେଡ ନାହିଁ ଏବଂ ଯାହା କିଛି ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୁରୁଣା ଓ ନଷ୍ଟ ହୋଇ ଯାଇଛି । ୨.୯୦ କି.ମି ବାଟ ଟ୍ରଲିରେ ବୁହା ହୋଇ ଆସିଥିବା ଅସହାୟ ମହିଳାଙ୍କ ମୃତ୍ୟୁର ପ୍ରକୃତ ତଦନ୍ତ କରାଗଲେ ଓଡିଶାରେ ସ୍ୱାସ୍ଥ୍ୟସେବାର ପ୍ରକୃତ ଚିତ୍ର ପଦାକୁ ଆସିପାରିବ । ସେହି ପରିବାରର ଜଣଙ୍କୁ ସରକାରୀ ଚାକିରୀ ପ୍ରଦାନ କରାଯାଉ । ଓଡିଶାରେ ବିଭିନ୍ନ ଖାଉଟି ସାମଗ୍ରୀ ଓ ପନିପରିବାର ଅହେତୁକ ଦର ବୃଦ୍ଧି ଜନ ସମାଜକୁ ବ୍ୟଥିତ କରୁଛି । ଏହାର ନିରାକରଣ ନିମନ୍ତେ ଉଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ବୋଲି ଜନଶକ୍ତି ପାର୍ଟି ପକ୍ଷରୁ ଦାବୀ କରାଯାଇଛି । ଜନଶକ୍ତି ପାର୍ଟିର ରାଜ୍ୟ ସଭାପତି ଆଡଭୋକେଟ ପ୍ରଦୀପ କୁମାର ଦାଶ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକ ପତ୍ର ସହକାରୀ ଜିଲ୍ଲାପାଳ ଶିବ ମଲ୍ଲିକଙ୍କୁ ପ୍ରଦାନ କରିଛନ୍ତି ।

# ଚୋରୀ ମାମଲାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ଉଠାଇନେଇଛି

କେନ୍ଦ୍ରାପଡା, (ପିଏନ)- କେନ୍ଦ୍ରାପଡା ସହରର ସଟରତାଡି ଚୋରୀ କରିବା ଓ ମହିଳା ବିଜେଡି ସଭାନେତ୍ରୀଙ୍କ ଘରୁ ଝରକା ରେଲିଂ ତାଡି ଚୋରୀ କରିବା ଘଟଣାରେ ଜିଲ୍ଲା ପୋଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଜଣକୁ ସନ୍ଦେହରେ ଉଠାଇ ନେଇ କୌଣସି ଏକ ଅଜଣା ସ୍ଥାନରେ ରଖି ପଚରାଉଚୁରା କରୁଥିବା ଜଣାପଡିଛି । ପୋଲିସ ଉଠାଇ ନେଇଥିବା ସଂପୃକ୍ତ ବ୍ୟକ୍ତି ହେଉଛନ୍ତି ଟାଉନ ଥାନା ଅନ୍ତର୍ଗତ ରଣପଡା ଗ୍ରାମର ସେକ ବାବୁ ।

# ଓଡ଼ିଶା ସରକାରଙ୍କ ବିଶ୍ୱବିଦ୍ୟାଳୟ ସଂସ୍କାର ବିରୋଧରେ ପ୍ରଧାନମନ୍ତ୍ରୀଙ୍କୁ ସ୍ମାରକପତ୍ର ପ୍ରଦାନ

ବାରିପଦା, (ପିଏନ)- ଓଡ଼ିଶାରେ ବିଶ୍ୱବିଦ୍ୟାଳୟଗୁଡ଼ିକରେ ସଂସ୍କାର ଆଣିବା ନିମନ୍ତେ ଗତ ସେପ୍ଟେମ୍ବର ୪ରେ ପ୍ରକାଶିତ ଅଧ୍ୟାଦେଶ ସଂଖ୍ୟା ୮୨୧୯-ଆଇ-ଲେଗିସି- ୩୫/ ୨୦୨୦/ ଏଲକୁ ବିରୋଧ କରି ମୟୂରଭଞ୍ଜ ସିଟିଜେନ ଫୋରମ୍, ମୟୂରଭଞ୍ଜ ସାହିତ୍ୟ ପରିଷଦ ପ୍ରମୁଖ ସଙ୍ଗଠନ ସହ ଜିଲ୍ଲାର ବୁଦ୍ଧିଜୀବୀଗଣ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ପ୍ରକାଶିତ ଅଧ୍ୟାଦେଶ ଅନୁଯାୟୀ ରାଜ୍ୟରେ ଥିବା ସମସ୍ତ ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକ ନିଯୁକ୍ତି ଏଣିକି ବିଶ୍ୱବିଦ୍ୟାଳୟ ସ୍ତରରେ କୁଳପତିଙ୍କ ଅଧ୍ୟକ୍ଷତାରେ ନହୋଇ ଓଡ଼ିଶା ପବ୍ଲିକ ସର୍ଭିସ୍ କମିଶନଙ୍କ ଦ୍ୱାରା କରାଯିବ । ଯାହାକୁ ନେଇ ବିବାଦ ଦେଖାଦେଇଛି । ବିଶ୍ୱବିଦ୍ୟାଳୟ ଏକ ସ୍ୱୟଂଚାଳିତ ଶିକ୍ଷା ଅନୁଷ୍ଠାନ । ଉହା ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ଆର୍ଥିକ ସହଯୋଗରେ ପରିଚାଳିତ ହୋଇଥାଏ । ଏହାର ଆସିଷ୍ଟାଂଟ ପ୍ରଫେସର, ଆସୋସିଏଟ ପ୍ରଫେସର, ପ୍ରଫେସର ନିଯୁକ୍ତି ପ୍ରକ୍ରିୟା ଭାରତ ସରକାରଙ୍କ ସ୍ୱତନ୍ତ୍ର ଅନୁଷ୍ଠାନ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ନିର୍ଦ୍ଦିଷ୍ଟ ନୀତି, ମାର୍ଗଦର୍ଶୀକା ଅନୁଯାୟୀ ହୋଇଥାଏ । ସେହିପରି ବିଶ୍ୱବିଦ୍ୟାଳୟଗୁଡ଼ିକରେ ଶିକ୍ଷକମାନଙ୍କର ଚାକିରୀରୁ ଅବସର, ପଦୋନ୍ନତି, ପରିତ୍ୟାଗ, ବୀଦେଶ ଗମନ, ଅନ୍ୟ ବିଶ୍ୱବିଦ୍ୟାଳୟରେ ଯୋଗଦାନ ଆଦି କାରଣରୁ ପ୍ରତ୍ୟେକ ବର୍ଷ ବହୁ ପଦବୀ ଖାଲିପଡ଼ିଥାଏ । ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ ନୀତି ଓ ମାର୍ଗଦର୍ଶୀକା ଅନୁଯାୟୀ ସମ୍ପୃକ୍ତ ବିଶ୍ୱବିଦ୍ୟାଳୟରେ କୁଳପତିଙ୍କ ଅଧ୍ୟକ୍ଷତାରେ ପରିଚାଳିତ ଶିକ୍ଷକ ନିଯୁକ୍ତି ଚୟନ କମିଟି ତତ୍କାଳ ଏହାର ନିଯୁକ୍ତି ପ୍ରକ୍ରିୟା ଶେଷ କରି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା ବାତାବରଣକୁ ରକ୍ଷା କରିପାରିଥାଏ । ବିଶ୍ୱବିଦ୍ୟାଳୟ ସମାଜର ସର୍ବୋଚ୍ଚ ସମ୍ମାନୀୟ ଜ୍ଞାନ ଓ ଗବେଷଣାର ପବିତ୍ର କ୍ଷେତ୍ର ହୋଇଥିବା ସମୟରେ କୁଳପତି ମଧ୍ୟ ସର୍ବୋଚ୍ଚ ସମ୍ମାନୀୟ ବ୍ୟକ୍ତି ଅଟନ୍ତି । ବିଶ୍ୱବିଦ୍ୟାଳୟମାନଙ୍କରେ ଶିକ୍ଷକ ନିଯୁକ୍ତି ପ୍ରକ୍ରିୟା ଓଡ଼ିଶା ପବ୍ଲିକ ସାର୍ଭିସ କମିଶନଙ୍କ ଦ୍ୱାରା ପରିଚାଳିତ ହେଲେ ଖୋଲା ଖୋଲି ଭାବରେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ(ୟୁଜିସି)ର ଶିକ୍ଷକ ନିଯୁକ୍ତି ପ୍ରକ୍ରିୟାର ନୀତି ଓ ମାର୍ଗଦର୍ଶୀକାକୁ ଉଲ୍ଲଙ୍ଘନ କରାଇବ । ପୁଣି ଓପିଏସସି ଦ୍ୱାରା ନିଯୁକ୍ତି ପ୍ରକ୍ରିୟା ଶେଷ କରିବା ଅସମ୍ଭବ ଅଟେ । ଫଳରେ ଶିକ୍ଷକ ଅଭାବ ଜନିତ ପରିସ୍ଥିତି ହେତୁ ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଓ ଗବେଷଣା କ୍ଷେତ୍ରରେ ବିଭିନ୍ନ ସମସ୍ୟା ସୃଷ୍ଟିହେବା ସାଙ୍ଗକୁ ଅଶାନ୍ତ ବାତାବରଣର କାରଣ ପାଲଟି ଯିବ । ପୁଣି କୁଳପତି ପରି ସର୍ବୋଚ୍ଚ ପଦବୀର ଅମର୍ଯ୍ୟାଦା ହୋଇ ତାହା ପ୍ରଶାସନ ଓ ଅମଲାତନ୍ତ୍ରର ଖେଳନା ହୋଇଯିବ । ଏଥି ସହିତ ବିଶ୍ୱବିଦ୍ୟାଳୟର ଚରମ ଅଧୋଗତି ହେବ ବୋଲି ଦର୍ଶାଇ ମୟୁରଭଞ୍ଜ ସିଟିଜେନ ଫୋରମ ସଭାପତି ପୂର୍ଣ୍ଣଚନ୍ଦ୍ର ବୁଗୁଡ଼େଇ, ଓଡ଼ିଆ ଜାଗରଣ ମଂଚର ସଭାପତି ଶରତ ଚନ୍ଦ୍ର ନାୟକ, ମୟୂରଭଞ୍ଜ ସାହିତ୍ୟ ପରିଷଦର ସଭାପତି ପଦ୍ମନାଭ ସାହୁ ପ୍ରମୁଖଙ୍କ ସମେତ ଜିଲ୍ଲାରୁ ବହୁ ମାନ୍ୟଗଣ୍ୟ ବ୍ୟକ୍ତି, ବୁଦ୍ଧିଜୀବୀ ସ୍ୱାକ୍ଷର ସମ୍ବଳିତ ଏକ ସ୍ମାରକପତ୍ର ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପ୍ରଦାନ କରିଥିବା ବେଳେ ଏହାର ନକଲ ଭାରତ ସରକାରଙ୍କ ଶିକ୍ଷାମନ୍ତ୍ରୀ, ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗର ଚେୟାରମ୍ୟାନ ଓ ସେକ୍ରେଟେରୀ, ଓଡ଼ିଶା ରାଜ୍ୟପାଳ, ମୁଖ୍ୟମନ୍ତ୍ରୀ, ଓଡ଼ିଶା ସରକାରଙ୍କ ଉଚ୍ଚଶିକ୍ଷା ମନ୍ତ୍ରୀ, ମୟୂରଭଞ୍ଜ ଲୋକସଭା ସାଂସଦ ପ୍ରମୁଖଙ୍କୁ ପ୍ରଦାନ କରାଯାଇଛି ।

# ବିଜୁଳି ଓ ରାସ୍ତାରୁ ବଂଚିତ ଚନ୍ଦନପୁର ଜେନାସାହି ଗ୍ରାମବାସୀ

## ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବାକୁ ଚେତାବନୀ

କେନ୍ଦ୍ରାପଡା, (ପିଏନ)- ସ୍ୱାଧିନତାର ୭୪ ବର୍ଷ ପରେ ମଧ୍ୟ ଗ୍ରାମବାସୀ ମାନେ ଗାଁକୁ ଯିବାକୁ ରାସ୍ତା ପାଉ ନଥିବା ବେଳେ ଗ୍ରାମ୍ୟ ବିଦ୍ୟୁତକରଣ ଯୋଜନା ସାତ ସପନ ହୋଇ ରହିଛି । ରାସ୍ତା ନଥିବାରୁ ବର୍ଷ ସାରା ପାଣି କାଦୁଅରେ ପଶି ବିଲ ଭିତରେ ନିଜ ଘରକୁ ଯାଉଥିବା ଭଳି ଏକ ବାସ୍ତବ ଚିତ୍ର କେନ୍ଦ୍ରାପଡା ବ୍ଲକ ଅଧିନ କଂସାର ପଂଚାୟତର ଚନ୍ଦନପୁର ଗ୍ରାମର ଜେନାସାହିରେ ଦେଖିବାକୁ ମିଳୁଛି । ଚନ୍ଦନପୁର ଗ୍ରାମର ପଡା ଗ୍ରାମରେ ରହୁଥିବା ପ୍ରାୟ ୨୦ଟି ପରିବାର ରାସ୍ତା ଓ ଆଲୋକ ପାଇଁ ଅଭିଶପ୍ତ ଜୀବନ ବିତାଉଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । କେନ୍ଦ୍ରାପଡା ଟାଉନରୁ ମାତ୍ର ୭ କିମି ଦୂରରେ ଅବସ୍ଥିତ ଏହି ଗ୍ରାମର ଅବସ୍ଥା ଆଖିରେ ନଦେଖିଲେ ବିଶ୍ୱାସ କରିହେବ ନାହିଁ । ନିର୍ବାଚନ ସମୟରେ ଭୋଟ୍ ପାଇଁ ପ୍ରଚାର କରିବାକୁ ଆସୁଥିବା ନେତା ମାନେ ରାସ୍ତା ଏବଂ ଆଲୁଅ ଯୋଗାଇ ଦେବା ପାଇଁ ପ୍ରତିଥର ଗ୍ରାମବାସୀଙ୍କୁ ପ୍ରତିଶୃତି ଦେଉଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ପାଣିର ଗାର ହୋଇ ରହିଛି । ସ୍ଥାନୀୟ ସରପଂଚ ପ୍ରଦ୍ୟୁମ୍ନ ଜେନା ଏହି ସମସ୍ୟାର ସମାଧାନ ପାଇଁ ବାରମ୍ବାର ଉଦ୍ୟମ କରିଥିଲେ ମଧ୍ୟ ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ଓ ବିଦ୍ୟୁତ୍ ବିଭାଗର ଅସହଯୋଗ କାରଣରୁ ସ୍ଥାନୀୟ ବାସିନ୍ଦା ଦହଗଞ୍ଜ ଭୋଗୁଥିବା ଜଣାପଡିଛି । ଏହି ଗ୍ରାମରେ ରହୁଥିବା ପ୍ରାୟ ୨୦ ଘର ଦଳିତ ସଂପ୍ରଦାୟର ପରିବାର ନିଜର ମୌଳିକ ସୁବିଧା ପାଇବା ପାଇଁ ଆପତି ଅଭିଯୋଗ କଲେ ମଧ୍ୟ କେହି ଶୁଣିବାକୁ ନାହାନ୍ତି । ନିର୍ବାଚିତ ପ୍ରତିନିଧି ମାନେ ଭୋଟ୍ ପାଇବା ପରେ ଦ୍ୱିତୀୟ ଥର ପାଇଁ ଗାଁ ଭିତରେ ପାଦ ପକାଉ ନଥିବା ଗ୍ରାମବାସୀ ମାନେ ଅଭିଯୋଗ କରିଛନ୍ତି । ଏହି ଗ୍ରାମବାସୀ ମାନଙ୍କୁ ଯାତାୟତ ପାଇଁ ରାସ୍ତା, ଆଲୋକ ଓ ପାନୀୟ ଜଳ ଯଥା ଶିଘ୍ର ପ୍ରଶାସନ ପକ୍ଷରୁ ଯୋଗାଇ ଦିଆ ନଗଲେ ଏହି ଦଳିତ ସଂପ୍ରଦାୟର ବ୍ୟକ୍ତିମାନେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

# ପାରାଦୀପ ପୋର୍ଟ ଡିଏଲଆର ସଂଘର ନୂତନ କର୍ମକର୍ତ୍ତା ମନୋନୀତ : ପ୍ରକାଶ ତ୍ରିପାଠୀ ନୂତନ ସଭାପତି

ପାରାଦୀପ : ପାରାଦୀପ ବନ୍ଦରରେ ଦୀର୍ଘ ବର୍ଷ ହେବ ଅବହେଳିତ ଅବସ୍ଥାରେ କାର୍ଯ୍ୟ କରି ଆସୁଥିବା ପାରାଦୀପ ବନ୍ଦର ର ଡିଏଲଆର ଓ ଚୁକ୍ତି ଭିତ୍ତିକ ଶ୍ରମିକମ ମାନଙ୍କ ସ୍ୱାର୍ଥ ରକ୍ଷା ଲାଗି ଗଠିତ ପାରାଦୀପ ପୋର୍ଟ ଡିଏଲଆର ଆଣ୍ଡ କଣ୍ଟ୍ରାକ୍ଟ ୱାର୍କମେନ ଆସୋସିଏସନ ର ଏକ ବଡ ଧରଣର ନେତୃତ୍ୱ ପରିବର୍ତ୍ତନ ଘଟିଛି କ୍ଷ ଏହି କ୍ରମରେ ବୁଧବାର ସନ୍ଧ୍ୟାରେ ସ୍ଥାନୀୟ ନୂତନ କଲ୍ୟାଣୀ ମଣ୍ଡପ ଠାରେ ଆସୋସିଏସନ ର ଏକ ନେତୃତ୍ୱ ପରିବର୍ତ୍ତନ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା କ୍ଷ ଏଥିରେ ଉପସ୍ଥିତ ଶତାଧିକ ଡିଏଲଆର ସଭ୍ୟ ଓ ସଭ୍ୟା ସେମାନଙ୍କର ଉଜ୍ୱଳ ଭବିଷ୍ୟତ ଓ ଦୃଢ଼ ନେତୃତ୍ୱ ପାଇଁ ପାରାଦୀପ ପୋର୍ଟ ମଜଦୁର ସଂଘ ର ସଭାପତି ତଥା ବିଶିଷ୍ଟ ଶ୍ରମିକ ନେତା ପ୍ରକାଶ ତ୍ରିପାଠୀ ଙ୍କୁ ସର୍ବସମ୍ମତି କ୍ରମେ ସଭାପତି ଭାବେ ମନୋନୀତ କରିଥିବା ବେଳେ କାର୍ଯ୍ୟକାରୀ ସଭାପତି ଭାବେ ପରେଶ ମୁର୍ମୁ, ସାଧାରଣ ସମ୍ପାଦକ ଭାବେ ଅଭିମନ୍ୟୁ ବେହେରା, ଉପସଭାପତି ସୁବ୍ରତ ପ୍ରଧାନ, ମୁଖ୍ୟ ଉପଦେଷ୍ଟା ସର୍ବ ?ଶ୍ୱର ବଳିୟାରସିଂହ, ଉପଦେଷ୍ଟା ଭାବେ ଶିଶିର କୁମାର ନାୟକ, ଉପ କାର୍ଯ୍ୟକାରୀ ସଭାପତି ଭାବେ ପ୍ରକାଶ ଚନ୍ଦ୍ର ସ୍ୱାଇଁ, ମୁରଲୀଧର ବେହେରା ଓ ସୁରେନ୍ଦ୍ର କୁମାର ବେହେରା, ଉପସଭାପତି ପରମେଶ୍ୱର ଆଚାର୍ଯ୍ୟ, ସହ ସମ୍ପାଦକ ଅନନ୍ତ କୁମାର ମଲ୍ଲିକ ଏବଂ କୋଷାଧକ୍ଷ ଭାବେ ଧ୍ରୁବ ଚରଣ ବେହେରା ପ୍ରମୁଖ ମନୋନୀତ ହୋଇଥିଲେ କ୍ଷ

ଏହି ଅବସରରେ ପ୍ରକାଶ ସ୍ୱାଇଁ ଙ୍କ ସଭାପତିତ୍ୱ ରେ ଆୟୋଜିତ ସାଧାରଣ ସଭାରେ ଡିଏଲଆର କର୍ମଚାରୀ ମାନେ ସେମାନଙ୍କ ଅଭାବ, ଅସୁବିଧା ଓ ଦୁଃଖ ବିଷୟରେ ଚିତ୍ରଣ କରି ନିଜ ହକ ହାସଲ ପାଇଁ ଶ୍ରୀ ତ୍ରିପାଠୀ ଙ୍କ ନେତୃତ୍ୱରେ ଜୋରଦାର ସଂଗ୍ରାମ ଜାରି ରଖିବାକୁ ଆହ୍ୱାନ ଦେଇଥିଲେ କ୍ଷ ଏହି ଅବସରରେ ଆସୋସିଏସନ ର ନୂତନ ସଭାପତି ପ୍ରକାଶ ତ୍ରିପାଠୀ ଡିଏଲଆର କର୍ମଚାରୀ ଙ୍କ ଦୁଃଖ ଦୁର୍ଦ୍ଦଶା ଦୂର ପାଇଁ ସମସ୍ତେ ଏକାଠି ହୋଇ ସଂଗ୍ରାମ କଲେ ନିଶ୍ଚିତ ସଫଳତା ମିଳିବ ବୋଲି ଦୃଢୋକ୍ତି ପ୍ରକାଶ କରିଥିଲେ କ୍ଷ କିଛି ଛଦ୍ମବେଶି ନେତା ଙ୍କ ବ୍ୟକ୍ତିଗତ ଫାଇଦା ପାଇଁ କିପରି ଡିଏଲଆର ମାନେ ଦୀର୍ଘ ବର୍ଷ ହେବ ଅବହେଳିତ ଓ ଶୋଷିତ ହୋଇଛନ୍ତି ସେ ବିଷୟରେ କ୍ଷୋଭ ର ସହ କହିବା ସହିତ ବର୍ତ୍ତମାନ ଡବଲ ଇଞ୍ଜିନ ସରକାରରେ କର୍ମଚାରୀ ଙ୍କ ସମସ୍ୟା ସମାଧାନ ର ନିଶ୍ଚିତ ବାଟ ଫିଟିବ ବୋଲି ଶ୍ରୀ ତ୍ରିପାଠୀ କହିଥିଲେ କ୍ଷ ସେହିପରି ଅନ୍ୟତମ ବରିଷ୍ଠ ଶ୍ରମିକ ନେତା ଅଭିମନ୍ୟୁ ବେହେରା ବିଭିନ୍ନ ଶ୍ରମ ନିୟମ ବିଷୟରେ ଅନଭିଜ୍ଞ ନେତା ମାନଙ୍କ ଦ୍ୱାରା ପାରାଦୀପ ରେ ଶ୍ରମିକ ମାନେ କିପରି ଶୋଷିତ ଓ ପ୍ରତାରିତ ହେଉଛନ୍ତି ସେ ବିଷୟରେ ଉଲ୍ଲେଖ କରିବା ସହ ପାରାଦୀପ ଡିଏଲଆର କର୍ମଚାରୀ ଙ୍କ ସମସ୍ୟା ସମାଧାନ ଦିଗରେ ବହୁ ଆଇନ ରହିଛି ଏବଂ ଏହାର ସଠିକ ତର୍ଜମା ହେବା ଆବଶ୍ୟକ ବୋଲି କହିଥିଲେ ।

# ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ପାଳିତ

ନୂଆପଡା, (ପିଏନ)- ନୂଆପଡା ଜିଲ୍ଲା ଖଡିଆଳ ସ୍ୱୟଂଶାସିତ କଲେଜ ଠାରେ ଯୁବ ରେଡକ୍ରସ ଓ ୱାଟର କ୍ଲବ ତରଫରୁ ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସ ଗୁରୁବାର ପାଳିତ ହୋଇଯାଇଛି । ପ୍ରଥମେ ମହାବିଦ୍ୟାଳୟ ସମ୍ମୁଖରେ ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ମାନଙ୍କୁ ନେଇ ଯୁବ ରେଡକ୍ରସ ପରାମର୍ଶଦାତା ଡଃ ତରୁଣ କୁମାର ପ୍ରଧାନ ହସ୍ତ ପ୍ରକ୍ଷାଳନର ବିଭିନ୍ନ ନିୟମ ଦର୍ଶାଇଥିଲେ । ଏଥିରେ ଡିନ୍ ପ୍ରମୋଦ କୁମାର ସାହୁ ମୁଖ୍ୟ ଅତିଥି ଭାବରେ ଯୋଗଦାନ କରି ସାବୁନ ଓ ଜଳ ଦ୍ୱାରା ହସ୍ତ ପ୍ରକ୍ଷାଳନ କରି ବିଭିନ୍ନ ରୋଗ ଓ ଭୂତାଣୁ ଠାରୁ ନିଜକୁ ରକ୍ଷା କରିପାରିବା ବୋଲି ପ୍ରକାଶ କରିଥିଲେ । ପରେ କଲେଜ ଅଧ୍ୟକ୍ଷା ଅନୁପମା ପାଢୀଙ୍କ ଅଧ୍ୟକ୍ଷତାରେ ଏକ ଭର୍ଚୁଆଲ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ଅଧ୍ୟକ୍ଷା ଓ ରେଡକ୍ରସ ପରାମର୍ଶଦାତା ବିଶ୍ୱ ହସ୍ତ ପ୍ରକ୍ଷାଳନ ଦିବସର ମହତ୍ୱ ଉପରେ ଆଲୋକପାତ କରିଥିଲେ । ଯୁବ ରେଡକ୍ରସ ସ୍ୱେଚ୍ଛାସେବୀ ସଂସ୍କୃତି ବାବୁ ହସ୍ତ ପ୍ରକ୍ଷାଳନର ନିୟମ ଓ ଅନୁଶୀଳନ ଉପରେ ପାୱାର ପାଏ ମାଧ୍ୟମରେ ବକ୍ତବ୍ୟ ରଖିଥିଲେ ।

# OFFICE OF THE MUNICIPAL COUNCIL, TALCER

DIST- ANGUL, PIN-759107

Phone No-(06760) 24059 E-mail Id : eotalcher@gmail.com

No.2321/dt.05.09.24

## SHORT TENDER CALL NOTICE

Sealed Tenders are invited in percentage rate bid system conformity with detail tender call notice to the following works from the registered contractors of Talcher Municipality, The Tender paper sale & receipt will be during the office hour on payment of paper cost (non refudable) as indicated against each work from dt 05.09.2024 to 17.09.2024 upto 1.00 PM and will be opened same day at 3.00 PM in the presence of tenderer of their authorized agent EMD shall be made in shape of NSC/BD/KVP/ Fix Deposits duly pledged in favour of the Executive Officer, Talcher Municipality @1% of the estimated amount. The original EMD Money Receipt of Tender Paper cost shall be attached with the tender paper failing which the tender shall not be taken into consideration. The copy of upto date contractor incense GSTIN certificate or affidavit, ITCC must be submitted wit the tender paper and the original should be produced at the time of opening the tender paper. The tenders are requested to drop the sealed tender document in the tender box available in the office chamber of the Executive Officer, Talcher Municipality. The receipt of tender document beyond the schedule date of time/postal belay will not entertained. The authority reserves the right to reject any or all the tenders without any reason thereof

| Sl No. | Name the work | Estimated Cost (Rs.) | Cost of EMD (1%) | Cost of T.P. | Class of Contractor | Period of Completion |
|---|---|---|---|---|---|---|
| 1 | Supplying & layingof metal sub-base at W.No.1 of Talcher Mnicipality | 190000 | 1900 | 600 | Municipal Contractor | 15 days |
| 2 | Minor repair works [illegible] Bada Bazar in W.No.5 | [illegible] | 1905 | 600 | Municipal Contractor | 15 days |
| 3 | Renovation of CC culvert & drain in front of Bada Bazar West side in W.No.5 | 199900 | 1999 | 600 | Municipal Contractor | 15 days |
| 4 | Renovation of CC culvert & drain in front of Bada Bazar East side in W.No.6 | 199900 | 1999 | 600 | Municipal Contractor | 15 days |
| 5 | Const. of Paver block road inside Mangala Mandir in Ward No.19 | 186600 | 1868 | 600 | Municipal Contractor | 15 days |
| 6 | Laying of Slab at different places of Talcher Municipality, W.No.1 to 5 | 177000 | 1770 | 600 | Municipal Contractor | 15 days |
| 7 | Laying of Slab at different places of Talcher Municipality, W.No.6 to 10 | 196000 | 1960 | 600 | Municipal Contractor | 15 days |
| 8 | Laying of Slab at different places of Talcher Municipality, W.No 11 to 15 | 177000 | 1770 | 600 | Municipal Contractor | 15 days |
| 9 | Laying of Slab at different places of Talcher Municipality, W.No.16 to 21 | 196000 | 1960 | 600 | Municipal Contractor | 15 days |
| 10 | Estimate for the work - Wall painting in front of Aahar Centre in W.No.11 | 116400 | 1164 | 600 | Municipal Contractor | 15 days |
| 11 | Const. of Paver Block road at Vending Zone Area, Ward No.15 | 96000 | 960 | 400 | Municipal Contractor | 15 days |
| 12 | Laying of slab at different places of W.No.15 (Hatatota road) | 156900 | 1569 | 600 | Municipal Contractor | 15 days |
| 13 | Repair of CC road in front of Prajamandal Bhawan in W.No.15 | 175900 | 1759 | 600 | Municipal Contractor | 15 days |
| 14 | Const. of CC drain near Arya Vihar in W.No.12 | 132000 | 1320 | 600 | Municipal Contractor | 15 days |
| 15 | Wall painting of different ward's of Talcher Municipality | 185000 | 1850 | 600 | Municipal Contractor | 15 days |
| 16 | Const. of CC drain from Kiran Pattanayak house towards Dhatini Pattanayak house in W.No.19 | 192000 | 1920 | 600 | Municipal Contractor | 15 days |
| 17 | Renovation of CC road & drain near Julu Mishra house in W.No.12 | 135000 | 1350 | 600 | Municipal Contractor | 15 days |
| 18 | Supplying & laying of metal sub-base from in front of Crematorium (Titu panda boundary) to Papu Nana house (via Jagannath Bhutia house) in W.No.16 | 199600 | 1996 | 600 | Municipal Contractor | 15 days |
| 19 | Renovation of CC road from Mohan Sahu house to Krushna Naik house in W.No.9 | 82700 | 827 | 400 | Municipal Contractor | 15 days |
| 20 | Const. of Paver block road at Kamana Mandir in W.No.5 | 199000 | 1990 | 600 | Municipal Contractor | 15 days |
| 21 | Interior modification work of CC TV Control Room at Ist floor office building Talcher Municipality | 187800 | 1878 | 600 | Municipal Contractor | 15 days |
| 22 | Const. of Additional room inside Masjid premises in W.No.1 | 199900 | 1999 | 600 | Municipal Contractor | 15 days |
| 23 | Renovation of work for Model Police Station at Talcher, Phase-I | 191100 | 1911 | 600 | Municipal Contractor | 15 days |
| 24 | Renovation of work for Model Police Station at Talcher, Phase-II | 198900 | 1989 | 600 | Municipal Contractor | 15 days |
| 25 | Renovation of work for Model Police Station at Talcher, Phase-III | 166900 | 1669 | 600 | Municipal Contractor | 15 days |
| 26 | Renovation of work for Model Police Station at Talcher, Phase-IV | 177000 | 1770 | 600 | Municipal Contractor | 15 days |
| 27 | Renovation of Municipal Quarter at Town Hall premises | 127800 | 1278 | 600 | Municipal Contractor | 15 days |
| 28 | Const. of culvert near Akhandalamani Temple in W.No.3 (East side) | 195800 | 1958 | 600 | Municipal Contractor | 15 days |
| 29 | Const. of culvert near Akhandalamani Temple in W.No.3 (West side) | 195800 | 1958 | 600 | Municipal Contractor | 15 days |
| 30 | Renovation of urinal at W.No.7 | 43100 | 431 | 400 | Municipal Contractor | 15 days |
| 31 | Renovation of CC drain near Kali Temple at Hatatota in W.No.15 | 192000 | 1920 | 600 | Municipal Contractor | 15 days |
| 32 | Const. of CC road near Durga Madhabir house at Birabarapalli in W.No.1 | 197000 | 1970 | 600 | Municipal Contractor | 15 days |
| 33 | Const. of CC road & drain slab near Ghodasala Gate in W.No.1 | 194200 | 1942 | 600 | Municipal Contractor | 15 days |

Executive Officer
Talcher Municipality

୨୬ତମ ପ୍ରତିଷ୍ଠା ଦିବସ ସମାରୋହ

ଖେଳ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବର କାଗଜ

# ପର୍ଯ୍ୟବେକ୍ଷକ

Bhubaneswar Friday September 06 2024 ଭୁବନେଶ୍ୱର ଶୁକ୍ରବାର, ସେପ୍ଟେମ୍ବର ୦୬,୨୦୨୪ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com 

## ଜିଲ୍ଲାସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ-୨୦୨୪ ଅନୁଷ୍ଠିତ

ଭବାନୀପାଟଣା,(ପି.ଏନ): ସ୍ଥାନୀୟ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ ପଡିଆରେ କଳାହାଣ୍ଡି ଜିଲ୍ଲା ସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହ-୨୦୨୪ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାର ଅଧ୍ୟକ୍ଷତା କରିଥିବା ବେଳେ କଳାହାଣ୍ଡି ସାଂସଦ ମାଳବିକା ଦେବୀ, ଜିଲ୍ଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର ସିଂଦେଓ, ଜୁନାଗଡ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, କଳାହାଣ୍ଡି ଜିଲ୍ଲାପାଳ ସଚ୍ଚିନ ପାୱାର ପ୍ରକାଶ, ଭବାନୀପାଟଣା ଭାରପ୍ରାପ୍ତ ଉପ ଜିଲ୍ଲାପାଳ ଜୟଦେବ ଦାଶ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ହଳଧର ନିଆଲ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବୀରେନ୍ଦ୍ର କହଁର, କଳାହାଣ୍ଡି ସାଂସଦ ପ୍ରତିନିଧି ଜୟଶଙ୍କର ନାଏକ, ଭବାନୀପାଟଣା ବ୍ଲକ ଅଧ୍ୟକ୍ଷ ପ୍ରଫୁଲ୍ଲ କୁମାର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇ ପବିତ୍ର ଗୁରୁଦିବସ ପାଳନ ର ତାତ୍ପର୍ଯ୍ୟ ଉପରେ ଉଲ୍ଲେଖ କରି ଗୁରୁ ଶିଷ୍ୟ ର ପବିତ୍ର ସମ୍ପର୍କ ର ପରମ୍ପରା କୁ ବଜାଇ ରଖିବା ସହିତ ଛାତ୍ରଛାତ୍ରୀ ମାନେ ଭଲ ପାଠ ପଢି ଭଲ ମଣିଷ ହେବା ସହିତ ସେବା



ମନୋଭାବ ନେଇ ସମସ୍ତେ କାର୍ଯ୍ୟ କରିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ଗତ ଦଶମ ଶ୍ରେଣୀ ପରୀକ୍ଷାରେ ଜିଲ୍ଲାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୧୭ଜଣ ଛାତ୍ରଛାତ୍ରୀଙ୍କୁ ଡିଷ୍ଟ୍ରିକ୍ଟ ଏକାଡେମିକ୍ ଏୱାର୍ଡ ସ୍ୱରୂପ ୧୦ହଜାର ଟଙ୍କାର ପୁରସ୍କାର ରାଶି ହିସାବରେ ମୋଟ ୧୧ଲକ୍ଷ ୭୦ହଜାର ଟଙ୍କା, ସମସ୍ତ ବ୍ଲକରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୧୩୧୮ଜଣ ଛାତ୍ରଛାତ୍ରୀଙ୍କୁ ବ୍ଲକ ଏକାଡେମିକ୍ ଏୱାର୍ଡ ସ୍ୱରୂପ ୫ହଜାର ଟଙ୍କାର ପୁରସ୍କାର ରାଶି ହିସାବରେ ମୋଟ ୬୫ଲକ୍ଷ ୯୦ହଜାର ଟଙ୍କା, ଓଡ଼ିଆ ବିଷୟରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ୪୫ଜଣ ଛାତ୍ରଛାତ୍ରୀଙ୍କୁ ଓଡିଆ ଭାଷା ବୃତ୍ତି ସ୍ୱରୂପ ୭ହଜାର ୫ଶହ ଟଙ୍କା ହିସାବରେ ମୋଟ ୩ଲକ୍ଷ ୩୭ହଜାର ୫ଶହ ଟଙ୍କା ପ୍ରଦାନ କରାଯାଇଥିଲା। ସମସ୍ତ ଛାତ୍ରଛାତ୍ରୀଙ୍କୁ ଟ୍ରଫି ଓ ପ୍ରମାଣପତ୍ର ମଧ ଦିଆଯାଇଥିଲା। ଜିଲ୍ଲାର ଅବସରପ୍ରାପ୍ତ କୃତୀ ଶିକ୍ଷକ ଓ ପ୍ରଧାନଶିକ୍ଷକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ମଞ୍ଚ ପରିଚାଳନା କରିଥିଲେ ଶିକ୍ଷକ ଡିଲେଶ୍ୱର ରଣା, ଶିକ୍ଷୟତ୍ରୀ ଶ୍ରୁତି ସିଲଭା ପଣ୍ଡା, ବର୍ଷାରାଣୀ ତ୍ରିପାଠୀ। ଧନ୍ୟବାଦ ଅର୍ପଣ କରିଥିଲେ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପବିତ୍ର ମୋହନ ସାହୁ। ପରେ ପରେ ଭୁବନେଶ୍ୱରର ଲୋକସେବା ଭବନରୁ ରାଜ୍ୟ ସ୍ତରୀୟ ଗୁରୁଦିବସ ଉତ୍ସବ ଏବଂ ବିଦ୍ୟାର୍ଥୀ ସମ୍ବର୍ଦ୍ଧନା ସମାରୋହର ସିଧା ପ୍ରସାରଣ ପ୍ରଦର୍ଶନ କରାଯାଇଥିଲା। ମୋ ସ୍କୁଲ ସଂଯୋଜକ ପ୍ରଶାନ୍ତ କୁମାର ନନ୍ଦ ଓ ଉଚ୍ଚ ମାଧମିକ ଶିକ୍ଷା ସଂଯୋଜକ ବୀରେନ୍ଦ୍ର ଆଚାର୍ଯ୍ୟଙ୍କ ତତ୍ତ୍ୱାବଧାନରେ ସମଗ୍ର କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା। ଏଥିରେ ୧୩ଟି ବ୍ଲକର ଗୋଷ୍ଠୀ ଶିକ୍ଷା ଅଧିକାରୀ, ସହ ଗୋଷ୍ଠୀ ଶିକ୍ଷା ଅଧିକାରୀ, ଡିଇଓ ଓ ଡିପିସି ଅଫିସର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଆମ ସଂସ୍କୃତି ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବ

ଭୂବନେଶ୍ୱର,(ପି.ଏନ): ସ୍ଥାନୀୟ ସତ୍ୟାନନ୍ଦ ଯୋଗ ବିଦ୍ୟାଳୟରେ ଶ୍ରୀମତୀ ଗୀତା ତ୍ରିପାଠୀ ଓ ତ୍ରିଦିବ ତ୍ରିପାଠୀଙ୍କ ପ୍ରଚେଷ୍ଟା ଓ ତତ୍ତ୍ୱାବଧାନରେ ପ୍ରାଚୀନ ଭାରତୀୟ ସଂସ୍କୃତିର ସଚେତନତା ଓ ପୁନଃଜାଗରଣ ପାଇଁ 'ଆମ ସଂସ୍କୃତି' ପକ୍ଷରୁ କୁଇଜ୍ ଓ ଯୋଗ ପ୍ରତିଯୋଗିତା ରାଜଧାନୀର ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ଏଥିରେ କୃତିତ୍ୱ ଅର୍ଜନ କରିଥିବା ପ୍ରତିଯୋଗୀମାନଙ୍କ ପାଇଁ ବିଦ୍ୟାଳୟ ପରିସରରେ ପୁରସ୍କାର ବିତରଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ ବିଦ୍ୟାଳୟର ନିର୍ଦ୍ଦେଶକ ସ୍ୱାମୀ ସ୍ୱରୂପାନନ୍ଦ ସରସ୍ୱତୀ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନଙ୍କୁ ଯୋଗ କିପରି ଜୀବନକୁ ସୁସ୍ଥ ଓ ସୁନ୍ଦର କରିପାରେ ତା' ଉପରେ ଆଲୋକପାତ କରିଥିଲେ । ବିଦ୍ୟାଳୟର ସଭାପତି ଶ୍ରୀମତୀ ସୁଦତା ପଟ୍ଟନାୟକ ଭାରତୀୟ ସଂସ୍କୃତିର ପ୍ରାଚୀନତା ଓ ବୈଶିଷ୍ଟ୍ୟ , ନୈତିକ ମୂଲ୍ୟବୋଧ ଉପରେ ଆଧାରିତ



ଏବଂ ଏହାକୁ ସୁରକ୍ଷିତ ରଖିବା ଉଚିତ୍ ବୋଲି କହିଥିଲେ। ଶ୍ରୀଯୁକ୍ତ ସଂଜୟ ନନ୍ଦ ଛାତ୍ରଛାତ୍ରୀମାନଙ୍କ ସହିତ ଯୌଗିକ ଜୀବନ ଶୈଳୀ ଓ ପ୍ରାଚୀନ ଭାରତୀୟ ସଂସ୍କୃତିର ଜ୍ଞାନର ଉପାଦେୟତା ବିଷୟରେ ଆଲୋଚନା କରିଥିଲେ । ଆଧୁନିକତାର ସ୍ପର୍ଶରେ ହଜିଆସୁଥିବା ପ୍ରାଚୀନ ଭାରତୀୟ ଜ୍ଞାନ ପ୍ରତି ଉତ୍ସାହ ଓ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ଉକ୍ତ ପ୍ରତିଯୋଗିତା ଗତ ଜୁଲାଇମାସଠାରୁ ଶ୍ରୀମତୀ ଗୀତା ତ୍ରିପାଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ରାଜଧାନୀର ୩୫ଟି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଅନୁଷ୍ଠିତ ହୋଇଥିଲା । ସେମାନଙ୍କ ମଧ୍ୟରୁ ସମୁଦାୟ ୪୬ଜଣ ପୁରସ୍କୃତ ହୋଇଛନ୍ତି । ବରିଷ୍ଠ ବର୍ଗ କୁଇଜ୍‌ରେ ୟୁନିଟ୍ -୧ ସରକାରୀ ଉଚ୍ଚ ବିଦ୍ୟାଳୟର ବିଶ୍ୱଜିତ୍ ନାୟକ, ୟୁନିଟ୍ -୧ସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍‌ର ଆରୋହନ୍ ମହାପାତ୍ର ଓ ଖଣ୍ଡଗିରିସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍‌ର ତନ୍ମୟ ତଥାଗତ ମିଳିତ ଭାବରେ ପ୍ରଥମ ପୁରସ୍କାର ଓ ଯୋଗରେ ବିଜେଇଏମ୍ ସ୍କୁଲ୍‌ର ଅଦିତି ଐଶ୍ୱର୍ଯ୍ୟା ସେଠ୍ ପ୍ରଥମ ପୁରସ୍କାର ଲାଭ କରିଥିଲେ। ଠିକ୍ ସେହିପରି କନିଷ୍ଠ ବର୍ଗରେ ୟୁନିଟ୍ -୧ସ୍ଥିତ ମଦର୍ସ ପବ୍ଲିକ୍ ସ୍କୁଲ୍‌ର ଅନ୍ୱେଷା ମିଶ୍ର ଓ ଯୋଗରେ ଏକନମ୍ବର କେନ୍ଦ୍ରୀୟ ବିଦ୍ୟାଳୟର ମିରା ଜାସ୍‌ମିନ୍ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଆଗାମୀ ବର୍ଷମାନଙ୍କରେ ଅଧିକରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ 'ଆମ ସଂସ୍କୃତି' କାର୍ଯ୍ୟକ୍ରମରେ ସାମିଲ୍ କରିବା ଲକ୍ଷ ବୋଲି ତ୍ରିପାଠୀ ଦମ୍ପତି ମତ ପ୍ରକାଶ କରିଛନ୍ତି ।

## ମୈତ୍ରୀ କମ୍ପାନିର ସପକ୍ଷରେ କହି ବିଡିଓ ହଟହଟା

ଭବାନୀପାଟଣା,(ପି.ଏନ); କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକ ସିଜିମାଳି ଖଣି ଖନନରେ ପ୍ରଭାବିତ ହେବାକୁ ଥିବା ନାକରୁଣ୍ଡି, କୁଟ୍ରୁମାଳି ଓ କେରପାଇ ପଞ୍ଚାୟତବାସୀଙ୍କ ବିରୋଧ ଏବେବି ଜାରି ରହିଛି। ବିକାଶ ନାଁରେ ଭିଟାମାଟିରୁ ହଟାଇବା ପାଇଁ କମ୍ପାନି ହୀନ ଚକ୍ରାନ୍ତ କରୁଛି। ବାରମ୍ବାର ସ୍ଥାନୀୟ ଅଧିବାସୀଙ୍କୁ ମିଥ୍ୟା ମାମଲାରେ ଫସାଇ ନିର୍ଯାତନା ଦେଉଛି ବୋଲି ପ୍ରଭାବିତ ଗ୍ରାମବାସୀ ଅଭିଯୋଗ କରିଆସିଛନ୍ତି। ଆମ ଜଙ୍ଗଲ, ଜମି, ଜଳ କୌଣସି ମତେ କମ୍ପାନିକୁ ଲୁଟିବାକୁ ଦିଆଯିବ ନାହିଁ ବୋଲି ଶପଥ ନେଇଛନ୍ତି। ତେବେ ସୋମବାର ଥୁଆମୂଳ ରାମପୁର ବିଡିଓ ଧ୍ରୁବ ଚରଣ ମୁଦୁଲି ନାକରୁଣ୍ଡି ପଞ୍ଚାୟତରେ ପଞ୍ଚାୟତସ୍ତରୀୟ ଜନଶୁଣାଣି ଶିବିରରେ ଯୋଗଦେବାକୁ ପହଞ୍ଚିଥିଲେ। ସେଠାରେ ୩ଟି ପଞ୍ଚାୟତବାସୀ ପ୍ରବଳ ବିରୋଧ କରିବା ସହ ଦୀର୍ଘ ଦେଢ଼ଘଣ୍ଟା ଧରି ତାଙ୍କୁ ଗାଡ଼ି ଭିତରେ ଅଟକ ରଖିଥିଲେ। ପରେ ଜିଲ୍ଲା ପ୍ରଶାସନର ହସ୍ତକ୍ଷେପରେ ବିଡିଓ ମୁକୁଳିଥିଲେ। ସୂଚନାନୁସାରେ କିଛିଦିନ ତଳେ ଥୁଆମୂଳ ରାମପୁର ବିଡିଓ ଶ୍ରୀ ମୁଦୁଲି କୁଟ୍ରୁମାଳି ଓ କେରପାଇ ଗାଁ ଲୋକଙ୍କୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ କହିଥିଲେ। ସେମାନଙ୍କୁ ଗୁଣପୁର ପଞ୍ଚାୟତ ସାନଭଟାରେ ଥଇଥାନ କରା ?ଯିବବୋଲି ସେ କହିଥିଲେ। ଯାହାକୁ ନେଇ ପ୍ରଭାବିତ ୩ ପଞ୍ଚାୟତର ଲୋକଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଆଜି ବିଡିଓ ଜନଶୁଣାଣିରେ ପହଞ୍ଚିବାରୁ ୩ ପଞ୍ଚାୟତବାସୀ ବିରୋଧ କରିଥିଲେ। ସେଠାରେ ଚାପାଉତ୍ତ ?ଜନା ଦେଖାଯାଇଥିଲା। ବିଡିଓ ମୈତ୍ରୀ କମ୍ପାନିର ସପକ୍ଷରେ ଓକିଲାତି କରିବାରୁ ପ୍ରଭାବିତ ଗ୍ରାମବାସୀ ହଟ୍ଟଗୋଳ କରିଥିଲେ। କେବଳ ସେତିକି ନୁହଁ ପ୍ରଶାସନର ଜନଶୁଣାଣିରେ ବିଭିନ୍ନ ବିଭାଗର କର୍ମଚାରୀ, ଅଧିକାରୀମାନେ ଉପସ୍ଥିତ ରହି ଲୋକଙ୍କ ସମସ୍ୟା ଶୁଣିବା କଥା । କିନ୍ତୁ କେବଳ ଆରଆଇ ଓ ଭିଏଡବ୍ଲ୍ୟୁଙ୍କ ଉପସ୍ଥିତିରେ ଅଭିଯୋଗ ଶୁଣାଣି ଶିବିର କରାଯିବା ନେଇ ମଧ ଅଞ୍ଚଳବାସୀଙ୍କ ଭିତରେ ସନ୍ଦେହ ସୃଷ୍ଟି ହୋଇଥିଲା।

### ଓଡିଶା ବ୍ରିଗେଡ଼ ସୈନିକ ସ୍କୁଲରେ ଗୁରୁ ଦିବସ ପାଳନ ଓ ବୃକ୍ଷ ରୋପଣ ସହ ପୁରସ୍କାର ବିତରଣ ଉତ୍ସବ

ଧାମନଗର (ପି.ଏନ); ପ୍ରତିବର୍ଷ ପରି ଏବର୍ଷ ସେପ୍ଟେମ୍ବର ୫ ତାରିଖ ଭାରତର ପୂର୍ବତନ ରାଷ୍ଟ୍ରପତି ଡ.ସର୍ବପଲ୍ଲୀ ରାଧାକୃଷ୍ଣନଙ୍କ ଜନ୍ମଦିନକୁ ଗୁରୁ ଦିବସ ରୂପେ ପାଳନ କରାଯାଇଛି। ଏହି କ୍ରମରେ ଧାମନଗର ବ୍ଲକ ଓ ଏନ ଏ ସି ଅଞ୍ଚଳର ପୁର ପଲ୍ଲୀରେ ଥିବା ବିଭିନ୍ନ ସରକାରୀ ବିଦ୍ୟାଳୟ ଓ ମହାବିଦ୍ୟାଳୟ ଏବଂ ଘରୋଇ ଶିକ୍ଷାନୁଷ୍ଠାନ ମାନଙ୍କରେ ଭାବ ଓ ଭକ୍ତିର ସହ ଗୁରୁ ପୂଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ସ୍ୱର୍ଗତ ବସନ୍ତ ମହାପାତ୍ରଙ୍କ ଜନ୍ମ ବାର୍ଷିକ ଉପଲକ୍ଷେ ବିଭିନ୍ନ ସରକାରୀ ବେସରକାରୀ ବିଦ୍ୟାଳୟର ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଚିତ୍ରାଙ୍କନ ପ୍ରତିଯୋଗୀତା ସହ କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣ ପତ୍ର ପ୍ରଦାନ କରାଯାଇଛି।

## ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରରେ ଗୁରୁଦିବସ ପାଳନ

ଭୁବନେଶ୍ୱର,(ପି.ଏନ): ସରସ୍ୱତୀ ଶିଶୁ ଜ୍ଞାନ ମନ୍ଦିରରେ ଗୁରୁଦିବସ ପାଳନ କରାଯାଇଥିଲା । ମୁଖ୍ୟ ଅତିଥି ତଥା ସଭାପତି ଶ୍ରୀ ଅବନୀ କୁମାର ତ୍ରିପାଠୀ ଯୋଗ ଦେଇ ଗୁରୁଦିବସର ମହତ୍ତ୍ୱ ଓ ଉର୍ଦ୍ଧ୍ୱଶ୍ୟ ବିଷୟରେ ବ୍ୟକ୍ତ କରିଥିଲେ । ଭାରତର ରାଷ୍ଟ୍ରପତି, ଉପରାଷ୍ଟ୍ରପତି, ଦାର୍ଶନିକ, ଶିକ୍ଷାବିତ ସର୍ବପଲ୍ଲୀ ରାଧାକ୍ରିଷ୍ଣନଙ୍କ ଜନ୍ମଦିନ ଅବସରରେ ଭାରତରେ ସର୍ବତ୍ର ଗୁରୁଦିବସ ପାଳନ କରାଯାଏ ବୋଲି ଭାଷଣ ପ୍ରସଙ୍ଗରେ କହିଥିଲେ । ଅନ୍ୟ ଏକ ଶିକ୍ଷାଧିକରୀ ଶ୍ରୀମତୀ ନମିତ ଘଡେଇ ମହାପାତ୍ର ମଧ ଶିଶୁ ମାନଙ୍କୁ ଗୁରୁଙ୍କ ମାର୍ଗ ଅନୁସରଣ କରିବା ପାଇଁ ଉଦବୋଧନ ଦେଇଥିଲେ ଅର୍ଜୁନ,ଏକଲବ୍ୟ ଓ ଶିବାଜୀଙ୍କ ପିଲାଦିନର କଥା ମନେ ପକେଇ ସେମାନଙ୍କ ଭଳି ଗୁରୁଭକ୍ତ ହେବା ବୋଲି ଶିଶୁ ମାନଙ୍କୁ କହିଥିଲେ । ବିଦ୍ୟାଳୟର ସମସ୍ତ ଛାତ୍ର ଛାତ୍ରୀ ଯୋଗ ଦେଇ ଗୁରୁଜୀ ଓ ଗୁରୁମାଙ୍କୁ ପୂଜନ କରିଥିଲେ। ପ୍ରଧାନ ଗୁରୁଜୀ ଶ୍ରୀ ରବି ଶଙ୍କର ସାହୁ, ଗୁରୁଜୀ ବ୍ରଜ କିଶୋର, ଜ୍ୟୋତି, ଚଞ୍ଚଳା,



ମିନାକ୍ଷୀ, କବିତା, ଅନୁ, ଶୁଭଶ୍ରୀ, ଗୀତା, ସୁମିତା, ପ୍ରିୟଙ୍କା ଓ ଉର୍ମିଳା ଗୁରୁମା ଯୋଗ ଦେଇ ସାହାର୍ଯ୍ୟ ଓ ସହଯୋଗ କରିଥିଲେ । ପରିଶେଷରେ ସମସ୍ତ ଛାତ୍ରଛତ୍ରୀମାନଙ୍କୁ ମିଷ୍ଟାନ୍ନ ବଣ୍ଟନ କରାଯାଇଥିଲା ।

## ଓଡିଶା ଗୋଁଣ୍ଡ ସମାଜ ସମନ୍ୱୟ ସମିତି ବୈଠକରେ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି : ଓଡିଶାରେ ଗୋଁଣ୍ଡ ଭବନ ଅତିଶୀଘ୍ର ହେବ ନିର୍ମାଣ

ଭୂବନେଶ୍ୱର,(ପି.ଏନ): ଭୂବନେଶ୍ୱରସ୍ଥ ୟୁନିଟ୍ -୧ସ୍ଥିତ ମାନ୍ୟବର ପୂର୍ବତନ ଲୋକସଭା ସଦସ୍ୟ ରମେଶ ଚନ୍ଦ୍ର ମାଝୀଙ୍କ ବାସଭବନରେ ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ଅଧ୍ୟକ୍ଷ ଖାମ ସିଂ ମାଝୀ ସଭାପତିତ୍ୱରେ ଓଡିଶା ପ୍ରଦେଶର ଗୋଁଣ୍ଡ ସମାଜର ମିଳିତ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ଗୋଁଣ୍ଡ ସାଂସ୍କୃତିକ ସମାଜ, ଶଡବଂଶୀ ଗୋଁଣ୍ଡ ସମାଜ ଓ ଅଖିଳ ଭାରତୀୟ ଗୋଁଣ୍ଡୱାନା ଗୋଁଣ୍ଡ ମହାସଭାର ବରିଷ୍ଠ ସଦସ୍ୟ ଓ ସଦସ୍ୟାମାନେ ଉପସ୍ଥିତ ଥିଲେ । ଉକ୍ତ ମିଳିତ ବୈଠକରେ ଭୂବନେଶ୍ୱରସ୍ଥିତ ଚନ୍ଦ୍ରଶେଖରପୁରଠାରେ ଓଡିଶା ସରକାରଙ୍କ ଦ୍ୱାରା ସ୍ୱୀକୃତିପ୍ରାପ୍ତ ଗୋଁଣ୍ଡ ସମାଜର ଗୋଁଣ୍ଡ ଭବନ ନିର୍ମାଣ କରିବା ପାଇଁ ମିଳିତ ଭାବେ ସମସ୍ତ ପ୍ରତିନିଧିମାନଙ୍କ ସର୍ବ ସମ୍ମତି କ୍ରମେ ମତ



ପ୍ରକାଶ ପାଇଥିଲା । ରାଜ୍ୟ ସରକାର ଯଥାଶୀଘ୍ର ଏହାର ନିର୍ମାଣ କାର୍ଯ୍ୟ ତ୍ୱରାନ୍ୱିତ କରିବା ପାଇଁ ବୈଠକରେ ଦାବୀ ହୋଇଥିଲା । ଏତଦ୍ ବ୍ୟତୀତ ରାଜ୍ୟରେ ଗୋଁଣ୍ଡ ସମାଜ ସମନ୍ୱୟ ସମିତି ଓଡିଶା ପ୍ରଦେଶ ଗଠନ ପ୍ରସ୍ତାବ ଆଗତ ହୋଇ ସର୍ବ ସମ୍ମତି କ୍ରମେ ଗୃହିତ ହୋଇଥିଲା। ଏହି ବୈଠକରେ ପୂର୍ବତନ ମାନ୍ୟବର ଲୋକସଭା ସଦସ୍ୟ ରମେଶ ଚନ୍ଦ୍ର ମାଝୀ, ପୂର୍ବତନ ବିଧାନସଭା ସଦସ୍ୟ ରମେଶ ଚନ୍ଦ୍ର ସାଏ, ପ୍ରକାଶ ଚନ୍ଦ୍ର ମାଝୀ, ବରିଷ୍ଠ ସଦସ୍ୟ ପୂର୍ଣ୍ଣଚନ୍ଦ୍ର ମହାପାତ୍ର, ହାସ୍ୟ କୁମାର ନାୟକ, ବ୍ରହ୍ମାନନ୍ଦ ନାୟକ, ଭାଗୀରଥି ନାୟକ- ଗୋଁଣ୍ଡ ସାଂସ୍କୃତିକ ସମାଜ, ତପି ମରେଇ- ଶଡବଂଶୀ ଗୋଁଣ୍ଡ ସମାଜ, ପ୍ୟାରୀମୋହନ ନାୟକ, ହେମନ୍ତ ଧୁରୁଆ,ଦମୟନ୍ତୀ ମହାପାତ୍ର, ମିନତୀ ସିଂହ, ରୀନା ମାଝୀ, ସୁକାନ୍ତିବାଳା ନାୟକ, ଚୁଡାମଣୀ ଧୁରୁଆ, ପ୍ରେମାନନ୍ଦ ମାଝୀ ଏବଂ ମୀନକେତନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।




Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray